


ପବିତ୍ର ମହାବିଷୁବ ସଂକ୍ରାନ୍ତି
ଏବଂ ଓଡ଼ିଆ ନୂଆବର୍ଷ ଉପଲକ୍ଷେ
ରାଜ୍ୟବାସୀଙ୍କୁ 'ସକାଳ' ପରିବାର ପକ୍ଷରୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-286 ◆TUESDAY ◆14 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୮୬ ◆ମଙ୍ଗଳବାର ◆୧୪ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ରଣକ୍ଷେତ୍ର ପାଲଟିବ ହର୍ମୁଜ



## ଆମେରିକାର ଦାଦାଗିରି, ଇରାନ ବନ୍ଦରକୁ ଅବରୋଧ


- ଆକ୍ରମଣ ଧମକ ଦେଲା ଇରାନ
- ହର୍ମୁଜରେ ଫସିଛି ୧୫ ଭାରତୀୟ ଜାହାଜ

■ ୱାସିଂଟନ/ତେହରାନ/ ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ଦୀର୍ଘ ଦଶନ୍ଧି ପରେ ଆମେରିକା ଏବଂ ଇରାନ ମଧ୍ୟରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦ୍‌ରେ ଅନୁଷ୍ଠିତ ଐତିହାସିକ ଦ୍ୱିପାକ୍ଷିକ ଆଲୋଚନା ବିଫଳ ହେବା ପରେ ଆରମ୍ଭ ହୋଇଯାଇଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାଦାଗିରି । ହର୍ମୁଜରେ ଅବସ୍ଥିତ ଇରାନର ସମସ୍ତ ବନ୍ଦରକୁ ଅବରୋଧ କରିବା ଲାଗି ଟ୍ରମ୍ପ ଘୋଷଣା କରିବା ପରେ ଏହି ଅଞ୍ଚଳରେ ପୁଣି ଥରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ଇରାନ ବନ୍ଦରକୁ କୌଣସି ଜାହାଜକୁ ଯିବା ଆସିବାକୁ ଦିଆଯିବ ନାହିଁ ବୋଲି ଆମେରିକା ଘୋଷଣା କରିବା ସହିତ ହର୍ମୁଜରେ ସାମରିକ ଜାହାଜ ମୁତୟନ କରିଛି । ଏହି ଅଞ୍ଚଳ ଦେଇ ଇରାନ ବନ୍ଦରକୁ ଯିବା ଆସିବା ସମସ୍ତ ଜାହାଜର ଯାଞ୍ଚ କରିବ ବୋଲି କହିଛି । ▶ପୃଷ୍ଠା-୭

ଭିତର ପୃଷ୍ଠାରେ...


▶▶ ପଞ୍ଚଭୂତରେ ଲୀନ ହେଲେ ଆଶା ଭୋସ୍‌ଲେ
▶▶ ପଶ୍ଚିମବଙ୍ଗ ଭୋଟର ମାମଲାରେ ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମ୍‌କୋର୍ଟ







## ଏଲ୍ ନିନୋ ପ୍ରଭାବ
# ଏଥର କମ୍ ବର୍ଷା

■ ନୂଆଦିଲ୍ଲୀ,୧୩।୪(ଏଜେନ୍ସି): ଚଳିତ ବର୍ଷ ଭାରତରେ ମୌସୁମୀ ବର୍ଷା ସ୍ୱାଭାବିକ୍‌ଠାରୁ କମ୍ ରହିବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗ ସୋମବାର ଏ ନେଇ ସୂଚନା ଦେଇଛି । ଗତ ୩ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ବର୍ଷାର ପରିମାଣ କମିବାକୁ ଯାଉଛି । ଚଳିତ ବର୍ଷ ହାରାହାରି ବର୍ଷାର ୯୨ ପ୍ରତିଶତ ବୃଷ୍ଟିପାତ ହେବା ନେଇ ଅନୁମାନ କରାଯାଉଛି । ସାଧାରଣତଃ ୯୬ରୁ ୧୦୪ ପ୍ରତିଶତ ବର୍ଷାକୁ ସ୍ୱାଭାବିକ୍ ବୋଲି କୁହାଯାଇଥାଏ । ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତି ଜୁନ ମାସ ପରେ ଏଲ୍ ନିନୋରେ ପରିଣତ ହେବାର ସମ୍ଭାବନା ରହିଛି, ଯାହା ମୌସୁମୀ ବାୟୁକୁ ଦୁର୍ବଳ କରିଥାଏ । ଦେଶର ଅଧିକାଂଶ ସ୍ଥାନରେ କମ୍ ବର୍ଷା ହେବାକୁ ଥିବା ବେଳେ, ଉତ୍ତର- ପୂର୍ବ, ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ସ୍ୱାଭାବିକ୍ ବା ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ । ଦେଶର ମୋଟ ବର୍ଷାର ପ୍ରାୟ ୭୦ ପ୍ରତିଶତ ମୌସୁମୀରୁ ହିଁ ମିଳିଥାଏ । ବର୍ଷା କମ୍ ହେଲେ କୃଷି ଉତ୍ପାଦନ ହ୍ରାସ ପାଇବା ସହ ଖାଦ୍ୟଶସ୍ୟ ଦର ବଢ଼ିବା ଆଶଙ୍କା ଥାଏ । ଫଳରେ କମ୍ ବର୍ଷା ଦେଶର ଅର୍ଥନୀତି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ସୃଷ୍ଟି କରିପାରେ । ସାଧାରଣତଃ ଜୁନ୍ ୧ ସୁଦ୍ଧା ମୌସୁମୀ ବାୟୁ କେରଳ ଛୁଇଁ ଥାଏ ସାରା ଦେଶରେ ବ୍ୟାପୀବା ପାଇଁ ୩୦ରୁ ୪୫ ଦିନ ସମୟ ନେଇଥାଏ । ମୌସୁମୀ କେରଳରେ ପହଞ୍ଚିବାର ୧୦ରୁ ୧୨ ଦିନ ମଧ୍ୟରେ, ଅର୍ଥାତ ଜୁନ ୧୦ରୁ ୧୫ ତାରିଖ ମଧ୍ୟରେ ଓଡ଼ିଶାରେ ପ୍ରବେଶ କରିଥାଏ ।

# ମାନସ ଓ ସୁଲତାଙ୍କୁ ଗୁରୁ ଦାୟିତ୍ୱ ଦେଲେ ନବୀନ

- ରାଜ୍ୟସଭାରେ ମାନସ ବିଜେଡି ସଂସଦୀୟ ଦଳ ନେତା
- ସୁଲତାଙ୍କୁ ଉପ ନେତା ଓ ମୁଖ୍ୟ ସଚେତକ ଦାୟିତ୍ୱ





■ ଭୁବନେଶ୍ୱର,୧୩।୪(ସମିସ): ଦଳର ଦୁଇ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ସୁଲତା ଦେଓଙ୍କ ଉପରେ ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ମାନସଙ୍କୁ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ଓ ସୁଲତା ଦେଓଙ୍କୁ ଉପନେତା ତଥା ମୁଖ୍ୟ ସଚେତକ ରୂପେ ନିଯୁକ୍ତି ଦିଆଯାଇଥିବା ସଂକ୍ରାନ୍ତରେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ନବୀନ ଚିଠି ଲେଖି ଅବଗତ କରିଛନ୍ତି । ନିକଟରେ ଶେଷ ହୋଇଥିବା ରାଜ୍ୟସଭା ନିର୍ବାଚନ ପରେ ଦଳର କିଛି ସଂସଦଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଏହି ନୂଆ ନିଯୁକ୍ତି ଦିଆଯାଇଥିବା ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ।





# ଚୁକ୍ତିର ଅତି ନିକଟତର ହୋଇ ମଧ୍ୟ ଦୂରେଇଗଲେ ଆମେରିକା-ଇରାନ

## କାହିଁକି ଫେଲ୍ ମାରିଲା ଜେଡି ଭାନ୍ସଙ୍କ ପାକିସ୍ତାନ ମିସନ୍?



ୱାସିଂଟନ, ୧୩।୪(ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏବେ ସମସ୍ତଙ୍କ ଦୃଷ୍ଟିରେ ରହିଛନ୍ତି। ଭାନ୍ସଙ୍କ ବହୁ ପ୍ରତିକ୍ଷିତ ତଥା ଗୁପ୍ତ ପାକିସ୍ତାନ ଗସ୍ତ କୌଣସି ସକାରାତ୍ମକ ନିଷ୍କର୍ଷ ବିନା ଶେଷ ହୋଇଛି। ଯେଉଁ ଯୁଦ୍ଧକୁ ସେ ବ୍ୟକ୍ତିଗତ ଭାବେ ବିରୋଧ କରୁଥିଲେ, ସେହି ବିବାଦର ସମାଧାନ ପାଇଁ ସେ ପାକିସ୍ତାନ ଯାଇଥିଲେ ହେଁ, ମାତ୍ର ୨୧ ଘଣ୍ଟାର ରହଣି ମଧ୍ୟରେ ଇରାନ ସହ କୌଣସି ସ୍ଥାୟୀ ଚୁକ୍ତି କରିବାରେ ସେ ବିଫଳ ହୋଇଛନ୍ତି। ଫଳରେ ତାଙ୍କର ପାକିସ୍ତାନ ମିଶନ ଫେଲ୍ ମାରିଛି। ପାରମ୍ପରିକ ଉଚ୍ଚସ୍ତରୀୟ ଆଲୋଚନା ପାଇଁ ସପ୍ତାହ ସପ୍ତାହ ଧରି ପ୍ରସ୍ତୁତି କରାଯାଉଥିବା ବେଳେ, ଭାନ୍ସଙ୍କ ଏହି ଗସ୍ତ ମାତ୍ର କିଛି ଦିନ ମଧ୍ୟରେ ଯୋଜନା କରାଯାଇଥିଲା। ଏହି ତରବରିଆ ପଦକ୍ଷେପ ଏବଂ ସ୍ପଷ୍ଟ ରୋଡମ୍ୟାପର ଅଭାବ ଯୋଗୁଁ ଆଲୋଚନାରେ ଅନେକ ବାଧା ସୃଷ୍ଟି ହୋଇଥିଲା। ଇସଲାମାବାଦ୍‌ର କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରାୟ ୧୬ ଘଣ୍ଟା ଧରି ଚାଲିଥିବା ରୁଦ୍ଧଦ୍ୱାର ବୈଠକରେ ଉଭୟ ପକ୍ଷ ମଧ୍ୟରେ ତୀବ୍ର ମତଭେଦ ଦେଖାଦେଇଥିଲା। ଇରାନ ପକ୍ଷରୁ ସେମାନଙ୍କ ଅଟକ ଥିବା ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ସର୍ତ୍ତ ରଖାଯାଇଥିବା ବେଳେ ଆମେରିକା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା। ଭାନ୍ସ ଜଣେ ଶାନ୍ତିବାଦୀ ନେତା ଭାବେ ପରିଚିତ ହୋଇଥିବା ବେଳେ, ଅନ୍ୟପଟେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସର୍ବସାଧାରଣରେ ଇରାନ ବିରୋଧରେ କଠୋର ମନ୍ତବ୍ୟ ଦେବା ଜାରି ରଖିଥିଲେ। ଏହି ବିରୋଧାଭାଷ କାରଣରୁ ଆଲୋଚନା ପ୍ରକ୍ରିୟା ଦୁର୍ବଳ ହୋଇଥିଲା। ଆଲୋଚନା ଶେଷରେ ଗଣମାଧ୍ୟମକୁ ସମ୍ବୋଧିତ କରି ଭାନ୍ସ କହିଥିଲେ ଯେ, ଆମେରିକା ଇରାନ ପାଖରୁ ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ଦୃଢ଼ ପ୍ରତିଶ୍ରୁତି ପାଇବାରେ ବିଫଳ ହୋଇଛି। ସେ ନିଜେ ଏହି ମିଶନର ବିଫଳତାକୁ ସ୍ୱୀକାର କରିବା ସହ ଦେଶକୁ ଫେରିଯାଇଥିଲେ। ଭାନ୍ସଙ୍କ ପାଇଁ ଏହି ଗସ୍ତ ଏକ ବଡ଼ କୂଟନୈତିକ ଆହ୍ୱାନ ଥିଲା। ମାତ୍ର କୌଣସି ସଫଳତା ନ ମିଳିବା ଫଳରେ ଏବେ ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ବଢ଼ିବା ଆଶଙ୍କା ଦେଖା ଦେଇଛି। ଶାନ୍ତି ପ୍ରତିଷ୍ଠା ପାଇଁ କରାଯାଇଥିବା ଏହି ଶେଷ ପ୍ରୟାସ ବିଫଳ ହେବା ପରେ ପଶ୍ଚିମ ଏସିଆର ଭବିଷ୍ୟତ ଏବେ ଅନ୍ଧକାରମୟ ମନେ ହେଉଛି।

## ଆମେରିକାର ଜିଦ୍‌ଖୋର ଆଭିମୁଖ୍ୟକୁ ଦାୟୀ କଲା ଇରାନ



ତେହରାନ, ୧୩।୪(ଏଜେନ୍ସି): ଇସଲାମାବାଦ୍‌ରେ ଅନୁଷ୍ଠିତ ଆମେରିକା ଓ ଇରାନ ମଧ୍ୟରେ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ ମୋଡ଼ରେ ହିଁ ବିଫଳ ହୋଇଛି। ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚିଙ୍କ ଅନୁଯାୟୀ, ଉଭୟ ଦେଶ ଏକ ଐତିହାସିକ ବୁଝାମଣାର ଅତି ନିକଟତର ଥିଲେ ହେଁ ଶେଷ ମୁହୂର୍ତ୍ତରେ ଆମେରିକାର କଠୋର ଆଭିମୁଖ୍ୟ ଯୋଗୁଁ ଏହା ସମ୍ଭବ ହୋଇପାରିଲା ନାହିଁ। ଆରାଘଚି କହିଛନ୍ତି ଯେ, ଇରାନ ସମ୍ପୂର୍ଣ୍ଣ ସଦିଚ୍ଛା ସହ ଆଲୋଚନା ଆରମ୍ଭ କରିଥିଲା। କିନ୍ତୁ 'ଇସଲାମାବାଦ ସମ୍ମତି ପତ୍ର' ସ୍ୱାକ୍ଷର ହେବା ପୂର୍ବରୁ ଆମେରକା ନିଜର ସର୍ତ୍ତଗୁଡ଼ିକ ବଦଳାଇବା ପୂର୍ବରୁ ଅବରୋଧର ନୀତି ଆପଣେଇଥିଲା, ଯାହା ଆଲୋଚନାକୁ ବିଫଳ କରିଦେଇଥିଲା। ଇରାନର ରାଷ୍ଟ୍ରପତି ମାସୁଦ ପେଜେସକିଆନ କହିଛନ୍ତି ଯେ ଯଦି ଆମେରିକା ନିଜର ଏକଚ୍ଛତ୍ରବାଦୀ ମନୋଭାବକୁ ତ୍ୟାଗ କରି ଇରାନର ଅଧିକାରକୁ ସମ୍ମାନ ଦିଏ, ତେବେ ଭବିଷ୍ୟତରେ ବୁଝାମଣା ପାଇଁ ପଥ ପରିଷ୍କାର ହୋଇପାରିବ। ସେ ଇରାନର ବୁଝାମଣାକାରୀ ଦଳର ପ୍ରଶଂସା କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ବନ୍ଦରଗୁଡ଼ିକୁ ସାମୁଦ୍ରିକ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ଏହାର ପ୍ରତିଜବାବ୍‌ରେ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକେର କାଲିବାଫ କହିଛନ୍ତି ଯେ, ଏଭଳି ଧମକର ପ୍ରଭାବ ଇରାନ ଉପରେ ପଡ଼ିବ ନାହିଁ। ଯଦି ଆମେରିକା ଯୁଦ୍ଧ ଚାହେଁ, ତେବେ ଇରାନ ପ୍ରସ୍ତୁତ ଅଛି। ଆଉ ଯଦି ଚୁକ୍ତି ସହ ଆଲୋଚନା କରେ ତେବେ ଇରାନ ମଧ୍ୟ ସେହି ଅନୁଯାୟୀ କାର୍ଯ୍ୟ କରିବ। ଇରାନ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛି ଯେ ସମ୍ମାନଜନକ ସର୍ତ୍ତ ବିନା ସେମାନେ କୌଣସି ଚାପ ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ଏହି ବିବାଦ ଏବେ ମଧ୍ୟପ୍ରାଚ୍ୟରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କାକୁ ବଢ଼ାଇ ଦେଇଛି।

## ହର୍ମୁଜ ପ୍ରଣାଳୀ ଅବରୋଧରେ ସାମିଲ ହେବନି ବ୍ରିଟେନ

ଲଣ୍ଡନ, ୧୩।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଇରାନ ବିରୋଧରେ ଘୋଷଣା କରାଯାଇଥିବା ହର୍ମୁଜ ପ୍ରଣାଳୀର ନୌସେନା ଅବରୋଧରେ ବ୍ରିଟେନ ସାମିଲ ହେବ ନାହିଁ ବୋଲି ସୋମବାର ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମର ସ୍ପଷ୍ଟ କରିଛନ୍ତି। ବିବିସି ରେଡିଓକୁ ସାକ୍ଷାତକାର ଦେଇ ଷ୍ଟାରମର ଏହା ପ୍ରକାଶ କରିଛନ୍ତି। ବ୍ରିଟେନ ଇରାନ ସହିତ କୌଣସି ଯୁଦ୍ଧ ମଧ୍ୟକୁ ଟାଣି ହୋଇ ଯିବାକୁ ଚାହୁଁନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ଅନ୍ୟପକ୍ଷେ, ବ୍ରିଟେନ ଆମେରିକାର ଅବରୋଧ ନିଷ୍ପତ୍ତିଠାରୁ ନିଜକୁ ଦୂରେଇ ରଖିଥିଲେ ମଧ୍ୟ ଏହି ଅଞ୍ଚଳରେ ସାମୁଦ୍ରିକ ସୁରକ୍ଷା ବଜାୟ ରଖିବା ପାଇଁ ନିଜର ବର୍ତ୍ତମାନର କାର୍ଯ୍ୟକଳାପ ଜାରି ରଖିବ। ଏଥିରେ ବିଶେଷ କରି ମାଇନ୍-ସ୍ୱିପିଂ ଏବଂ ଆଣ୍ଟି-ଡ୍ରୋନ୍ ଅଭିଯାନ ରହିଛି। ଏହା ସହିତ ଇରାନ ପକ୍ଷରୁ ଜାହାଜ ଚଳାଚଳ ଉପରେ ଟିକସ ବା ଶୁଳ୍କ ଆଦାୟ କରାଯାଉଥିବା ରିପୋର୍ଟକୁ ମଧ୍ୟ ବ୍ରିଟେନ ଦୃଢ଼ ବିରୋଧ କରିଛି। ହର୍ମୁଜ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ମାର୍ଗ। ଏହି ପଥ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଏବଂ ଏଲଏନଜି ପରିବହନ କରାଯାଇଥାଏ। କିନ୍ତୁ ଯୁଦ୍ଧ ପରିସ୍ଥିତି କାରଣରୁ ବିଶ୍ୱ ବଜାରରେ ଅସ୍ଥିରତା ଦେଖାଦେଇଛି। ତେଲର ମୂଲ୍ୟ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଛି। ଏହି ସମୟରେ, ବ୍ରିଟେନ ପ୍ରଧାନମନ୍ତ୍ରୀ ଷ୍ଟାରମର ପଶ୍ଚିମ ଏସିଆରେ ସାମରିକ ଉତ୍ତେଜନା ହ୍ରାସ କରିବାକୁ ବାରମ୍ବାର ଆହ୍ୱାନ ଦେଇଛନ୍ତି।

## ସିମେଣ୍ଟ ମିକ୍ସର ସହ ଭ୍ୟାନ୍‌ର ମୁହାଁମୁହିଁ ଧକ୍କା; ୧୧ ମୃତ

ଥାଣେ, ୧୩।୪(ଏଜେନ୍ସି): ମହାରାଷ୍ଟ୍ରର ଥାଣେ ଜିଲ୍ଲା ମୁରବାଡ଼ ଅଞ୍ଚଳରେ ସୋମବାର ସକାଳେ ଏଭ ଭୀଷଣ ସଡ଼କ ଦୁର୍ଘଟଣାରେ ଘଟିଛି। ଏକ ଯାତ୍ରୀବାହୀ ଭ୍ୟାନ୍ ଏବଂ ସମେଣ୍ଟ ମିକ୍ସର ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସୋମବାର ସକାଳ ୧୦.୪୫ରେ ଏହି ମର୍ମନ୍ତୁଦ ଦୁର୍ଘଟଣା ମୁରବାଡ଼ର ଗୋଭିଲ ଗ୍ରାମ ନିକଟସ୍ଥ ରାଇତା ପୋଲ ଉପରେ ଘଟିଥିଲା। କଲ୍ୟାଣରୁ ମୁରବାଡ଼ ଅଭିମୁଖେ ଯାଉଥିବା ଏକ ଇକୋ ଭ୍ୟାନ୍ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ସିମେଣ୍ଟ ମିକ୍ସର ଟ୍ରକ ସହ ଧକ୍କା ହୋଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ, ଭ୍ୟାନଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଛି। ଏଥିରେ ୮ ଜଣ ପୁରୁଷ ଏବଂ ୩ ଜଣ ମହିଳାଙ୍କ ସମେତ ୧୧ ଜଣ ପ୍ରାଣ ହରାଇଛନ୍ତି। ଅଧିକାଂଶ ଯାତ୍ରୀ ଘଟଣାସ୍ଥଳରେ ହିଁ ଆଖି ବୁଜିଥିଲେ। ଦୁଇଜଣ ଗୁରୁତର ଆହତଙ୍କୁ ଉଲ୍ଲାସନଗର ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ମୃତଦେହଗୁଡ଼ିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## କାଲିଫର୍ଣ୍ଣିଆ ଜଳପ୍ରପାତରେ ବୁଡ଼ି ଭାରତୀୟ ଇଞ୍ଜିନିୟରଙ୍କ ମୃତ୍ୟୁ

କାଲିଫର୍ଣ୍ଣିଆ, ୧୩।୪(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆରେ ନିଜର ୨୬ତମ ଜନ୍ମଦିନ ପାଳନ କରୁଥିବା ସମୟରେ ଏକ ଜଳପ୍ରପାତରେ ବୁଡ଼ି ଆନ୍ଧ୍ରପ୍ରଦେଶର ଜଣେ ଯୁବ ସଫ୍ଟୱେୟାର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ସିଙ୍ଗିରେଡ୍ଡୀ ସାଇ ଶ୍ରୀହରିକୃଷ୍ଣ ଏବଂ ସେ ଆନ୍ଧ୍ରପ୍ରଦେଶର ପିରିଡି ଗାଁର ବାସିନ୍ଦା ଥିଲେ। ସୂଚନା ଅନୁଯାୟୀ, ଶ୍ରୀହରିକୃଷ୍ଣ ଗତ ଶନିବାର ନିଜ ବନ୍ଧୁମାନଙ୍କ ସହ କାଲିଫର୍ଣ୍ଣିଆର ଏକ ଜଳପ୍ରପାତକୁ ଜନ୍ମଦିନ ପାଳିବାକୁ ଯାଇଥିଲେ। ସେଠାରେ ସେ ପାଣିକୁ ଓହ୍ଲାଇଥିବା ବେଳେ ହଠାତ୍ ପାଣି ଭିତରେ ଥିବା ଭଉଁରୀ ହାବୁଡ଼ରେ ପଡ଼ି ଯାଇଥିଲେ। ତାଙ୍କ ବନ୍ଧୁମାନେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପାଣିର ପ୍ରଖର ସ୍ରୋତ ଯୋଗୁଁ ସେମାନେ ବିଫଳ ହୋଇଥିଲେ। ପରେ ଜରୁରୀକାଳୀନ ସେବା କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ଭାରତ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଟିଡିପି ଦଳର ବିଧାୟକ ଶ୍ରୀ ରଙ୍ଗାରାଓ ଏନେଇ ଆନ୍ଧ୍ରପ୍ରଦେଶ ଏନଆରଆଇ ସଶକ୍ତିକରଣ ମନ୍ତ୍ରୀ କୋଣ୍ଡାପଲ୍ଲୀ ଶ୍ରୀନିବାସଙ୍କ ସହ ଆଲୋଚନା କରିଛନ୍ତି।

## ଧର୍ମଯୁଦ୍ଧ ବନାମ ଶାନ୍ତିର ବାର୍ତ୍ତା
## ଇରାନ ଯୁଦ୍ଧକୁ ନେଇ ଟ୍ରମ୍ପ ଓ ପୋପ୍ ମୁହାଁମୁହିଁ



ୱାସିଂଟନ, ୧୩।୪(ଏଜେନ୍ସି): ଇରାନ ସହ ଚାଲିଥିବା ସଂଘର୍ଷ ଓ ଯୁଦ୍ଧ ଏବେ ଆଧ୍ୟାତ୍ମିକ ବିବାଦ ରୂପ ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଈଶ୍ୱରଙ୍କ ଦ୍ୱାରା ଅନୁମୋଦିତ' ବୋଲି ଦର୍ଶାଇଥିବା ବେଳେ, କ୍ୟାଥୋଲିକ ଚର୍ଚ୍ଚର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଲିଓ (ଏକ୍ସଆଇଭି ଅର୍ଥାତ ୧୪) ଏହାକୁ ଦୃଢ଼ ବିରୋଧ କରିଛନ୍ତି। ଏହି ଘଟଣା ରାଷ୍ଟ୍ରପତିଙ୍କ କ୍ଷମତା ଓ ପୋପ୍‌ଙ୍କ ନୈତିକ ଅଧିକାର ମଧ୍ୟରେ ଏକ ବଡ଼ ଧରଣର ବିବାଦ ସୃଷ୍ଟି କରିଛି। ଟ୍ରମ୍ପ ନିଜର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ଏଆଇ ଜନିତ ଚିତ୍ର ସେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ଜଣେ ବାଇବେଲ ଯୁଗର ପ୍ରଚାରକ ଭାବେ ଚିତ୍ରିତ କରାଯାଇଛି। ସେ ଦାବି କରିଛନ୍ତି ଯେ, ଇରାନ ବିରୋଧରେ ଚାଲିଥିବା ଯୁଦ୍ଧରେ ଭଗବାନ ଆମେରିକା ସହ ଅଛନ୍ତି ଏବଂ ସେ ନିଜକୁ ଈଶ୍ୱରଙ୍କ ଏକ ମାଧ୍ୟମ ଭାବେ ଉପସ୍ଥାପନ କରିଛନ୍ତି। ଅପରପକ୍ଷରେ ପୋପ୍ ଏହି ଯୁଦ୍ଧକୁ ନିନ୍ଦା କରି କହିଛନ୍ତି ଯେ, ଈଶ୍ୱର କୌଣସି ଯୁଦ୍ଧ ବା ସଂଘର୍ଷକୁ ଆଶୀର୍ବାଦ ଦିଅନ୍ତି ନାହିଁ। ସେ ଟ୍ରମ୍ପଙ୍କ ନାମ ନ ନେଇ ଚେତାବନୀ ଦେଇଛନ୍ତି ଯେ, ଯେଉଁମାନଙ୍କ ହାତ ରକ୍ତରେ ଭିଜିଛି, ଭଗବାନ ସେମାନଙ୍କ ପ୍ରାର୍ଥନା ଶୁଣନ୍ତି ନାହିଁ। ପୋପ୍‌ଙ୍କ ଏହି ଆଭିମୁଖ୍ୟ ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି, ଯାହା ଫଳରେ ସେ ପୋପ୍‌ଙ୍କୁ ଜଣେ ଦୁର୍ବଳ ଓ ଉଦାରବାଦୀ ନେତା ବୋଲି କହିବା ସହ ସମାଲୋଚନା କରିଛନ୍ତି। ଆମେରିକାରେ ପ୍ରାୟ ୭୦ ନିୟୁତରୁ ଅଧିକ କ୍ୟାଥୋଲିକ ଭୋଟର ଅଛନ୍ତି। ଆଗାମୀ ନଭେମ୍ବରରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ପୋପ୍ ଏବଂ ରାଷ୍ଟ୍ରପତିଙ୍କ ମଧ୍ୟରେ ଚାଲିଥିବା ଏହି ବାକ୍‌ଯୁଦ୍ଧ କ୍ୟାଥୋଲିକ ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଟ୍ରମ୍ପ ଏହି ଯୁଦ୍ଧକୁ ଏକ ପ୍ରବିତ୍ର ଯୁଦ୍ଧ ବା 'ହୋଲି ୱାର'ର ରୂପ ଦେଇ ନିଜର ଭୋଟବ୍ୟାଙ୍କ ସୁରକ୍ଷିତ କରିବାକୁ ଚେଷ୍ଟା କରିଛନ୍ତି। ରିପୋର୍ଟ ଅନୁଯାୟୀ, ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନର ଅଧିକାରୀମାନେ ଭାଟିକାନ ପ୍ରତିନିଧିମାନଙ୍କୁ ଡାକାଇ ଚର୍ଚ୍ଚକୁ ଆମେରିକା ପକ୍ଷକୁ ନେବାକୁ ଚାପ ପକାଇଥିଲେ। ଏପରିକି ଚର୍ଚ୍ଚ ଉପରେ ସୈନ୍ୟ ବଳ ପ୍ରୟୋଗ କରିବା ଭଳି ଐତିହାସିକ ଉଦାହରଣ ଦେଇ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ଇରାନ ଯୁଦ୍ଧ ଏବେ କେବଳ ସୀମା ମଧ୍ୟରେ ସୀମିତ ନରହି ଏକ ଆଧ୍ୟାତ୍ମିକ ଏବଂ ନୈତିକ ମଞ୍ଚରେ ପହଞ୍ଚିଛି। ପୋପ୍‌ଙ୍କ ଶାନ୍ତି ପାଇଁ ଆହ୍ୱାନ ଓ ଟ୍ରମ୍ପଙ୍କ ଈଶ୍ୱରଙ୍କ ଆଶୀର୍ବାଦ ଦାବି ମଧ୍ୟରେ ବିଶ୍ୱବାସୀ ଏକ ନୂଆ ବିବାଦ ଦେଖିବାର ସୁଯୋଗ ପାଇଛନ୍ତି। ଏହି ବିବାଦ ଅଗାମୀ ଦିନରେ ଆମେରିକାର ଆଭ୍ୟନ୍ତରୀଣ ରାଜନୀତି ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ଗଭୀର ଭାବେ ପ୍ରଭାବିତ କରିବ।

## ଏଆଇ ଚିତ୍ର ପୋଷ୍ଟ କରି ନିଜକୁ ଯୀଶୁ ଖ୍ରୀଷ୍ଟ ଭାବେ ଚିତ୍ରଣ କଲେ ଟ୍ରମ୍ପ



ୱାସିଂଟନ, ୧୩।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ କ୍ୟାଥୋଲିକ ଧର୍ମଗୁରୁ ପୋପ ଲିଓ ମଧ୍ୟରେ ବିବାଦ ଚାଲିଥିବା ବେଳେ ଟ୍ରମ୍ପ ଆଉ ଏକ କାଣ୍ଡ ଘଟାଇଛନ୍ତି। ସେ ନିଜକୁ ଜଣେ ଦୈବୀ ପୁରୁଷ ବା ଯୀଶୁ ଖ୍ରୀଷ୍ଟଙ୍କ ଭଳି ଉପସ୍ଥାପନ କରୁଥିବା ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଚିତ୍ର ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହି ଚିତ୍ରରେ ସେ ଏକ ସ୍ୱତନ୍ତ୍ର ପୋଷାକ ପିନ୍ଧି ସ୍ୱର୍ଗୀୟ ଆଲୋକ ମଧ୍ୟରେ ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ସୁସ୍ଥ କରୁଥିବାର ଦେଖାଯାଇଛି। ତାଙ୍କ ପାଖରେ ଦେବଦୂତ ଓ ସୈନିକମାନେ ଛିଡ଼ା ହୋଇଥିବା ଭଳି ପ୍ରତୀୟମାନ ହେଉଛି। ଏହି ଚିତ୍ର ମାଧ୍ୟମରେ ସେ ନିଜ ଈଶ୍ୱର ପ୍ରତିନିଧି ଭାବେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ପୋପ୍ ଲିଓ ଆମେରିକାର ନୀତିକୁ ସମାଲୋଚନା କରି କହିଥିଲେ ଯେ, ସର୍ବଶକ୍ତିମାନ ହେବାର ଭ୍ରମ ଯୋଗୁଁ ଯୁଦ୍ଧ ବଢ଼ୁଛି। ଏହାର ଜବାବରେ ଟ୍ରମ୍ପ କହିଛନ୍ତି ଯେ, ସେ ପୋପ୍‌ଙ୍କର ଜଣେ ପ୍ରଶଂସକ ନୁହଁନ୍ତି। ସେ ଅଭିଯୋଗ କରିଛନ୍ତି ଯେ ପୋପ୍ ଇରାନକୁ ପରମାଣୁ ଅସ୍ତ୍ର ରଖିବା ପାଇଁ ସୁଯୋଗ ଦେବାକୁ ଚାହୁଁଛନ୍ତି। ଜଣେ ଆମେରିକୀୟ ରାଷ୍ଟ୍ରପତି ଓ ଭାଟିକାନର ପୋପଙ୍କ ମଧ୍ୟରେ ଏଭଳି ପ୍ରତ୍ୟେକ୍ଷ ବାକ୍ ଯୁଦ୍ଧ ପୂର୍ବରୁ କେବେ ଦେଖିବାକୁ ମିଳି ନଥିଲା। ଏହି ଘଟଣା ଅଗାମୀ ଦିନରେ ଆମେରିକା ରାଜନୀତି ଏବଂ ସାରା ବିଶ୍ୱରେ ଥିବା କ୍ୟାଥୋଲିକ୍‌ସମ୍ପ୍ରଦାୟଉପରେକିପ୍ରଭାବପକାଉଛିତାହାଦେଖିବାକୁବାକିରହିଲା।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବିଦାୟ ନେଲେ ଆଶା



ମୁମ୍ବାଇ, ୧୩।୪(ଏଜେନ୍ସି): ଭାରତୀୟ ସଙ୍ଗୀତ ଜଗତର ଅନ୍ୟତମ ଶ୍ରେଷ୍ଠ ସ୍ୱର ଆଶା ଭୋସଲେଙ୍କର ୯୨ ବର୍ଷ ବୟସରେ ପରଲୋକ ଘଟିଛି। ପ୍ରାୟ ୮ ଦଶନ୍ଧିର ଏକ ଅସାଧାରଣ ସଙ୍ଗୀତ ଜୀବନର ଅନ୍ତ ଘଟିଛି। ସୋମବାର ଅପରାହ୍ଣ ୪ଟାରେ ମୁମ୍ବାଇର ଶିବାଜୀ ପାର୍କ ଶ୍ମଶାନରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଆଶାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତ୍ରିରଙ୍ଗାରେ ଆବୃତ କରି ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ରଖାଯାଇଥିଲା। ହଜାର ହଜାର ପ୍ରଶଂସକ ଏବଂ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ପୁଷ୍ପଚକ୍ର ଅର୍ପଣ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର, ଏକନାଥ ସିନ୍ଦେ, ମୁମ୍ବାଇ ମେୟର ରିତୁ ତାୱାଡେ ଏବଂ ଏମଏନଏସ ମୁଖ୍ୟ ରାଜ ଠାକରେଙ୍କ ସମେତ ବହୁ ରାଜନେତା ଉପସ୍ଥିତ ଥିଲେ। ସଙ୍ଗୀତ ଏବଂ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତି ଯଥା ଆମୀର ଖାନ, ଭିକି କୌଶଲ, ହରିହରନ, ଶାନ ଏବଂ ପଦ୍ମିନୀ କୋହ୍ଲାପୁରେ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଅଭିନେତା ରଣବୀର ସିଂ ଏବଂ କ୍ରିକେଟର ମହମ୍ମଦ ସିରାଜ ମଧ୍ୟ ଆଶାଙ୍କ ନାତୁଣୀ ଜାନାଇ ଭୋସଲେଙ୍କୁ ସାନ୍ତ୍ୱନା ଦେଉଥିବା ଦେଖିବାକୁ ମିଳିଥିଲା। ରାଷ୍ଟ୍ରୀୟ ସମ୍ମାନ ପୂର୍ବକ ତାଙ୍କ ଶରୀରରେ ଗୁଡ଼ାଯାଇଥିବା ତ୍ରିରଙ୍ଗାକୁ ତାଙ୍କ ପୁତ୍ର ଆନନ୍ଦ ଭୋସଲେଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ଆଶାଙ୍କ ଅମର ଆତ୍ମାର ସମ୍ମାନାର୍ଥେ ବନ୍ଧୁକ ସଲାମୀ ପ୍ରଦାନ କରାଯାଇଥିଲା। ପରିବାର ସଦସ୍ୟ ଏବଂ ହଜାର ହଜାର ପ୍ରଶଂସକଙ୍କ ଗହଣରେ ଆନନ୍ଦ ମୁଖାଗ୍ନି ଦେଇଥିଲେ। ପଣ୍ଡିତ ଦୀନନାଥ ମଙ୍ଗେଶକରଙ୍କ କନ୍ୟା ଏବଂ ଲତା ମଙ୍ଗେଶକରଙ୍କ ଭଉଣୀ ଆଶା ବଲିଉଡ ସଙ୍ଗୀତର ଏକ ପ୍ରମୁଖ ସ୍ତମ୍ଭ ଭାବରେ ସ୍ୱର୍ଣ୍ଣିମ ଯୁଗକୁ ସମୃଦ୍ଧ କରିଥିଲେ।

## ଇରାନକୁ ସାମରିକ ସହାୟତା ଦେଲେ ଲାଗିବ ୫୦% ଟାରିଫ

ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପ୍ରତି ଡୋନାଲ୍ଡ ଟ୍ରମ୍ପ ଚୀନ୍‌କୁ ଏକ ଶକ୍ତ ଚେତାବନୀ ଦେଇଛନ୍ତି। ଇରାନକୁ ସାମରିକ ସହାୟତା ବା ସରଞ୍ଜାମ ପ୍ରଦାନ କଲେ ଚୀନରୁ ଆମେରିକାକୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ ବୋଲି ଘୋଷଣା କରିଛନ୍ତି। ରିପୋର୍ଟ ଅନୁଯାୟୀ, ଚୀନ୍ କାନ୍ଧରେ ରଖି ଚଳାଇ ହେଉଥିବା ବିମାନ ବିଧ୍ୱଂସୀ କ୍ଷେପଣାସ୍ତ୍ର ଇରାନକୁ ଯୋଗାଇବାକୁ ପ୍ରସ୍ତୁତ ହେଉଛି। ଯଦିଓ ଟ୍ରମ୍ପ ଏହାକୁ ଫେକ୍ ନ୍ୟୁଜ ବୋଲି କହିଛନ୍ତି, ତଥାପି ଏହା ସତ୍ୟ ପ୍ରମାଣିତ ହେଲେ ଚୀନ୍‌କୁ ଭାରି ମୂଲ୍ୟ ଦେବାକୁ ପଡ଼ିବ ବୋଲି ସେ ସତର୍କ କରାଇଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଚୀନ ଇରାନ ପରିବର୍ତ୍ତେ ଆମେରିକା କିମ୍ବା ଭେନେଜୁଏଲାରୁ ଅଶୋଧିତ ତୈଳ କିଣିବା ଉଚିତ। ଆମେରିକା ପାଖରେ ତୈଳ ଗଚ୍ଛିତ ଅଛି। ସେମାନେ ଏହାକୁ କମ୍ ଦାମ୍‌ରେ ଚୀନ୍‌କୁ ବିକ୍ରି କରିବାକୁ ପ୍ରସ୍ତୁତ ଅଛନ୍ତି। ୱାସିଂଟନ ସ୍ଥିତ ଚୀନ ଦୂତାବାସ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ, ଚୀନ କୌଣସି ବିବାଦୀୟ ପକ୍ଷକୁ ଅସ୍ତ୍ରଶସ୍ତ୍ର ଯୋଗାଏ ନାହିଁ। ଚୀନ ଏବେ ଇରାନର ସବୁଠାରୁ ବଡ଼ ବାଣିଜ୍ୟିକ ସହଯୋଗୀ। ଏପ୍ରିଲ ୭ରେ ଆମେରିକା ଓ ଇରାନ ମଧ୍ୟରେ ଦୁଇ ସପ୍ତାହର ଯୁଦ୍ଧ ବିରତି କରାଇବାରେ ଚୀନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କୁହାଯାଉଛି। ଆସନ୍ତା ମାସ ପ୍ରାରମ୍ଭରେ ଟ୍ରମ୍ପ ଚୀନ୍ ଗସ୍ତ କରି ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତ ପୂର୍ବରୁ ଟ୍ରମ୍ପଙ୍କ ଏହି କଡ଼ା ଆଭିମୁଖ୍ୟ ଚୀନ ଉପରେ ଚାପ ସୃଷ୍ଟି କରିବା ପାଇଁ କୌଶଳ ବୋଲି ମନେ କରାଯାଉଛି।

# ପଶ୍ଚିମବଙ୍ଗରେ ଭୋଟରଙ୍କ ଚିନ୍ତା ବଢ଼ିଲା

## ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ଭୋଟରମାନଙ୍କ ନାମକୁ କାଟି ଦିଆଯାଇଛି, ସେମାନେ ଏବେ ଭୋଟ୍ ଦେବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। କାରଣ ଏବେ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ସୁପ୍ରିମ କୋର୍ଟ ମନା କରିଦେଇଛନ୍ତି। ଆସନ୍ତା ୨୩ ଏବଂ ୨୯ ତାରିଖରେ ମତଦାନ ହେବାକୁ ଯାଉଥିବା ବେଳେ ଏହି ଭୋଟରମାନଙ୍କ ଆବେଦନ ଏବେ ବି ଟ୍ରିବ୍ୟୁନାଲରେ ପଡ଼ିରହିଛି ଏବଂ ମତଦାନ ତାରିଖ ପୂର୍ବରୁ ରାୟ ଆସିବାର ସମ୍ଭାବନା କମ୍। ମାମଲା ବିଚାରାଧୀନ ଥିବା ବେଳେ ସେମାନଙ୍କୁ ମତଦାନ ପାଇଁ ଅନୁମତି ଦିଆଯାଉ ବୋଲି କେତେକ ଭୋଟର ସୁପ୍ରିମ କୋର୍ଟରେ ପିଟିସନ ଦାଖଲ କରିଥିଲେ। କିନ୍ତୁ ସେମାନଙ୍କର ଏହି ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଏମିତି ଅନୁମତି ଦେଲେ ପରିସ୍ଥିତି ଜଟିଳ ହୋଇପଡ଼ିବ। ତେଣୁ ଆବେଦନକାରୀ ଟ୍ରିବୁନାଲ ଯାଆନ୍ତୁ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ଏସଆଇଆର ପ୍ରକ୍ରିୟାରେ ୯୦ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୩୪ ଲକ୍ଷ ଭୋଟର ଏହା ବିରୋଧରେ ପିଟିସନ ଦାଖଲ କରିଛନ୍ତି ଏବଂ ୧୯ଟି ସ୍ୱତନ୍ତ୍ର ଟ୍ରିବୁନାଲ ଏହାର ବିଚାର କରୁଛନ୍ତି।

ଆଜି ଶୁଣାଣି ଆରମ୍ଭରେ ଖଣ୍ଡପୀଠ କହିଥିଲେ ।।ଯେ କେବଳ ନିର୍ବାଚନ ପରିଚାଳନା ଚାପରେ ଭୋଟରଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇପାରିବ ନାହିଁ ଏବଂ ଭୋଟର ତାଲିକାରେ ରହିବା ଜଣେ ନାଗରିକଙ୍କର ନିରନ୍ତର ଅଧିକାର। ଜଣେ ବ୍ୟକ୍ତି ଯେଉଁ ଦେଶରେ ଜନ୍ମଗ୍ରହଣ କରିଛି, ସେଠାକାର ଭୋଟର ତାଲିକାରେ ରହିବା କେବଳ ଏକ ସାମ୍ବିଧାନିକ ଅଧିକାର ନୁହେଁ, ବରଂ ଭାବଗତ ପ୍ରସଙ୍ଗ ମଧ୍ୟ। ନିର୍ବାଚନୀ ଉତ୍ସାହ ମଧ୍ୟରେ ଏହି ମୌଳିକ ଅଧିକାର ପ୍ରତି ଆଖି ବନ୍ଦ କରାଯାଇପାରିବ ନାହିଁ।

ନିର୍ବାଚନ କମିସନ ଏପ୍ରିଲ ୯ ତାରିଖ ସୁଦ୍ଧା ଭୋଟର ତାଲିକାକୁ ଚୂଡ଼ାନ୍ତ ଭାବେ ସ୍ଥିର କରିସାରିଛନ୍ତି। ମାତ୍ର ଅନେକ ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥିବାରୁ ସେମାନେ ଟ୍ରିବ୍ୟୁନାଲରେ ଅପିଲ କରିଛନ୍ତି। ଯଦି ସେମାନଙ୍କ ଅପିଲ ସଫଳ ହୁଏ, ତେବେ ସେମାନଙ୍କୁ ଭୋଟ ଦେବାକୁ ଅନୁମତି ମିଳୁ ବୋଲି ଆବେଦନରେ ଦର୍ଶାଯାଇଛି। ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ଏସ୍‌ଆଇଆର୍ ପ୍ରକ୍ରିୟାରେ ହୋଇଥିବା କିଛି ତ୍ରୁଟି ଉପରେ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ ମଧ୍ୟ କରିଛନ୍ତି। ବିଶେଷ କରି ଅନ୍ୟ ରାଜ୍ୟ ତୁଳନାରେ ପଶ୍ଚିମବଙ୍ଗ ପାଇଁ ଲଜିକାଲ ଡିସ୍କ୍ରିପାନସି ଭଳି ଏକ ନୂତନ ଶ୍ରେଣୀ ସୃଷ୍ଟିକରିବାକୁ ନେଇ କୋର୍ଟ ପ୍ରଶ୍ନ କରିଛନ୍ତି। ବିଚାରପତି ବାଗଚି କହିଛନ୍ତି ଯେ, ଯେତେବେଳେ ହଜାର ହଜାର ଦସ୍ତାବିଜ୍ ଯାଞ୍ଚ୍ କରାଯାଏ, ସେତେବେଳେ ତ୍ରୁଟି ରହିବା ସ୍ୱାଭାବିକ। ତେଣୁ ବାଦ୍ ପଡ଼ିଥିବା ଭୋଟରଙ୍କ ଅଭିଯୋଗ ଶୁଣିବା ପାଇଁ ଏକ ଶକ୍ତିଶାଳୀ ଅପିଲ ବ୍ୟବସ୍ଥା ରହିବା ଜରୁରୀ।

## ଅଷ୍ଟ୍ରେଲିଆରେ ୧୨୫ ବର୍ଷରେ ପ୍ରଥମ: ସେନା ମୁଖ୍ୟ ହେଲେ ମହିଳା ଅଧିକାରୀ

ମୋଲବୋର୍ଣ୍ଣ, ୧୩।୪(ଏଜେନ୍ସି): ଅଷ୍ଟ୍ରେଲିଆ ସେନା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ସେନା ଗଠନରର ୧୨୫ ବର୍ଷ ପରେ ପ୍ରଥମଥର ପାଇଁ ଜଣେ ମହିଳା ଅଧିକାରୀଙ୍କୁ ସେନା ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ଲେଫ୍ଟନାଣ୍ଟ ଜେନେରାଲ ସୁଜାନ କୋଏଲ ଆସନ୍ତା ଜୁଲାଇ ମାସରୁ ଏହି ଗରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ଗ୍ରହଣ କରିବେ। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିସ୍ ଏହି ନିଯୁକ୍ତିକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ଦେଶର ପ୍ରତିରକ୍ଷା ବାହିନୀରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ। ସୁଜାନ କୋଏଲ ବର୍ତ୍ତମାନର ସେନା ମୁଖ୍ୟ ସାଇମନ ଷ୍ଟୁଆର୍ଟଙ୍କ ସ୍ଥାନ ନେବେ। ୫୫ ବର୍ଷୀୟା ସୁଜାନ ୧୯୮୭ରେ ଅଷ୍ଟ୍ରେଲିଆ ସେନାରେ ଯୋଗ ଦେଇଥିଲେ। ନିଜର ଦୀର୍ଘ ସାମରିକ କ୍ୟାରିୟରରେ ମଧ୍ୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ କମାଣ୍ଡ ଓ ନେତୃତ୍ୱ ପଦବୀରେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ଅଷ୍ଟ୍ରେଲିଆ ପ୍ରତିରକ୍ଷା ବାହିନୀରେ ମହିଳାଙ୍କ ଅଂଶଗ୍ରହଣ ପ୍ରାୟ ୨୧ ପ୍ରତିଶତ ରହିଛି। ସରକାର ୨୦୩୦ ମସିହା ସୁଦ୍ଧା ଏହି ସଂଖ୍ୟାକୁ ୨୫ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ନୋଏଡ଼ାରେ ଶ୍ରମିକ ଆନ୍ଦୋଳନ ବେଳେ ହିଂସାକାଣ୍ଡ

ନୂଆଦିଲ୍ଲୀ, ୧୩।୪(ଏଜେନ୍ସି): ଉତ୍ତରପ୍ରଦେଶର ନେଏଡାରେ ଶ୍ରମିକମାନଙ୍କ ଦ୍ୱାରା କରାଯାଉଥିବା ଏକ ବିଶାଳ ବିକ୍ଷୋଭ ସୋମବାର ହିଂସାତ୍ମକ ରୂପ ଧାରଣ କରିଛି। ଦରମା ବୃଦ୍ଧି ଓ ବିଭିନ୍ନ ସୁବିଧା ସୁଯୋଗ ଦାବିରେ ରାସ୍ତାକୁ ଓହ୍ଲାଇଥିବା ଶ୍ରମିକମାନେ ପୁଲିସ ଗାଡ଼ି ସମେତ ଅନେକ ବାହନ ଭଙ୍ଗାରୁଜା କରିବା ସହ ପଥରମାଡ଼ କରିଛନ୍ତି। ଏହି ଘଟଣା ଯୋଗୁଁ ନୋଏଡ଼ାର ସେକ୍ଟର ଫେଜ-୨ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ବିକ୍ଷୋଭକାରୀମାନେ ପୁଲିସ ଭ୍ୟାନ ଏବଂ ଅନ୍ୟାନ୍ୟ ଗାଡ଼ିଗୁଡ଼ିକୁ କ୍ଷତିଗ୍ରସ୍ତ କରିଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ପୁଲିସ ବାହିନୀ ମୁତୟନ କରାଯାଇଛି। ସୋମବାର ସକାଳୁ ଏହି ଆନ୍ଦୋଳନ ଯୋଗୁଁ ନୋଏଡ଼ାର ମୁଖ୍ୟ ରାସ୍ତାଗୁଡ଼ିକରେ ଟ୍ରାଫିକ ଜାମ୍ ଦେଖିବାକୁ ମିଳିଛି। ପଡୋଶୀ ହରିୟାଣା ସରକାର ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀରେ ୩୫ ପ୍ରତିଶତ ବୃଦ୍ଧି କରିଥିବାରୁ, ନୋଏଡା ଶ୍ରମିକମାନେ ମଧ୍ୟ ସମାନ ପାରିଶ୍ରମିକ ଦାବି କରୁଛନ୍ତି। ଶ୍ରମିକମାନଙ୍କ କହିବା ଅନୁଯାୟୀ, ଗୁରୁଗ୍ରାମ ସର୍ବନିମ୍ନ ମଜୁରୀ ୨୦, ୦୦୦ ଟଙ୍କା ଥିବା ବେଳେ ସେମାନଙ୍କୁ ମାତ୍ର ୧୦, ୦୦୦ ଟଙ୍କା ଦିଆଯାଉଛି। ଏଥିସହ ସେମାନଙ୍କ ଓଭରଟାଇମ ପାଉଣା ଏବଂ ମହିଳାମାନଙ୍କ ପାଇଁ ସୁରକ୍ଷିତ କାର୍ଯ୍ୟସ୍ଥଳୀ ମଧ୍ୟ ସେମାନଙ୍କର ପ୍ରମୁଖ ଦାବି ରହିଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେବା ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକଙ୍କ ପାଇଁ ସମ୍ମାନଜନକ ପାରିଶ୍ରମିକ ଓ ସୁରକ୍ଷିତ ବାତାବରଣ ଜରୁରୀ ବୋଲି ସେ କହିଛନ୍ତି। ପ୍ରଶାସନ ପକ୍ଷରୁ ଶ୍ରମିକମାନଙ୍କୁ ଗୁଜବରୁ ଦୂରେଇ ରହିବାକୁ ଏବଂ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ କରିବାକୁ ନିବେଦନ କରାଯାଇଛି। ପୁଲିସ କହିଛି ଯେ, ସେମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ପ୍ରୟାସ କରୁଛନ୍ତି ଏବଂ ସର୍ବନିମ୍ନ ବଳ ପ୍ରୟୋଗ କରି ପରିସ୍ଥିତିକୁ ଆୟତ୍ତକୁ ଆଣୁଛନ୍ତି। ନୋଏଡ଼ାର ଏହି ଶ୍ରମିକ ଅଶାନ୍ତି ଏବେ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ସମସ୍ୟାର ସମାଧାନ ପାଇଁ ଶ୍ରମ ବିଭାଗକୁ ଶିଳ୍ପ ସଂସ୍ଥାଗୁଡ଼ିକ ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଦ୍ୱାରା ସ୍ୱାଭାବିକ୍ ଅବସ୍ଥା ଫେରିବ ବୋଲି ଆଶା କରାଯାଉଛି।




ମହିଳା ଟି-୨୦ ବିଶ୍ୱକପ୍
ଚାମ୍ପିଅନ ଦଳକୁ ମିଳିବ ୨୧.୮ କୋଟି
▶କ୍ରୀଡ଼ା ପୃଷ୍ଠା ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-286 ◆TUESDAY ◆14 APRIL 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୮୬ ◆ମଙ୍ଗଳବାର ◆୧୪ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ବାବା ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଡ଼କ ପର୍ବ ଉଦ୍‌ଯାପିତ

# ପାଟପର୍ବରେ ୮ ଲକ୍ଷ ଶ୍ରଦ୍ଧାଳୁ

■ ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର,୧୩।୪(ସମିସ): ଓଡ଼ିଶା ଉତ୍ତର ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ହୁଗୁଳିଠାରେ ଜଳଯନ୍ତ୍ର ଭାବେ ପୂଜିତ ପୂର୍ବ ଭାରତ ପ୍ରସିଦ୍ଧ ଆଶୁତୋଷ ବାବା ଚନ୍ଦନେଶ୍ୱରଙ୍କ ପୀଠରେ ଚାଲିଥିବା ପ୍ରସିଦ୍ଧ ଚଡ଼କ ମେଳା ଆଜି ଉଦ୍‌ଯାପିତ ହୋଇଛି। ୧୩ ଦିନ ବ୍ୟାପୀ ଚାଲିଥିବା ଚଡ଼କ ମେଳାର ମୁଖ୍ୟ ପାଟପର୍ବରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଉପବିତଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ସମଗ୍ର ପୀଠ ଜନସମୁଦ୍ର ପାଲଟିଥିଲା।

ଆଜି ଏହି ପାଟ ପର୍ବରେ ବ୍ରତାଚାରୀ, ରୋଗୀ, ଯୋଗୀ,ଭୋଗୀ ସମସ୍ତେ ଶିବଙ୍କପ୍ରେମରେ ଏକାକାର ହୋଇଥିଲେ। ହରହର ମହାଦେବ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ୫ଲକ୍ଷରୁ ଅଧିକ ଉପବିତଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଚନ୍ଦନେଶ୍ୱର ଶୈବପୀଠ ପାଲଟିଥିଲା ଜନସମୁଦ୍ର।। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନକରି ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଦିନ ତମାମ ଅସହ୍ୟ ଗୁଳୁଗୁଳି ମଧ୍ୟରେ ମହାଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଅପରାହ୍ଣରେ ଉପବିତଧାରୀମାନେ ମନ୍ଦିରଠାରୁ ଏକ କିଲୋମିଟର ଦୂରରେ ଥିବା ହାକାଣ୍ଡ ପୋଖରୀରେ ସ୍ନାନ ସାରି ପରସ୍ପର ମଧ୍ୟରେ ମାଳା ଓ



ଚନ୍ଦନ ଆଦାନପ୍ରଦାନ କରିଥିଲେ। ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଶ୍ରୀବେକିଡି ନିରଞ୍ଜନ ଲେଙ୍କା, ଦେଉଳିଆ ଅଜିତ ପାତ୍ର ପ୍ରମୁଖ ସେଠାରେ ପୂଜାର୍ଚ୍ଚନା କରିଥିଲେ। କିଛି ମାନସିକଧାରୀ ଭକ୍ତ ଭଗବାନ ଶିବଙ୍କୁ ତୋଷ କରିବା ପାଇଁ କଠୋର ସାଧନା ପୂର୍ବକ ହାତ, ପାଦ, ପେଟ, ପିଠି, ଅଣ୍ଟା, ଜିଭ ଆଦି ଶରୀରର ବିଭିନ୍ନ ଅଙ୍ଗରେ ମୁନିଆ ଲୁହା କଣ୍ଟା ଫୋଡ଼ି ନିଜକୁ ସମର୍ପଣ କରିଥିଲେ। ଦଶନଖୀ, କଣ୍ଟାଫୋଡା ଭକ୍ତଙ୍କ ସମେତ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଶିବଙ୍କ ନାମ ଜପ କରି କରି ଏକ ବିଶାଳ ଶୋଭାଯାତ୍ରାରେ ୫୭ ନଂ ରାଜ୍ୟ ରାଜପଥ ଦେଇ ମନ୍ଦିରରେ ପହଞ୍ଚିଥିଲେ। ପାଞ୍ଚପ୍ରକାର ବାଦ୍ୟର ତାଳେତାଳେ ଏବଂ ଭଜନ, କୀର୍ତ୍ତନ ପୂର୍ବକ ହରହର ମହାଦେବ ଧ୍ୱନି ଦେଇ ଉପବୀତଧାରୀ ଭକ୍ତ ଓ ଶ୍ରଦ୍ଧାଳୁମାନେ ନାଚିନାଚି ଶିବ ଶଙ୍କରଙ୍କ ପ୍ରତି ନିଜର ଭକ୍ତିଭାବ ପ୍ରଦର୍ଶନ କରିଥିଲେ।

ରାଜ୍ୟର ଦ୍ୱିତୀୟ ବୃହତ୍ତମ ମେଳା ଭାବେ ପରିଚିତ ବାବା ଚନ୍ଦନେଶ୍ୱରଜୀଉଙ୍କ ଚଡ଼କ ମେଳାର ଦେଶବିଦେଶରେ ଖ୍ୟାତି ରହିଛି। ଅନ୍ୟାନ୍ୟ ଶୈବପୀଠରୁ ଏହି ପୀଠର ନୀତିକାନ୍ତି ଓ ପରମ୍ପରା ନିଆରା। ଏଠାରେ ପ୍ରଚଳିତ ଚଡ଼କମେଳାର ପ୍ରସିଦ୍ଧି ଅନନ୍ୟ। ଏହି ଶୈବପୀଠରେ ଚଡ଼କ ପର୍ବ ଦୀର୍ଘ ୧୩ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ମୁଖ୍ୟତଃ ଶିବ-କାମିନୀ ବିବାହ, ମହାନୀଳ ପର୍ବ ଓ ପାଟପର୍ବ ସ୍ୱଚକ୍ଷୁରେ ଅବଲୋକନ ପାଇଁ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଓ ଦେଖଣାହାରୀଙ୍କ ସମାଗମ ହୋଇଥାଏ। ୧୩ ଦିନ ଧରି ଏକ ସ୍ଥାନ ଓ ଏକ ଭାବନା ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଆସାମ ▶ପୃଷ୍ଠା-୭

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା

## ଟେକ୍‌ନୋ ସ୍କୁଲ କ୍ୟାମ୍ପସରେ ସିବିଆଇ ଚଢ଼ଉ

■ ଭୁବନେଶ୍ୱର,୧୩।୪(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ମାମଲାରେ ଖଣ୍ଡଗିରିସ୍ଥିତ ଟେକ୍‌ନୋ ସ୍କୁଲ କ୍ୟାମ୍ପସରେ ସିବିଆଇ ଚଢ଼ଉ କରିଛି। ଏହି ମାମଲାରେ ଫେରାର୍ ଅଭିଯୁକ୍ତ ଗୋବିନ୍ଦ ତ୍ରିପାଠୀ ଲିଙ୍କ୍‌ରେ ଚଢ଼ଉ କରାଯାଇଛି। ଏଠାରେ ପରୀକ୍ଷା ସେଣ୍ଟର ଫିକ୍ସିଂ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଚାକିରି ବିକ୍ରିର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବଂ ସିଲିକନ୍ ସିଇଓ ସୁରେଶ ନାୟକ ଲିଙ୍କ୍‌ରେ ଥିବା କିଛି ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କୁ ଉତ୍ତୀର୍ଣ୍ଣ ହେବା ପାଇଁ ଏଠାରେ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଇଥିଲା। ଏ ସମ୍ପର୍କରେ ସିବିଆଇ ଜାଣିବା ପରେ ଘରୋଇ କ୍ୟାମ୍ପସ ଉପରେ ଚଢ଼ଉ କରିଥିଲା। ସିବିଆଇ ଟିମ୍ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ୧୫ଲକ୍ଷ ଟଙ୍କା ନେଇ ପରୀକ୍ଷାର୍ଥୀମାନଙ୍କର ରୋଲ୍ ନମ୍ବରକୁ ପୁନଃ ସମୟ ନିର୍ଦ୍ଧାରଣ ଅର୍ଥାତ ରିସିଡ୍ୟୁଲ କରାଯାଇ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କୁ ଏହି ପରୀକ୍ଷା କେନ୍ଦ୍ରକୁ ଆଣାଯାଉଥିଲା। ପୂର୍ବରୁ ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଥିଲା ବେଳେ ସେଥିରୁ ସମଗ୍ର ଘଟଣାର ଗୁପ୍ତ ତଥ୍ୟ ବାହାରକୁ ଆସିଥିଲା। ସୂଚନା ଅନୁଯାୟୀ, ଟେକ୍‌ନୋ ସ୍କୁଲ ପରୀକ୍ଷା କେନ୍ଦ୍ରରେ କିଛି ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା। ସିବିଆଇ ଟିମ୍ ସ୍କୁଲର ସମସ୍ତ ରେଜିଷ୍ଟର ଓ ଜରୁରୀ କାଗଜପତ୍ରକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଚାର୍ଜସିଟ୍ ଦାଖଲ କରି ସାରିଛି। ଏଥିରେ ପଞ୍ଚସପ୍ତ ମାଲିକ ଶଙ୍କର ପୃଷ୍ଟି, ସିଲିକନ୍ ସିଇଓ ସୁରେଶ ନାୟକ ଏବଂ ମଧ୍ୟସ୍ଥ ମୁନ୍ନା ମହାନ୍ତିଙ୍କୁ ମାଷ୍ଟରମାଇଣ୍ଡ ବୋଲି ଦର୍ଶାଯାଇଥିଲା। ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଓ ସିବିଆଇ ପକ୍ଷରୁ ପ୍ରାୟ ୨୦ ଜଣଙ୍କୁ ଗିରଫ କରାଯାଇଛି। ଏଥିରେ ଶଙ୍କର ସହ ଅପରେଟ୍ କରୁଥିବା ରାଜ୍ୟର କିଛି ମଧ୍ୟସ୍ଥ ରହିଥିଲା ବେଳେ ରାଜ୍ୟ ବାହାରୁ ମଧ୍ୟ କିଛି ବ୍ୟକ୍ତିଙ୍କୁ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ଗିରଫ ▶ପୃଷ୍ଠା-୭

# ନବୀନଙ୍କୁ ମାନସ ଓ ସୁଲତାଙ୍କ କୃତଜ୍ଞତା



- ରାଜ୍ୟସଭାରେ ବିଜେଡିରେ ସ୍ୱର ଶାଣିତ ଥିଲା ଓ ରହିବ: ମାନସ
- ଦଳ ସଭାପତି ଦେଇଥିବା ଦାୟିତ୍ୱକୁ ନିଷ୍ଠାର ସହ ତୁଲାଇବି: ସୁଲତା
- ନୂଆ ଦାୟିତ୍ୱ ପାଇଁ ଶଙ୍ଖ ଭବନରେ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

■ ଭୁବନେଶ୍ୱର,୧୩।୪(ସମିସ): ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କୁ ବିଜେଡି ସଂସଦୀୟ ଦଳର ନେତା ଓ ସୁଲତା ଦେଓଙ୍କୁ ସଂସଦୀୟ ଦଳର ଉପନେତା ତଥା ମୁଖ୍ୟ ସଚେତକ ଭାବେ ନିଯୁକ୍ତି ପରେ ଶଙ୍ଖ ଭବନରେ ଉଭୟଙ୍କୁ ଦଳ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ଅବସରରେ ଉଭୟ ସାଂସଦ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ସହ ମିଳିଥିବା ଦାୟିତ୍ୱର ସୁଚାରୁ ସମ୍ପାଦନ ନିମନ୍ତେ ନିଜର ସାଧ୍ୟମତେ ଉଦ୍ୟମ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

ସୋମବାର ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରଦୀପ ଅମାତ ପ୍ରମୁଖ ଉଭୟ ମାନସ ଓ ସୁଲତାଙ୍କୁ ସ୍ୱାଗତ ସହ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସାମ୍ବାଦିକ ▶ପୃଷ୍ଠା-୭

### ଅନୁଗୋଳ 'ବୟନିକା'ରୁ ବଡ଼ଧରଣର ଚୋରି

## ଜଙ୍ଘରେ ଲୁଚାଇ ଲୁଟିନେଲେ ୭ ଲକ୍ଷର ସମ୍ବଲପୁରୀ ପାଟ

■ ଅନୁଗୋଳ, ୧୩।୪ (ସମିସ): ଅନୁଗୋଳ ଅମଲାପଡ଼ାସ୍ଥିତ 'ବୟନିକା' ଶାଢ଼ି ଶୋ'ରୁମ୍‌ରୁ ଶନିବାର ଦି'ପହରେ ଏକ ବଡ଼ଧରଣର ଚୋରି ହୋଇଛି। ଷ୍ଟୋର୍ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ୭ ଜଣ ମହିଳା ପାଖାପାଖି ୭ ଲକ୍ଷ ଟଙ୍କାର ସମ୍ବଲପୁରୀ ପାଟ ଚୋରି କରିନେଇଛନ୍ତି। ଏହି ଘଟଣା ଚର୍ଚ୍ଚାର



- ଗ୍ରାହକ ବେଶରେ ଆସି ମହିଳାଙ୍କ କାରନାମା
- ଦାମୀ କାରରେ ଆସିଲେ, ଜଙ୍ଘରେ ଲୁଚାଇନେଲେ

ବିଷୟ ହୋଇଛି। ଶନିବାର ଅପରାହ୍ଣ ପ୍ରାୟ ଗୋଟାଏ; ବୟନିକା ସାମ୍ନାରେ ଲାଗିଥିଲା ଏକ ଦାମୀ କାର୍। କାର୍‌ରୁ ୭ ମହିଳାଙ୍କ ସମେତ କାର୍ ଚାଳକ ଓହ୍ଲାଇଥିଲେ। ମହିଳାମାନଙ୍କ ଥାଟବାଟ ଦେଖି ସେମାନେ ଅଧିକ ଟଙ୍କାର ଶାଢ଼ି କିଣିବେ ବୋଲି ଷ୍ଟୋର୍ କର୍ମଚାରୀ ଆଶା କରିଥିଲେ। କିନ୍ତୁ, ସେମାନେ ଯେ ଜଣେଜଣେ ଅଭିଜ୍ଞ ଚୋରଣୀ, ତାହା ସେମାନଙ୍କ କଳ୍ପନା ବାହାରେ ଥିଲା। ସେହି ସମୟରେ ଷ୍ଟୋର୍‌ର କିଛି କର୍ମଚାରୀ ଖାଇବାକୁ ▶ପୃଷ୍ଠା-୭

# ୪୦ ଡିଗ୍ରୀ ଉପରେ ୭ ସହର

■ ଭୁବନେଶ୍ୱର, ୧୩।୪ (ସମିସ): ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି। କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ସହ ବାୟୁମଣ୍ଡଳରେ ରହୁଥିବା ଆର୍ଦ୍ରତା ହେତୁ ଭୀଷଣ ଗରମ ସହ ଗୁଳୁଗୁଳି ଅନୁଭୂତ ହେଉଛି। ଆଗକୁ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା କମ୍ ଥିବାରୁ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ସୋମବାର ୪୧ଡିଗ୍ରୀ ସହ ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ରାଜ୍ୟର

- ସପ୍ତାହେ ପର୍ଯ୍ୟନ୍ତ ନାହିଁ କାଳବୈଶାଖୀ ସମ୍ଭାବନା
- ଆଭ୍ୟନ୍ତରୀଣ ଜଳିବ, ଉପକୂଳ ସିଝିବ

ମୋଟ୍ ୭ଟି ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମଙ୍ଗଳବାରଠାରୁ ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏକାଧିକ ସ୍ଥାନରେ ଗରମ, ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ହିଟ୍-ୱେଭ୍ ସହ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ନେଇ ଆଲର୍ଟ ଜାରି କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଚଳିତ ସପ୍ତାହରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଫଳରେ ଏପ୍ରିଲ ମଧ୍ୟ ଭାଗର ତାପମାତ୍ରା ସ୍ୱାଭାବିକ ତୁଳନାରେ ୨-୩ ଡିଗ୍ରୀ ଅଧିକ ରହିବ। ଏହି ସମୟରେ ବର୍ଷାର ସମ୍ଭାବନା ଆଦୌ ନଥିବା ବେଳେ ଆଗାମୀ ୭ଦିନ ପର୍ଯ୍ୟନ୍ତ କାଳବୈଶାଖୀ ଆଶଙ୍କା ମଧ୍ୟ ୧୦ପ୍ରତିଶତରୁ କମ୍ ରହିଛି। ରାଜ୍ୟକୁ ଏବେ କ୍ରମାଗତ ଭାବେ ପ୍ରବାହିତ ଉତ୍ତର-ପଶ୍ଚିମା ବାୟୁ ଯୋଗୁଁ ରାଜ୍ୟରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଉଛି। ଆଭ୍ୟନ୍ତରୀଣ ଓଡ଼ିଶାରେ କେନ୍ଦ୍ରୀୟ ଭାରତରୁ ଆସୁଥିବା ଶୁଷ୍କ ଓ ଗରମ ଉତ୍ତର-ପଶ୍ଚିମା ବାୟୁର ପ୍ରଭାବ ଅଧିକ ରହିବାର ଆଶଙ୍କା ରହିଛି। ଅନ୍ୟପଟେ, ଉପକୂଳବର୍ତ୍ତୀ ଅଞ୍ଚଳରେ ଦକ୍ଷିଣ-ଦକ୍ଷିଣ ପଶ୍ଚିମବାୟୁ ପ୍ରଭାବରେ ଅଧିକ ଜଳୀୟବାଷ୍ପ ଆସୁଥିବାରୁ ପ୍ରବଳ ଗୁଳୁଗୁଳି ଓ ଅସହ୍ୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଉଛି। କାଳବୈଶାଖୀ ସମ୍ଭାବନା ପ୍ରାୟ ନଥିବାରୁ ସାରା ରାଜ୍ୟରେ ଆକାଶ ନିର୍ମଳ ରହିବ ଏବଂ ପ୍ରଖର ସୂର୍ଯ୍ୟକିରଣ ଅନୁଭୂତ ହେବ। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ପ୍ରାୟ ୪୧ ଡିଗ୍ରୀରୁ ଅଧିକ ରହିବା ସହ କେତେକ ସ୍ଥାନରେ ଏହା ୪୪ଡିଗ୍ରୀ ମଧ୍ୟ ▶ପୃଷ୍ଠା-୭




15001/16/2627

ସତ୍ୟମେବ ଜୟତେ





ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)



ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ। ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା।

ବନ୍ଦେ ଉତ୍କଳ ଜନନୀ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0016

# ସରସିଦା ପ୍ରିମିୟମ ଲିଗ ସିଜିନ୍-୫ର ଉଦ୍‌ଘାଟିତ

ଜଳେଶ୍ୱର, ୧୩।୪ (ସମିସ) : ଜଳେଶ୍ୱର ବ୍ଲକ ଗୋପୀମୋହନପୁ ପଂଚାୟତ ସରସିଦା ଗ୍ରାମର ସରସିଦା ହାଇସ୍କୁଲ ପଡ଼ିଆ ଠାରେ ଚଣ୍ଡିମାତା କ୍ଲବ ଆନୁକୂଲ୍ୟରେ ସରସିଦା ପ୍ରିମିୟମ ଲିଗର ଚେୟାରମ୍ୟାନ ହରିଚନ୍ଦନ ଦେଙ୍କ ପରିଚାଳନାରେ ସରସିଦା ପ୍ରିମିୟମ ଲିଗ୍ ସିଜିନ-୫ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ଶିକ୍ଷକ ମନୋରଞ୍ଜନ ଦତ୍ତ ସଭାପତିତ୍ୱ କରିଥିଲେ। ବ୍ରାଣ୍ଡ ଆମ୍ବାସାଡର ହରିଶ୍ଚନ୍ଦ୍ର ପରିଡ଼ାଙ୍କ ମଞ୍ଚ ଆହ୍ୱାନରେ ଜଳେଶ୍ୱର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ,ଜଳେଶ୍ୱର ନିର୍ବାଚନୀ ମଣ୍ଡଳର ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜମୋହନ ପ୍ରଧାନ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବର୍ତ୍ତନା ପଂଚାୟତର ସମିତି ସଭ୍ୟ ତ୍ରିଲୋଚନ ଦାସ,ଯୁବନେତା କାଳୀଚରଣ ଦାସ,ତନ୍ମୟ ଚାନ୍ଦ, ସୁରେଶ ଚନ୍ଦ୍ର ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରାଣ୍ଡ ଆମ୍ବାସାଡର ହରିଶ୍ଚନ୍ଦ୍ର ପରିଡ଼ା, ସୁକାନ୍ତ ପାତ୍ର ଆୟୋଜକ ହିସାବରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରିମିୟମ ଲିଗ୍ ଆଜିଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ଛଅ ଜଣ ଅଂଶୀଦାର ଭାଗନେଇ ଥିଲେ। ସେମାନେ ହେଲେଜିତେନ୍ଦ୍ର କରଙ୍କ ରୟାଲ ୱାରୀୟସ,ସନ୍ୟାସୀ ଦତ୍ତଙ୍କ ମହାବୀର ଆର୍ମି,ବ୍ରଜ କିଶୋର ଦେଙ୍କ ଦେ ଫାଇଟର,ସୁବ୍ରତ ପରିଡ଼ାଙ୍କ ମାଆ ତାରିଣୀ, ଗଣେଶ ପଣ୍ଡାଙ୍କ ରୟାଲ ଷ୍ଟାଇକସ୍ ଓ ହରିଶ ଚନ୍ଦ୍ର ଭୂୟାଁଙ୍କ ସରସିଡା ଇଣ୍ଡିଆ। ଏହି କ୍ରିକେଟ ଖେଳକୁ ପରିଚାଳନା କରିଥିଲେ ହିମାଂଶୁ ଶେଖର ଜେନା,ଜଗନ୍ନାଥ ନନ୍ଦୀ ଓ ରାଜା ଦାସ। ସରସିଦା ପ୍ରିମିୟମ ଲିଗ୍ ର ଚେୟାରମ୍ୟାନ ହରିଚନ୍ଦନ ଦେ, ସଦସ୍ୟ ଶାନ୍ତନୁ ଦତ୍ତ, ଅମିତ ଦତ୍ତ, ବିଶେଶ୍ୱର ଦତ୍ତ, ଅସିତ୍ ଦତ୍ତ, ହରି ଦତ୍ତ,ରାମଚନ୍ଦ୍ର ଦତ୍ତ, ସରକାର ଦତ୍ତ ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦାୟିତ୍ୱ ଗ୍ରହଣ କଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

ବାଲେଶ୍ୱର,୧୩।୪(ସମିସ): ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବାଲେଶ୍ୱରର ଅଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି ବାଲେଶ୍ୱରର ବିପିନ ମାର୍ଣ୍ଡି। ଏନେଇ ସେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଜିଲ୍ଲାମଙ୍ଗଳ ଅଧିକାରୀଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ



କରିବା ସହ ଦାୟିତ୍ୱ ଗ୍ରହଣ ମଧ୍ୟ କରିଛନ୍ତି। ବାଲେଶ୍ୱର ଜିଲ୍ଲାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନୀଳଗିରିରେ ସିମିତ ଥିବା ବେଳେ ଏହାକୁ ସମଗ୍ର ଜିଲ୍ଲାରେ ବ୍ୟାପକ କରିବା ପାଇଁ ସେ ପ୍ରକାଶ କରିଛନ୍ତି। ଏହାଛଡ଼ା ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଶ୍ରମ ସ୍କୁଲ,ଛାତ୍ରାବାସ ନିର୍ମାଣ ସହ ବୃତି ପ୍ରଦାନ କରିବା ଏବଂ ଦୁର୍ଗମ ଅଂଚଳକୁ ଗମନାଗମନ, ପିଇବା ପାଣି, ଆଲୋକୀ କରଣ, କୃଷି କ୍ଷୁଦ୍ର ଶିଳ୍ପ ପାଇଁ ସହାୟତା ଓ ତାଲିମ ପ୍ରଦାନ ସୁବିଧା ସହ ଆଦିବାସୀମାନଙ୍କ ରୋଜଗାରକ୍ଷମ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଅଧ୍ୟକ୍ଷ ଶ୍ରୀ ମାର୍ଣ୍ଡି ସୂଚନା ଦେଇଛନ୍ତି।

# ନେସ୍କୋ ଶକ୍ତି କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

ଜଳେଶ୍ୱର,୧୩।୪(ସମିସ): ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ ଠାରେ ସେକ୍ସନ -୨ ଆନୁକୂଲ୍ୟରେ ନେସ୍କୋ କର୍ମଚାରୀ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସଂଘର ସାଧାରଣ ସହ ସମ୍ପାଦକ ପ୍ରଦୀପ କୁମାର ଜେନା ସଭାପତିତ୍ୱ କରି ନେସ୍କୋର ଶ୍ରମିକ ମାରଣ ନୀତିକୁ ତିବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ଉପଖଣ୍ଡ ସଂଯୋଜକ ସୁକୁମାର ଦେ, ଜଳେଶ୍ୱର ଉପଖଣ୍ଡ ସଂଯୋଜକ ଚିତ୍ତ ସାମିଲ୍, ଜଳେଶ୍ୱର ସଂଯୋଜକ ଚନ୍ଦନ ଭୂୟାଁ, କୋଷାଧ୍ୟକ୍ଷ ରାଜକିଶୋର ରାଉତ,ଦିନେଶ ମହାନ୍ତି, ଚନ୍ଦନ ବେହେରା, ଅଶୋକ ଜେନା,ପଦ୍ମଲୋଚନ ବେହେରା, ରାଜୀବ କୁମାର ପାତ୍ର,ତନ୍ମୟ ବେହେରା, ଉତ୍ତମ କୁମାର ନାଥ, ଗୌରାଙ୍ଗ ଦାସ, ମଧୁସୂଦନ ଦାସ, ଆଶିଷ ଗିରି, ନିର୍ମଳ ଦତ୍ତ, ବିଶ୍ୱଜିତ ସାମଲ ପ୍ରମୁଖ ଯୋଗଦେଇ ଶ୍ରମିକ ଛଟେଇ, ସ୍ଥାୟୀ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା, ଅସ୍ଥାୟୀ କର୍ମଚାରୀଙ୍କ ଦରମା ବୃଦ୍ଧି,ମାସିକ ପେଟ୍ରୋଲ ଖର୍ଚ୍ଚ ବୃଦ୍ଧି,କାର୍ଯ୍ୟ ସମୟ ସୀମା ଧାର୍ଯ୍ୟ, ଭବିଷ୍ୟତ ନୀଧି ପାଣ୍ଠିର ଅନିୟମିତତା, ଉଡାନ ପ୍ରଶିକ୍ଷଣରେ ତୁରନ୍ତ ପରୀକ୍ଷା ଲାଗି ଦାବି କରିଥିଲେ।ଏହି ସବୁ ସମସ୍ୟା ସମ୍ପର୍କରେ ବିଭାଗୀୟ ଜଳେଶ୍ୱର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଦାବିପତ୍ର ଲାଗି ନିଷ୍ପତ୍ତି ହୋଇଛି। ଉକ୍ତ ନ୍ୟାର୍ଯ୍ୟ ଦାବି ଗୁଡ଼ିକୁ ଟିପିଏନଓଡିଏଲ କର୍ତ୍ତୃପକ୍ଷ ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ସଂଘ ଚେତାବନୀ ଦେଇଛି। ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ ଦେଇଥିଲେ।

# ଯୋଗଦେଲେ ନୂତନ ଅଧ୍ୟକ୍ଷ

ଖଇରା,୧୩।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡା ହରେକୃଷ୍ଣ ମହତାବ କଲେଜରେ ଦୀର୍ଘଦିନ ଧରି ଅଧ୍ୟକ୍ଷ ପଦ ଖାଲି ପଡିବା ପରେ ସୋମବାର ନୂତନ ଅଧ୍ୟକ୍ଷ ଭାବେ କପ୍ତିପଦା କଲେଜ ଇଂରାଜୀ ଅଧ୍ୟାପକ ସରୋଜ ଲେଙ୍କା ଅଧ୍ୟକ୍ଷ ଭାର ଗ୍ରହଣ କରିଛନ୍ତି। ପାଖାପାଖି ୬ମାସ ଧରି ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଯୁଧିଷ୍ଠିର କୁଅଁର ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଥିଲେ। କଲେଜରେ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ତଥା ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ଅଧ୍ୟକ୍ଷ ଲେଙ୍କା ପ୍ରକାଶ କରିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ଅଧ୍ୟାପିକା, ଅଧ୍ୟାପକ,କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ପ୍ରାକ୍ତନ ଟ୍ରେଜେରୀ କର୍ମଚାରୀଙ୍କ ପରଲୋକ

ଖଇରା,୧୩।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପାର୍ବତୀପୁର ଗ୍ରାମର ଅବସରପ୍ରାପ୍ତ ଟ୍ରେଜେରୀ କର୍ମଚାରୀ ଉପେନ୍ଦ୍ର ପ୍ରସାଦ ପତି(୮୩) ଶନିବାର ପରଲୋକ ଗମନ କରିଛନ୍ତି। ମୃତ୍ୟୁ ଖବର ପାଇ ଶିକ୍ଷକ ନେତା ସୁଶାନ୍ତ ମହାପାତ୍ର ଓ ବହୁ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ପତି ବାଲେଶ୍ୱର ଟ୍ରେଜେରୀରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟକରି ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ।

# ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାରେ ନିର୍ମାଣ ହେବ ରେଳ ଉଡ଼ନ୍ତା ପୋଲ

ଜଳେଶ୍ୱର, ୧୩।୪ (ସମିସ)

ବରିଷ୍ଠ ନାଗରିକ ମଂଚର ଦୀର୍ଘଦିନ ଦାବିପରେ ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତାର ସାହୁଛକ ଠାରେ ଉଡନ୍ତାପୋଲ ନିର୍ମାଣ ହେବ ବୋଲି ଦିଲ୍ଲୀସ୍ଥିତ ରେଳବାଇ ବୋର୍ଡ କୋଲକତାର ଗାଡେନ୍‌ରିଚସ୍ଥିତ ଦକ୍ଷିଣପୂର୍ବ ରେଳ ଡିଭିଜନ୍‌ର ଜେନେରାଲ ମ୍ୟାନେଜରଙ୍କୁ ଚିଠି ପ୍ରଦାନ କରିଛନ୍ତି। ଫଳରେ ମଂଚ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ ଧନ୍ୟବାଦ ଦେବା ସହିତ ଅନ୍ୟ କେତେକ ଦାବି ପ୍ରତି ପୁଣି ସ୍ୱର ଉତ୍ତୋଳନ କରିଛନ୍ତି। ଘଟଣାରୁ ପ୍ରକାଶ ଜଳେଶ୍ୱର-ପଶ୍ଚିମବାର୍ଡ ରାସ୍ତା ଉପରେ ଜଳେଶ୍ୱର ବ୍ଲକର ୧୧ଟି ପଂଚାୟତ ସହିତ ବାଲିଆପାଳ ବ୍ଲକର ବହୁ ଅଂଚଳର ଲୋକମାନେ ନିର୍ଭର କରିଥାନ୍ତି। ସାହୁଛକ ନିକଟରେ ଥିବା ୪୬ନଂ ରେଳଗେଟଟି ଦୀର୍ଘ ସମୟଧରି ବନ୍ଦ ରହୁଥିବାରୁ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହୋଇଥାଏ। ଏହାକୁ ଲକ୍ଷ୍ୟ କରି ବରିଷ୍ଠ ନାଗରିକ ସୁରକ୍ଷା ମଂଚ ପକ୍ଷରୁ ଗତ ୧୩-୧୧-୨୦୨୫ରେ ୩ହଜାର ଦସ୍ତଖତ ସମ୍ବଳିତ ୭୫ ପୃଷ୍ଠାର ଏକ ଦାବିପତ୍ର ରେଳ ବିଭାଗକୁ ପଠାଯାଇଥିଲା। ଗତ ୭-୧-୨୬ରିଖ ରେଳ ବିଭାଗର ଚିଠି ନଂ ୨୦୨୫ ଅନୁସାରେ ଦକ୍ଷିଣପୂର୍ବ ରେଳ ଡିଭିଜନ୍‌ର ଜେନେରାଲ ମ୍ୟାନେଜରଙ୍କୁ ଚିଠି ପ୍ରଦାନ କରାଯାଇ ରେଳବିଭାଗର ନିଜସ୍ୱ ଖର୍ଚ୍ଚରେ ଉଡନ୍ତାପୋଲ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଖଡଗପୁର ଡିଭିଜନ୍‌ର ବରିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ମଧ୍ୟ ମଂଚ ସହିତ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିନେଇ ରେଳ ବିଭାଗକୁ ମଂଚ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଛି। ତେବେ ୩ୟ ଲାଇନ୍ କାର୍ଯ୍ୟ ଚାଲୁଥିବାରୁ ଉଡନ୍ତାପୋଲ ନିର୍ମାଣ ମନ୍ଥରଗତିରେ ହେବା ସନ୍ଦେହ କରି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ମଧ୍ୟ ଦିଆଯାଇଛି। ମଂଚ ପକ୍ଷରୁ ଗତ ଫେବୃଆରୀ ମାସରେ ରେଳ ବିଭାଗକୁ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ୍‌କୁ ଜଳେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ, ହାଓଡା-ପୁଡୁଚେରୀ ଟ୍ରେନ୍‌ର ରହଣି, ପାସେଞ୍ଜର ଟ୍ରେନ୍‌ରେ ଏକ୍ସପ୍ରେସ୍ ଭଡା ଆଦାୟ ବନ୍ଦ, କୋଚ୍ ଇଣ୍ଡିକେଟର କାର୍ଯ୍ୟ ଶୀଘ୍ର ଶେଷ କରିବା, ବରିଷ୍ଠ ନାଗରିକ, ମହିଳା, ବିକଳାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ଟିକ୍ କାଉର ଓ ରିହାତି, ଟ୍ରେନ୍‌ର ଅହେତୁକ ବିଳମ୍ବ ରୋକିବା ଇତ୍ୟାଦି ୭ ଦଫା ଦାବି ପ୍ରଦାନ କରାଯାଇଥିଲା। ଏହି ସମସ୍ତ ଦାବୀ ରେଳକ ର୍ପକ୍ଷ ପୂରଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ମଂଚର ସଭାପତି ଡ. ରମାକାନ୍ତ ଭଂଜଙ୍କ ସଭାପତିତ୍ୱରେ ସଂପାଦକ ଡ. ଲଳିତ ରଂଜନ ସେନାପତି, ଦିଲ୍ଲିପ ଗିରି, ରାଜାରାମ କରସର୍ମା, ଜିତାରାମ ଦେ, ଖଗେନ୍ଦ୍ର ନାଥ ସାହୁ, ସୁନିଲ କୁମାର ଗିରି, ସୁନୀଲ ନାୟକ, ସୀତାଂଶୁ ସେନାପତି, କପିଳେଶ୍ୱର ମହାନ୍ତି, ମନୋରଂଜନ ଦାସ, ଅକ୍ଷୟ ପରିଡା, ଭାସ୍କର ମିଶ୍ର, ଶ୍ରୀମନ୍ତ ଘୋଷ, ଅପର୍ଣ୍ଣା ଚୌଧୁରୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଖଇରା,୧୩।୪ (ସମିସ): ବାଲେଶ୍ୱର ଜିଲାପାଳ ସୁର୍ଯ୍ୟବଂଶୀ ମୟୁରବିକାଶ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଖଇରା ଶିକ୍ଷକଭବନ ପରିସରରେ ମିଳିତ ଜନଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଏସପିଙ୍କ ଅନୁପସ୍ଥିରେ ମୋଟ ୧୦୮ ଜଣ ଦାଖଲ କରିଥିବା ଅଭିଯୋଗର ଶୁଣାଣି କରାଯାଇଥିଲା। ଔପଦା ବ୍ଲକର ଫତେପୁର ଠାରୁ ହରିହରପୁର ଶାସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାନଗଲେ ଗ୍ରାମବାସୀ ମାନେ ଭୋଟ ବର୍ଜନ କରିବାକୁ ଲିଖିତ ଭାବେ ଅବଗତ କରାଇଥିଲେ। ଖଇରା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନଙ୍କୁ ପରିଚୟ ପତ୍ର ମିଳୁନଥିବା ନେଇ ମଞ୍ଚର କାର୍ଯ୍ୟକର୍ତ୍ତାମାନେ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରିଥିଲେ। ସେହିଭଳି କୁପାରୀ, ବର୍ତ୍ତନା, କୋଚିଆକୋଇଲି ରାଜସ୍ୱ କ୍ଷେତ୍ର ଅଧିନସ୍ଥ ସରକାରୀ ଜମିରେ ପ୍ରଚୁର ପରିମାଣର ମାଙ୍କଡା ଓ ମୋରମ ଗଚ୍ଛିତ ଥିବା ବେଳେ ଏହାକୁ ସରକାରୀ ସ୍ତରରେ ନିଲାମ କରାଯାଉନଥିବାରୁ ଲଘୁଖଣିଜ



ଦ୍ରବ୍ୟ ଚୋରାଚାଲାଣ କେଉଥିବା ଏବଂ ୧୯୭୧ ମସିହାରୁ କୁପାରୀ ରାଜସ୍ୱ କ୍ଷେତ୍ରରେ ପଟ୍ଟା ପାଇଥିବା ଭୂମିହୀନ ମାନଙ୍କୁ ଜମି ଚିହ୍ନଟ ଦିଆଯାଉନଥିବାରୁ ଜମି ମାଫିଆ ଓ ପଟ୍ଟାଧାରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଉଥିବା ନେଇ ୩ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଅଭିଯୋଗ କରିଥିଲେ। ରେସନ କାର୍ଡରେ ନାମ ଯୋଡା ଯାଉନଥିବା ନେଇ ବହୁ ରେସନକାର୍ଡଧାରୀ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଉକ୍ତ ଶୁଣାଣି ଶିବିରରେ ଏଡିଏମ ହେମନ୍ତ କୁମାର ସିଂ,ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ,ଏପିଡି ମଧୁସ୍ମିତା ସାମନ୍ତରାୟ,ମୁଖ୍ୟଚିକିତ୍ସାଧିକାରୀ ଅନିଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ନାରାୟଣ ସାହୁ,ତହସିଲଦାର ଅମିତ ରଞ୍ଜନ ହୋତା,ଆଇଆଇସି ଜନ ପଟ୍ଟନାୟକ,ବିଏସଏସଓ ସରୋଜ କୁମାର ନାୟକ,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦ୍ରୁପଦ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଭାରତୀୟ ଜ୍ଞାନ ପରମ୍ପରା ବିଷୟକ ଜାତୀୟ ସମ୍ମିଳନୀ

ବାଲେଶ୍ୱର,୧୩।୪(ସମିସ): 'ଭାରତୀୟ ଜ୍ଞାନ ପରମ୍ପରା ଓ ସାମଗ୍ରିକ ଶିକ୍ଷା: ନୀତି, ସମସ୍ୟା ଓ ସୁଯୋଗ' ବିଷୟକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ପ୍ରଫେସର କାହ୍ନୁଚରଣ ସାହୁ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭିକ ଉଦବୋଧନରେ ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥିମାନଙ୍କୁ ସ୍ୱାଗତ କରି ସମ୍ମିଳନୀର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ଏଥିସହ ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ବିଷୟବସ୍ତୁର ଆବଶ୍ୟକତା ଉପସ୍ଥାପନା କରିଥିଲେ ଓ ଡ଼କ୍ଟର ପ୍ରତିମା ପ୍ରଧାନ ଏହାର ଶିକ୍ଷାତ୍ମକ ଓ ସାମାଜିକ ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଡ଼କ୍ଟର ରଞ୍ଜନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପ୍ରଫେସର ଭାସ୍କର ବେହେରା, ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା, କେନ୍ଦ୍ରୀୟ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ପ୍ରଫେସର ମନୋଜ ସକ୍ସେନା ଓ ପ୍ରଫେସର ଭରତ କୁମାର ପଣ୍ଡା ଯୋଗ ଦେଇଥିଲେ। ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଜ୍ୟୋତି ଶଙ୍କର ପ୍ରଧାନ ସଂଗଠନ ସଚିବ ଭାବେ କାର୍ଯ୍ୟଭାର ନେଇଥିଲେ ଏବଂ ଡ଼କ୍ଟର ପ୍ରତିମା ପ୍ରଧାନଙ୍କ ସହିତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ବିଶେଷ ସହଯୋଗ କରିଥିଲେ।

# 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

ଜଳେଶ୍ୱର, ୧୩। ୪ (ସମିସ): ଓଡିଆ ପକ୍ଷ ପାଳନ ଅବସରରେ ଆଜି ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଜଳେଶ୍ୱରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ଜଳେଶ୍ୱର ପୌରପାଳିକା ପକ୍ଷରୁ ବିଭିନ୍ନ ସ୍ୱୟଂ ସହାୟକ ମହିଳା ଗୃପର ସଦସ୍ୟାମାନେ ବିଭିନ୍ନ ପ୍ରକାରର ଓଡିଆ ଘରର ପିଠା ପଣା ଓ ଖାଦ୍ୟ ପ୍ରଦର୍ଶନୀ କରିବା ସହିତ ସମସ୍ତଙ୍କୁ ପରିବେଷଣ କରିଥିଲେ। ଏହି ଅବସରରେ ପୌରପାଳିକା ତରଫରୁ ଓଡିଆ ଖାଦ୍ୟ ଦହି ପଖାଳ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତି, ଆଇଆଇସି ଅଶୋକ କୁମାର ବାରିକ ପ୍ରମୁଖ ଯୋଗଦେଇ ଦିବସକୁ ପାଳନ କରିଥିଲେ। ସେହିପରି ଜଳେଶ୍ୱର ବ୍ଲକ ପରିସରରେ ବିଭିନ୍ନ ଗ୍ରାମ ପଂଚାୟତରୁ ସ୍ୱୟଂ ସହାୟକ ମହିଳା ଗୃପର ସଦସ୍ୟ ମାନେ ବ୍ଲକ ପରିସରରେ ଓଡିଆ ଘର ଖାଦ୍ୟର ଷ୍ଟଲ ଖୋଲି ସମସ୍ତଙ୍କୁ ପରିବେଷଣ କରିଥିଲେ। ସେହିପରି ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଛାତ୍ରୀ ମାନଙ୍କ ଦ୍ୱାରା ଓଡିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମରେ ଓଡିଆ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ତହସିଲଦାର ସତ୍ୟଜିତ ମହାନ୍ତି ଓ ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ ମିଳିତ ଭାବେ ଉଦ୍‌ଘାଟନ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ, ସମାଜସେବୀ କମଳ ଚକ୍ରବର୍ତୀ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ରହି ଖାଦ୍ୟର ମାନ ପରୀକ୍ଷା କରିଥିଲେ।

# 'ଇତି ପରିବାର'ର ସ୍ୱନକ୍ଷତ୍ର ଦିବସ



ବାଲେଶ୍ୱର,୧୩।୪(ସମିସ): 'ଇତି' ପରିବାରର ତୃତୀୟ ସ୍ୱନକ୍ଷତ୍ର ଦିବସ 'ଆହ୍ୱାନ ୨୦୨୬' ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ମୁରଲୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁନି ନୃତ୍ୟ ଶିଳ୍ପୀ ଅମଇରା ଦାଶ ଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ପୂର୍ବତନ ଏବିଇଓ ବିକର୍ତ୍ତନ ନାୟକ, ଅନ୍ୟତମ ଅତିଥି ଭାବେ ରବୀନ୍ଦ୍ର ନାୟକ, ସମ୍ପାଦିକା ଡ. ବିଥିକାରାଣୀ ପଟ୍ଟନାୟକ ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସଂଗୀତା ରଥ ଅତିଥି ପରିଚୟ ଦେଇଥିଲେ। ବିଚାରକ ଭାବେ ସତ୍ୟଭାମା ମୁଦୁଲି, ରବୀନ୍ଦ୍ର ମାଝୀ, ପୁଷ୍ପା ବେହେରା, ଆଶିଷ ପାତ୍ର ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପଣ୍ଡିତ ମନ୍ମଥ ମିଶ୍ର, ଅନ୍ୟତମ ଅତିଥି ସମାଜସେବୀ ରୀତିକ ଜୀ କୃତୀ ଶିଳ୍ପୀଙ୍କୁ ପୁରସ୍କୃତ କରିଥିଲେ। ବିଜୟଲକ୍ଷ୍ମୀ ମିଶ୍ର ମଞ୍ଚ ଆହ୍‌ୱାନ କରିଥିବା ବେଳେ ଯୁଗ୍ମ ସମ୍ପାଦିକା ମିନତୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଜୟଶ୍ରୀ ପ୍ରାମାଣିକ, ଦମୟନ୍ତୀ ସେଠୀ, ରେବତୀ ନାୟକ, ସତ୍ୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ହିଡିଗାଁ,ମା ଖଣ୍ଡକାଳୀ ୟୁ ପି ସ୍କୁଲ, ଦେବାଂଶୀ, ଝାଡ଼େଶ୍ୱର ଇଣ୍ଟର ନେସନାଲ, ରୋୟାଲ, ଚାଇଲଡ ଫାଇନ ଆର୍ଟ, ହୋମ ସୁଇଟ ଅଂଶଗ୍ରହଣ କରିଥିଲେ।

# ପାନୀୟ ଜଳ ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ

ନୀଳଗିରି, ୧୩।୪ (ସମିସ): ଗ୍ରୀଷ୍ମ ଆରମ୍ଭରେ ଲୋକଙ୍କ ଜଳକଷ୍ଟ ଦେଖିବାକୁ ମିଳିଛି। ବିଭାଗର ଅବହେଳା ପାଇଁ ବାଧ ହୋଇ ଜଣେ ସରପଞ୍ଚ ଆଜି ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନୀଳଗିରି ବ୍ଲକର ତେଲିପାଳ ପଞ୍ଚାୟତର ରାଇପାଳ ବସୁଧା ଜଳଯୋଗାଣ ପ୍ରକଳ୍ପ ଅଧୀନରେ ଥିବା ଗୋହିରା, ରାଇପାଳ ଗ୍ରାମର ଶତାଧିକ ପରିବାର ପାଣିପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରେ ଘରେ ପାଇପଯୋଗେ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶୃତି ଦିଆଯାଇଥିଲେ ବି ଏଯାବତ ସେମାନ ବିଶୁଦ୍ଧଜଳ ବୁନ୍ଦାଏ ପାଇପାରିନାହାନ୍ତି। ଯାହାକୁ ନେଇ ଗ୍ରାମବାସୀ ଆରଡବ୍ଲୁଏସଏସ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଏ ବାବଦରେ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହିପରି ଉକ୍ତ ପଞ୍ଚାୟତର



ଭୋଳାନାଳ,କେନ୍ଦୁଆ ଓ ହୁଡିସାହିରେ ଜଳଯୋଗାଣ ପାଇଁ ସମସ୍ତ କାର୍ଯ୍ୟ ୬ମାସରୁ ଊମାସସମୟ ହେବ ସମାପ୍ତ ହୋଇଥିଲେ ବି ଏଯାବତ ପାଣି ଛଡାଯାଇନାହିଁ। ଯାହାପାଇଁ ଉକ୍ତ ପଞ୍ଚାୟତବାସୀ ପାଣିପାଇଁ ଡହଳ ବିକଳ ହେଉଛନ୍ତି। ଶେଷରେ ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତେଲିପାଳ ସରପଞ୍ଚ ବାହାମଣୀ ମାର୍ଣ୍ଡି ନୀଳଗିରି ବିଡିଓଙ୍କୁ ଏ ବାବଦରେ ତୁରନ୍ତ ସମାଧାନ କରିବାପାଇଁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

# କଟୁରୀରେ ହାଣି ଲୁଟିନେଲେ ପାଞ୍ଚ ଲକ୍ଷ

ସୋର, ୧୩।୪ (ସମିସ): ଅନନ୍ତପୁର ଥାନା ବାରିକପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ତେଲେଙ୍ଗା କଟୁରୀରେ ହାଣି ପାଞ୍ଚ ଲକ୍ଷ ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଞ୍ଚଳର ମାନସ କୁମାର ମିଶ୍ର ରାଣୀତାଲ, ମାର୍କୋଣା ଏବଂ ସୋର ରୁ ରେଲୱେ ଟିକେଟ ପଇସା କଲେକ୍ସନ କରି ବାହାନଗା ଷ୍ଟେସନକୁ ଯାଉଥିବା ବେଳେ ବାରିକପୁର ଗ୍ରାମରେ ଦୁଇଟି ମଟର ସାଇକେଲରେ ପାଞ୍ଚଜଣ ଯୁବକ ଗାଡିକୁ ଅଟକାଇ ତେଲେଙ୍ଗା କଟୁରୀରେ ଗାଡିର ଟାଙ୍କିକୁ ହାଣି ପରେ ହାତକୁ ହାଣି ପାଞ୍ଚଲକ୍ଷ ଟଙ୍କା ଲୁଟି ନେଇ ବାଇକ୍‌ରେ ସୋର ଆଡକୁ ଦ୍ରୁତଗତିରେ ପଳାଇଯାଇଥିଲେ। ଖବରପାଇ ଅନନ୍ତପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶ୍ରୀ ମିଶ୍ର ଙ୍କୁ ଉଦ୍ଧାର କରି ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଅନନ୍ତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅନନ୍ତପୁର ପୁଲିସ ଅଭିଯୋଗ ମୂଳେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଈଶାଣୀ ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା


# ସର୍ବଧର୍ମ ସମନ୍ୱୟର ମାଟି ଭାବେ ଈଶାଣୀ ଉଭା ହେବା ଆବଶ୍ୟକ

ବାଲେଶ୍ୱର,୧୩।୪ (ସମିସ)

ସ୍ଥାନୀୟ ଉଦାଯାତ୍ରା ପଡିଆ ତଥା ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡିୟମରେ ପଞ୍ଚ ଦିବସୀୟ ଏକାଦଶ ସଂସ୍କରଣ 'ବୈଶାଖୀ ମହୋତ୍ସବ'ର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ 'ସକାଳ'ର ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ପ୍ରାକ୍ତନ ସଭ୍ୟ ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥି



ସୌଜନ୍ୟ ଭାବେ ବିଶିଷ୍ଟ ଜନବାଦୀ କର୍ମୀ ଅରୁଣ ଜେନା ଓ ଯୁବ ଉଦ୍ୟୋଗୀ ଚନ୍ଦ୍ରଶେଖର ରାଉତ ଉପସ୍ଥିତ ଥିଲେ। ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀଙ୍କ ପଦ ରୁଜୁ ପଡ଼ିଥିବା ଏହି ଐତିହାସିକ ମାଟି ଶାନ୍ତି, ମୈତ୍ରୀ ଓ ପ୍ରଗତିର ପ୍ରତୀକ। ଏହି ସତ୍ୟାଗ୍ରହର ସ୍ମୃତି ବହନ କରୁଥିବା ଈଶାଣୀ ମାଟି ଆଗାମୀ ଦିନରେ ସର୍ବଧର୍ମ ସମନ୍ୱୟର ମାଟି ଭାବେ କେମିତି ଉଭା ହେବ ସେଦିଗରେ ସଭିଙ୍କ ପ୍ରୟାସ ଜାରି ରହିବା ଦରକାର ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋସଲେଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଶାଖୀ ମହୋତ୍ସବର କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଦସ୍ୟା ମମତା ଦାସ ମଞ୍ଚାସୀନ ଥିଲେ। ଅନୁଷ୍ଠାନ କାର୍ଯ୍ୟକାରୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ରଖିଥିବା ବେଳେ ଉପସଭାପତି ନରେନ୍ଦ୍ର ଦାସ କାର୍ଯ୍ୟକ୍ରମ ନିଷ୍ପାଦନ କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ଦୀନବନ୍ଧୁ ଦାସ ଶେଷ କଥା ରଖିଥିଲେ। ଏହି ଅବସରରେ ସଭା ପରେ ଅନନ୍ୟା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ଭରତପୁର ପଞ୍ଚାୟତ ବିଜେଡିର କର୍ମୀ ସମ୍ମିଳନୀ

**ବଡ଼ଚଣା,୧୩।୪(ସମିସ):** ଭରତପୁର ମାତାମଠ ଠାରେ ଭରତପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସରସ୍ୱତୀ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ସାମଲଙ୍କ ସଞ୍ଚାଳନରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଜେଡି ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ, ଜ୍ଞାନରଞ୍ଜନ ସାହୁ,




ସଞ୍ଜୟ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ଧୁଳେଶ୍ୱର ଦାସ, ଜଗନ୍ନାଥ ମୁଦୁଲି, ଦମୟନ୍ତୀ ସାମଲ, ଶ୍ରୀକାନ୍ତ ସାମଲ, ସୁଲତାନ ସୈଫୁଲା ଖାଁ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ଚଣା ବ୍ଲକରେ ବିଭିନ୍ନ ପ୍ରକାରର ଦୁର୍ନୀତି ଯଥା ଅନ୍ତ୍ୟୋଦୟ ଗୃହ ନିର୍ମାଣ ଯୋଜନାରେ ଅନିୟମିତତା, ଉନ୍ନୟନ ମୂଳକ କାର୍ଯ୍ୟରେ ଖୋଲାଖୋଲି ଭାବେ ସରକାରୀ ନିୟମର ଉଲଙ୍ଘନ, ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ତଥା ଆଗାମୀ ଦିନରେ ଶାସକ ଦଳର ମନମୁଖୀ କାର୍ଯ୍ୟର ସୁଧାର ନ ଆସିଲେ ୱାଡର୍ ସ୍ତରରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତୀବ୍ର ବିରୋଧ କରାଯିବା ସହ ସଂପୃକ୍ତ ଅଧିକାରୀ ମାନଙ୍କ ବିରୋଧରେ ଆଇନଗତ ପଦକ୍ଷପ ଗ୍ରହଣ କରାଯିବ ବୋଲି ଶ୍ରୀଯୁକ୍ତ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଭରତପୁର ପଞ୍ଚାୟତର ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଆଗାମୀ ଦିନରେ ହେବାକୁ ଥିବା ଜନଆନ୍ଦୋଳନରେ ସମ୍ପୂର୍ଣ୍ଣ ସମର୍ଥନ ଦେଇ ସହଯୋଗ କରି ଜୋରଦାର ବିରୋଧ କରିବା ପାଇଁ ଅନେକ କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ସଭାପତି ବ୍ରଜ କିଶୋର ବାସୁଲେଇ, ନିରଞ୍ଜନ ସାହୁ, ଦୋଳଗୋବିନ୍ଦ ଦାସ, ଜ୍ଞାନରଞ୍ଜନ ସାମଲ, ରଞ୍ଜିତ ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ବୈଠକରେ ସାମିଲ ହୋଇଥିଲେ। ସର୍ବଶେଷରେ ନିଗମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କିଶୋରଲାଲଜୀଉ କ୍ରିକେଟ ଟୁର୍ଣ୍ଣମେଣ୍ଟ ଉଦଯାପିତ

**କୟାଁଗୋଲା,୧୩।୪(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ ଥାଲକୁଡ଼ି ସ୍ଥିତ ପ୍ରଗତି କଲୋନୀ ପଡ଼ିଆରେ ଅନୁଷ୍ଠିତ ଏକ ଦିବସୀୟ ଦିବାରାତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ସୁଶାନ୍ତ କୁମାର ବେହୁରିଆ ଓ ପ୍ରତାପ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୋଟ ୧୨ଟି ଟିମ୍‌କୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସାଇ ଇଲେଭେନ ସହିତ ପାଲଟପୁର ଟାଇଟନ ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା। ସାଇ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩ ଓଭରରେ ୫ ୱିକେଟ ହରାଇ ୨୫ ରନ ସଂଗ୍ରହ କରିଥିଲେ। ନିର୍ଦ୍ଧାରିତ ଲକ୍ଷକୁ ପିଛାକରି



ପାଲଟପୁର ଟାଇଟନ ୨ ଓଭର ୨ଟି ବଲରେ ୨୬ ରନର ଲକ୍ଷକୁ ହାସଲ କରିବାକୁ ସକ୍ଷମ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଅଞ୍ଚଳର ବରିଷ୍ଠ ସମାଜସେବୀ ସୋମନାଥ ନାୟକ ଓ ମୁଖବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ବେହୁରିଆ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରତାପ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଜୟ ଓ ପରାଜୟ ଲାଭ କରିଥିବା ଟିମକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବାରେ କିଶୋରଲାଲ ଜୀଉ କ୍ରିକେଟ କ୍ଲବର କର୍ମକର୍ତ୍ତା ପ୍ରତାପ ରାୟ, ଅମରେଶ ଘଡ଼ାଇ, କିରଣ ରାଉତଙ୍କ ସମେତ ତପୁଆ, ରାମ, ବିଶୁ, ସତୁରା, ବୁବୁନୁ, ଧନୁଆ ପ୍ରମୁଖ ସହଯୋଗ କରିଥିଲେ।

### ଧୋକ୍କାବାଜ ପ୍ରଭାତ ବିଶ୍ୱାଳଙ୍କୁ ବବିଙ୍କ ଜବାବ

# ବାପ ପୁଅ ସ୍ୱାଭିମାନୀ ନୁହେଁ; କୃତଘ୍ନ

**ଯାଜପୁର,୧୩।୪(ସମିସ):**

ପୁଣି ବବି ଫେରୁଛନ୍ତି ଫର୍ମକୁ। ନିଜର ପୁରୁଣା ଅନ୍ଦାଜରେ ବିଜେଡି ସହିତ ବିଶ୍ୱାସଘାତ କରିଥିବା ନେତାଙ୍କୁ କରିଛନ୍ତି ଟାର୍ଗେଟ। ଦଳ ଠାରୁ ସବୁ ଫାଇଦା ନେବା ପରେ ଏବେ ବିକ୍ରି ହେଇ ସ୍ୱାଭିମାନର ପାଠ ପଢ଼ାଉଛନ୍ତି କହି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ କଟୁ ସମାଲୋଚନା କରିଛନ୍ତି ବବି। ପ୍ରଭାତ ଦଳ ପାଇଁ ରାତିରେ କାମ କରୁଥିବା ପ୍ରସଙ୍ଗରେ ବବି କହିଛନ୍ତି ଯିଏ ଚୋରି କରେ ସେ ରାତି ଅନିଦ୍ରା ହୁଏ। ମୁଁ ତ ୯୦ ହଜାର ଭୋଟରେ ଜିତିଥିଲେ ମଧ୍ୟ ମୁଁ କେବେ ରାତି ଅନିଦ୍ରା ହୋଇନାହିଁ। ଯିଏ ରାତି ଅଧିଆ ଚୋରି କରିବେ ସେମାନେ ରାତି ଅନିଦ୍ରା ହେବେ କହି ପ୍ରଭାତଙ୍କୁ ସମାଲୋଚନା କରିଥିଲେ। ସିଏ କାହିଁକି ରାତି ଅନିଦ୍ରା ହେଉଥିଲେ ସେ ଜାଣିଥିବେ। ରାଜ୍ୟସଭା ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ରଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ମୋ ପ୍ରତି ତାଙ୍କର ଅଭିମାନ ରହିଥିଲେ ମଧ୍ୟ ସେ ଦଳ ସହିତ ରହିଥିଲେ। କିନ୍ତୁ ପ୍ରଭାତ ଦଳ ପାଇଁ କୃତଘ୍ନ ହେଇଗଲେ କହି ତାଚ୍ଛଲ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ହୋଇଥିଲେ ମଧ୍ୟ ବଦ୍ରୀ ନିଜ ଦଳ ସହିତ ରହିଥିଲେ, ସେଥିପାଇଁ ତାଙ୍କୁ ସାଲ୍ୟୁଟ ବୋଲି କହିଥିଲେ। ଯାଜପୁର ବ୍ଲକ ମାଳଆନନ୍ଦପୁରରେ ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଉଭୟ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପୁଅଙ୍କୁ କଟୁ



ସମାଲୋଚନା କରି ଯଦି ନିଜ ଭିତରେ ଏତେ ସ୍ୱାଭିମାନ ଥିଲା ସ୍ୱାଧୀନ ଭାବେ ଲଢ଼ି ନିଜର ପତିଆରା ଦେଖାଇଥାନ୍ତ। ୨୦୦୪ରେ ସ୍ୱାଧୀନ ଭାବେ ଦଳ ଜିତାଇଥିଲା। ୨୦୦୯, ୨୦୧୪, ୨୦୧୯ରେ ଦଳ ଜିତେଇଲା। ପୁଣି ୨୦୨୪ରେ ପୁଅକୁ ଦଳ ଟିକେଟ ଦେଇ ଜିତେଇଲା। ଏବେ ତାଙ୍କର ସ୍ୱାଭିମାନ ଜାଗ୍ରତ ହୋଇଥିବା କହି ତାଚ୍ଛଲ୍ୟ କରିଥିଲେ। ଏତେ ଯଦି ସ୍ୱାଭିମାନ ଥିଲେ, ନିଜେ ସ୍ୱାଧୀନ ପ୍ରାର୍ଥୀ ହୋଇ ଲଢ଼ି କରି ଦେଖେଇଥାନ୍ତ। କାହା ଠାରୁ ଟଙ୍କା ଖାଇ ନଥିବା କହୁଥିବା ପ୍ରଭାତଙ୍କ ଘର ମୁଁ ଦେଖିନି; କିନ୍ତୁ

## ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ବଦ୍ରି ପାତ୍ରଙ୍କୁ କଲେ ପ୍ରଶଂସା

ପ୍ରଭାତ ନିଜ ପତ୍ନୀ, ପୁଅ ସହିତ ମୋ ଦୁଆରକୁ ୫୦୦ ଥର ଆସିଛନ୍ତି। ଆଉ କେତେ ନେଇଛନ୍ତି ମୁଁ ଭୁଲି ଯାଇନି କହି ମୁହଁ ତୋଡ଼ ଜବାବ ଦେଇଛନ୍ତି। ଗତ ସାଧାରଣ ନିର୍ବାଚନ ପର ଠାରୁ ନିରବ ରହୁଥିବା ପ୍ରଣବ ଏବେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିବା ଘଟଣାକୁ ନେଇ ରାଜନୈତିକ ମହଲରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ମାଳଆନନ୍ଦପୁର ରେ ଆୟୋଜିତ ଏହି ଯୁବ ସମାବେଶରେ ମାଳଆନନ୍ଦପୁର, ଭୁବନେଶ୍ୱରପୁର ଏବଂ ନାଥସାହି ପଞ୍ଚାୟତର ଶହ ଶହ ଯୁବ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ବ୍ୟାସନଗର,୧୩।୪(ସମିସ):** ସୋସବାର ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବ୍ୟାସନଗର ସହରସ୍ଥିତ କେଏନ୍‌ଡିଏ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୩୯ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ୧୦ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ ହୋଇଥିବା ସୂଚନା ମିଳିଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୋମବାର ମୋଟ ୩୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ, ୨ଟି ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ, ୮ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ଏବଂ



୨ଟି ରେଡ୍‌କ୍ରସ ପାଣ୍ଠିରୁ ଅର୍ଥ ନିମନ୍ତେ ଅଭିଯୋଗର ଶୁଣାଣି କରାଯାଇଥିଲା। ତେବେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦ଟି ଅଭିଯୋଗର ତତ୍‌କ୍ଷଣାତ ଫଇସଲା କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୋମବାର ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯାଜପୁର ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗରର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ଯାଜପୁର ତାପସ ରଞ୍ଜନ ଦେହୁରୀ, ତହସିଲଦାର ବ୍ୟାସନଗରର ପ୍ରଶାନ୍ତ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବିବାହିତା ମହିଳା ନିଖୋଜ

**ଦଶରଥପୁର,୧୩।୪(ସମିସ):** ଦଶରଥପୁର ଥାନା କନିକାପଡା ପଞ୍ଚାୟତ ବଉଲାଙ୍ଗ ଗ୍ରାମର ଜୈନିକା ମହିଳା ସପ୍ତାହରୁ ଅଧିକ ଦିନ ହେବ ନିଜ ଘରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଦଶରଥପୁର ଥାନରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବଉଲାଙ୍ଗ ଗ୍ରାମର ମୀର ଅସଲାମ ଅଲ୍ଲୀଙ୍କ ସାନ ବୋହୂ ପ୍ୟାରୀ ବେଗମ(୨୮) ଚଳିତ ମାସ ୫ ତାରିଖ ରାତିରେ ପରିବାରର ସମସ୍ତେ ଖାଇପିଇ ଶୋଇବା ପରେ ନିଜ ୨ଛୋଟ ପୁଅ, ଝିଅଙ୍କୁ ଛାଡି କେଉଁ ଆଡେ ନିଖୋଜ ହୋଇଯାଇଥିଲେ। ରାତିରେ ଛୋଟ ପିଲା ୨ଜଣ ମାଆକୁ ନପାଇ ପ୍ୟାରୀ ବେଗମ ଘରେ ନଥିବା ଜଣାପଡିଥିଲା। ପ୍ୟାରୀ ବେଗମଙ୍କୁ ଠାବ କରିବାକୁ ପରିବାର ଲୋକେ ବନ୍ଧୁବାନ୍ଧବଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ପତ୍ତା ମିଳିନଥିଲା। ଆଜି ତାଙ୍କ ଶ୍ୱଶୁର ଦଶରଥପୁର ଥାନାରେ ବୋହୂ ପ୍ୟାରୀ ବେଗମ ନିଖୋଜ ଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରି ତାଙ୍କୁ ଠାବ କରିବାକୁ ନିବେଦନ କରିଛନ୍ତି।

# ସର୍ବ ମଙ୍ଗଳାଙ୍କ ପ୍ରତିଷ୍ଠା ଉତ୍ସବ

**ଦାନଗଦି,୧୩।୪(ସମିସ):** ଦାନଗଦୀ ବ୍ଲକର ଟମକା ନୂଆସାହିଠାରେ ଥିବା ସର୍ବ ମଙ୍ଗଳା ମା'ଙ୍କ ୧୧ତମ ପ୍ରତିଷ୍ଠା ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଭୋର ସମୟରୁ ମନ୍ଦିରର ପୂଜକ ଦେହୁରୀ ଜଗନ୍ନାଥ ମା'ଙ୍କର ସ୍ନାନ ପରେ କଳସ ବ୍ରତଧାରୀ ମାନେ ନାମ ସଂକୀର୍ତ୍ତନ କରି ନିକଟସ୍ଥ ଗଣ୍ଡାନାଳରୁ କଳସ ବୁଡ଼ାଇଥିଲେ। ସୂର୍ଯ୍ୟପୂଜା, ବିଶ୍ୱଶାନ୍ତି ମହାଯଜ୍ଞ, ଭୂମିପୂଜା, ନ୍ୟାସ ପୂଜା, ଆଚାର୍ଯ୍ୟ ମାନସ କୁମାର ହୋତାଙ୍କ ନେତୃତ୍ୱରେ ଅଶୋକ ହୋତା, ମହେଶ ହୋତା, ଆକ୍ଷୟ ହୋତାଙ୍କ ମନ୍ତ୍ର ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଲକ୍ଷ୍ମୀଧର ବେହେରା ସଂକଳ୍ପରେ ବସିଥିଲା ବେଳେ ରାଜଶ୍ରୀ ମହାପାତ୍ର, ସଳିତା ସ୍ୱାଇଁ, ପ୍ରଭାତି ବେହେରା, ରୁକୁଣୀ ନେହେରା, ପଦ୍ମାବତୀ ବେହେରା, କେଶୀଲତା ରାଉତ, ରଜନୀ ଓଝା କଲ୍ୟାଣୀ ବେହେରା, ଜୟନ୍ତୀ ଓଝା, କୁନି ବେହେରା ପୂଜାରେ ବସିଥିଲେ। ଏହି ଉତ୍ସବରେ ଲମ୍ବୋଧର ମହାନ୍ତ, ଗଣେଶ ସାହୁ, ଅଭିରାମ ପ୍ରଧାନ, ମାୟାଧର ବେହେରା, ମଦନ ବାରିକ ନରୋତ୍ତମ ଡାଙ୍ଗୁଆ, ଦିବ୍ୟରଞ୍ଜନ ବେହେରା, ରାଜ ଓଝା, ଅଜିତ୍ ରଥ, ମାନସ ବେହେରା, ପିଣ୍ଟୁ ଓଝା, ବଣ୍ଟି, ଲିଣ୍ଟୁ, ବବୁଲୁ, ବିକି,ବୀରୁ, ରୁନା ଓଝା, ସହଯୋଗ କରିଥିଲେ।

# କୋରେଇ ଠିକାଦାର ସଂଘର ସାଧାରଣ ପରିଷଦ ବୈଠକ

**ବ୍ୟାସନଗର,୧୩।୪(ସମିସ):** ବ୍ୟାସନଗର ସହରସ୍ଥିତ ରାଜମହଲ ହୋଟେଲ ପରିସରରେ କୋରେଇ ଠିକାଦାର ସଂଘର ୩ୟ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବ ମନୋନୀତ ସଂଘର ସଭାପତି ଅମର ପ୍ରତାପ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସମ୍ପାଦକ ଯଜ୍ଞଦତ୍ତ ତ୍ରିପାଠୀ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକ ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନରେ ମନୋନୀତ ସଂଘର ସଭାପତି ଅମର ପ୍ରତାପ ସିଂହ, ସାଧାରଣ ସମ୍ପାଦକ ପ୍ରଳୟ କୁମାର ପଟ୍ଟନାୟକ, ସମ୍ପାଦକ ଯଜ୍ଞଦତ୍ତ ତ୍ରିପାଠୀ, ଉପସଭାପତି ସତ୍ୟପ୍ରକାଶ ମହାନ୍ତି, କୋଷାଧ୍ୟକ୍ଷ ନିରଞ୍ଜନ ନାୟକ ଏବଂ ସମସ୍ତ ବରିଷ୍ଠ ଉପଦେଷ୍ଟା ସୁରେଶ କୁମାର ରଥ, ଉଦୟଭାନୁ ପତି, ସରୋଜ କୁମାର ରାଉତ, ରାଜେଶ କୁମାର ସାହୁ, ସାମାଜିକ ଗଣମାଧ୍ୟମ ସଂଯୋଜକମାନଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅନୁଷ୍ଠିତ ବୈଠକରେ ଗତ କିଛି ମାସ ତଳେ ସରକାର ପୂର୍ବରୁ ପ୍ରଚଳିତ ୧୪.୯୯ ପ୍ରତିଶତ ଲେସ୍‌କୁ ପ୍ରତ୍ୟାହାର କରି ଅନଲିମିଟେଡ ଲେସ୍ କରିବା ଫଳରେ କାର୍ଯ୍ୟର ମାନ ନିମ୍ନ ହେବା ସହିତ ଠିକାଦାର କ୍ଷତିଗ୍ରସ୍ତ ହେବା ନେଇ ମତପ୍ରକାଶ ପାଇବା ସହିତ ଏଥିରେ ସୁଧାର ଆଣିବା ନିମନ୍ତେ ସଂଘ ମୁଖ୍ୟ ଭୂମିକା ତୁଲାଇବ ବୋଲି ସମସ୍ତ ମଞ୍ଚାସୀନ ଅତିଥି ମତ ପ୍ରକାଶ କରିଥିଲେ। ଏହି ବୈଠକରେ



ସଂଘ ପକ୍ଷରୁ ପିତାମ୍ବର ନନ୍ଦ, ଅକ୍ଷୟ କୁମାର ପାତ୍ର, ପ୍ରଦୀପ କୁମାର ମାଝୀ, ପ୍ରଦୀପ୍ତ ଜେନା, ଚନ୍ଦନ କୁମାର ଜେନା, ପ୍ରଦୀପ ନାୟକ, ଗୋକୁଳାନନ୍ଦ ସାହୁ, ପ୍ରଭାତ କୁମାର ଜେନା,ତନ୍ମୟ ପଣ୍ଡା, ପ୍ରକାଶ କୁମାର ପଣ୍ଡା, ସଂଜୟ କୁମାର ସିଂ, ଦେବ ପ୍ରକାଶ ମହାନ୍ତି, ଶଙ୍କର୍ଷଣ ସାହୁ, ପ୍ରହଲ୍ଲାଦ ପ୍ରତିହାରୀ, ହରି କିଶନ ଅଗ୍ରୱାଲ, ଦୀପକ କୁମାର ସାହୁ, ସନାତନ ରାଉତ, ସୁରେଶ କୁମାର ଜେନା, ମନୋଜ କୁମାର ନାୟକ, ଦେବାଶିଷ ବେହୁରା, ସୁଧାଂଶୁ ଶେଖର ବିଶ୍ୱାଳ, ମଧୁସୂଦନ ମଲିକ, ଶୁଭକାନ୍ତ ପ୍ରଧାନ, ରାଜାରାମ ଖିଲାର, କାଳନ୍ଦୀ ଚରଣ ସେଠୀ, ତପନ କୁମାର ମଲ୍ଲିକ,ରାଜେଶ କୁମାର ପ୍ରଧାନ, ଜିତେନ୍ଦ୍ର କୁମାର ସାମଲ, ସଂଜୟ କୁମାର ପ୍ରଧାନ, ଶାନ୍ତନୁ କୁମାର ରାଉତ, ସଂଗ୍ରାମ କେଶରୀ ଦାସ, ବିଜୟ ମଲ୍ଲିକ, ଅଜିତ କୁମାର ପରିଡ଼ା, ରଘୁନାଥ ବିଶ୍ୱାଳ, ମନୋଜ କୁମାର ରାଉତ, କୈଳାସ ଚନ୍ଦ୍ର ରାଉତ,ସପନ କୁମାର ବେହେରା, ପ୍ରିୟବ୍ରତ ରାଉତ, ପ୍ରସନ୍ନ ଜେନା, ଧନେଶ୍ୱର ପରିଡ଼ା, ପ୍ରଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ସଭ୍ୟ ମନୋଜ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

# ଯାଜପୁରରେ 'ଆମେ ଜାଣିବା, ଆମ ବଜେଟ୍' ବୈଠକ



**ଯାଜପୁର,୧୩।୪(ସମିସ):** ରାଜ୍ୟର ବାର୍ଷିକ ବଜେଟ୍ ୨୦୨୬-୨୭ରେ ଗରିବ, ଯୁବପିଢ଼ି, ଅନ୍ନଦାତା କୃଷକ ଓ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। "ମିଶନ ପାୱାର' ଯୋଜନା ଅଧୀନରେ ୨୦୨୬-୨୭ ସୁଦ୍ଧା ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ତିନୋଟି ମୌଳିକ ସୁବିଧା ଯଥା- ଶକ୍ତି, ପାନୀୟ ଜଳ ଏବଂ ଶେଷ ମାଇଲ ସଂଯୋଗୀକରଣ ରାସ୍ତା ଯୋଗାଇ ଦିଆଯିବ। ଯାଜପୁରରେ ଖଣିଜ ଭିତ୍ତିକ ଶିଳ୍ପ ବିକାଶ ଏବଂ ଶିଳ୍ପ କରିଡର ସହ ସଂଯୁକ୍ତ ଭିତ୍ତିଭୂମିର ବିକାଶ ପାଇଁ ଚଳିତ ବର୍ଷର ବଜେଟରେ ପ୍ରସ୍ତାବ ରହିଛି ବୋଲି ଓଡ଼ିଶା ସରକାରଙ୍କ ପ୍ରମୁଖ ଶାସନ ସଚିବ ତଥା ଯାଜପୁର ଜିଲ୍ଲା ନୋଡାଲ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି। ସେ ଆଜି ଯାଜପୁର ଗସ୍ତରେ ଆସି ବଜେଟ୍ ସମ୍ବନ୍ଧୀୟ ଆଲୋଚନା ବୈଠକରେ ଯୋଗ ଦେଇଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ "ଆମେ ଜାଣିବା, ଆମ ବଜେଟ୍' ଶୀର୍ଷକ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ଶାସନ ସଚିବଙ୍କ ସହିତ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଗଣ ଯୋଗ ଦେଇଥିଲେ। ପ୍ରଥମେ ପ୍ରମୁଖ ଶାସନ ସଚିବ ଶ୍ରୀ ବଶିଷ୍ଠ ଜିଲ୍ଲାର ବିଭାଗୀୟ ଅଧିକାରୀଙ୍କ ସହ ବଜେଟର ପରିଭାଷା ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲାପାଳ ଓଡ଼ିଶା ବଜେଟ୍ ୨୦୨୬-୨୭ର ପ୍ରମୁଖ ଦିଗଗୁଡ଼ିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ।

# ଶିଳ୍ପାଞ୍ଚଳକୁ ଜଳ ଯୋଗାଣ ବେଳେ ନଷ୍ଟ ହେଉଛି ପାଣି

**ଯଖପୁରା,୧୩।୪(ସମିସ):**

ବୁନ୍ଦା ବୁନ୍ଦା ପାଣି ସାଇତି ରଖିବା, ସୁନ୍ଦର ଭବିଷ୍ୟ ଆମେ ଗଢିବା'। 'ଏକ ବୁନ୍ଦା ପାଣି ଅମୃତ ସମାନ, ଅଯଥାରେ ତାକୁ ନଷ୍ଟ ନକର'। ଏପରି ଅନେକ ଗୁଡିଏ ସ୍ଲୋଗାନ କେବଳ ସରକାରଙ୍କ ତରଫରୁ ପ୍ରକାଶ ପାଇଥାଏ। ମାତ୍ର ବାସ୍ତବ କ୍ଷେତ୍ରରେ ଏହା ବିପରୀତ ଦିଗରେ କାର୍ଯ୍ୟକାରୀ ହେଉଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ଜଳର ସ୍ତର ନିମ୍ନଗାମୀ ହେଉଥିବା ବେଳେ ଏହାକୁ ରୋକିବାରେ ସାଧାରଣ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ପାଇଁ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥାଏ। ଜଳକୁ ଅପବ୍ୟବହାରରୁ ରକ୍ଷା କରିବା ଓ ଜଳର ସତ୍ ଉପଯୋଗ କିପରି କରାଯାଇପାରିବ ସେଥିପାଇଁ କାନ୍ଥବାଡ ସମେତ ଯୁଆଡେ ଦେଖିବ ସେଆଡ଼େ କେବଳ ଭଲ ଭଲ ସ୍ଲୋଗାନମାନ ଲେଖାଯାଇଛି। ଏହାର କୌଣସି ପ୍ରଭାବ ଜଳ ସଙ୍କଟର ନିୟନ୍ତ୍ରଣ ଉପରେ କାର୍ଯ୍ୟକାରୀ ହେବାଭଳି ପରିଲିଖିତ ହେଉନାହିଁ। ଯେଉଁଠି ବୁନ୍ଦାଏ ଜଳ ନଷ୍ଟ ନକରିବା ପାଇଁ ସଚେତନ କରାଯାଉଛି ସେଠାରେ କିନ୍ତୁ ବନ୍ୟାଜଳ ଭଳି ଭାସିଯାଉଛି ମୂଲ୍ୟବାନ ଜଳ। ତାହା ପୁଣି ସରକାରୀ



ବ୍ୟବସ୍ଥାରେ ନଷ୍ଟ ହେଉଛି ଅମୃତ ସମାନ ଜଳ।

କଳିଙ୍ଗନଗରରେ ଜଳ ସଙ୍କଟ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। କଳିଙ୍ଗନଗର ଠାରେ ବହୁ ସଂଖ୍ୟାରେ ଶିଳ୍ପାନୁଷ୍ଠାନ ଗଢିଉଠିବା ଦ୍ୱାରା ସେହି ତୁଳନାରେ ଜଳର ଆବଶ୍ୟକତା ହୋଇଛି। କଳିଙ୍ଗନଗରର ଜଳ ସ୍ତର ବହୁ ନିମ୍ନରେ ଥିବାରୁ ପାଖରେ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀରୁ ଜଳ ଉଠାଇବା ପାଇଁ ବ୍ୟବସ୍ଥା କରାଯାଇଛି। ସରକାର ତରଫରୁ ଇଡ୍‌କୋ ମାଧ୍ୟମରେ ବ୍ରାହ୍ମଣୀ ନଦୀରେ ବଡ଼ ବଡ଼ ବୋରୱେଲ ସାହାଯ୍ୟରେ ପାଣି ଉଠାଯାଇ ଶିଳ୍ପାନୁଷ୍ଠାନ ମାନଙ୍କୁ ଯୋଗାଇ ଦିଆଯାଇଥାଏ। ଇଡ୍‌କୋ ଜଳ ଯୋଗାଣ ମାଧ୍ୟମରେ ଶିଳ୍ପାନୁଷ୍ଠାନ ମାନଙ୍କ ଠାରୁ ପ୍ରଚୁର ପରିମାଣରେ ଅର୍ଥ ଆଦାୟ କରିଥାଏ। ମାତ୍ର ଯେତେ ପରିମାଣରେ ନଦୀରୁ ଜଳ ଉଠାଯାଉଛି ସେତିକି ପରିମାଣର ଜଳ କାରଖାନା ମାନଙ୍କୁ ଯୋଗାଇବାରେ ଅସମର୍ଥ ହେଉଛି ଇଡ୍‌କୋ। କାରଣ ବଡ଼ ବଡ଼ ପାଇପ୍ ଲାଇନ୍ ଜରିଆରେ କାରଖାନାକୁ ଯାଉଥିବା ଜଳ ମଝିରେ ମଝିରେ ଥିବା ଭାଲବ୍‌ରୁ ଦିନ ରାତି ୨୪ଘଣ୍ଟା ଜଳ ବାହାରି ନଷ୍ଟ ହେଉଥିବାର ଦେଖିବାକୁ ମିଳେ। ଇଡ୍‌କୋ ଦ୍ୱାରା କାରଖାନାକୁ ଯୋଗାଇ ଦିଆଯାଉଥିବା ଜଳ ବ୍ରାହ୍ମଣୀ ନଦୀ ଠାରୁ କାରଖାନା ପର୍ଯ୍ୟନ୍ତ ଅନେକ ସ୍ଥାନରେ ଥିବା ଭାଲବ ରୁ ରୀତିମତ ଜଳ ନିଷ୍କାସନ ହେଉଥିଲେ ମଧ୍ୟ ପ୍ରଶାସନ ବା ଇଡ୍‌କୋ ଦ୍ୱାରା ଏହାକୁ ବନ୍ଦ କରାଯାଉନାହିଁ। ଯେଉଁଠି ବୁନ୍ଦାଏ ଜଳ ନଷ୍ଟ ନକରିବା ପାଇଁ ସରକାର ଡିଙ୍ଗୁରା ପିଟୁଛନ୍ତି ସେଠାରେ ସରକାରଙ୍କ ନିଜସ୍ୱ ସଂସ୍ଥା ଇଡିକୋ ବହୁ ପରିମାଣର ଜଳ ନଷ୍ଟ କରୁଥିଲେ ମଧ୍ୟ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଦିନକୁ ଦିନ କଳିଙ୍ଗନଗରରେ ଜଳ ସଙ୍କଟ ବଢ଼ି ଚାଲିଥିବା ସମୟରେ ଇଡ୍‌କୋ ତାର ମନଇଛା ନଦୀ ଜଳକୁ ଦୁର୍ବ୍ୟବହାର କରୁଛି। ଯେଉଁଠି ଚାଷୀଟିଏ ଶସ୍ୟ ଅମଳ କରିବା ପାଇଁ ଜଳର ବ୍ୟବସ୍ଥା ନଥିବାରୁ ବର୍ଷା ଜଳକୁ ଚାତକ ଭଳି ଚାହିଁବସିଥାଏ ସେଠାରେ ସରକାରୀ ସଂସ୍ଥା ଇଡ୍‌କୋ ମନଇଛା ଜଳକୁ ଅପବ୍ୟବହାର କରୁଛି। ଜଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସରକାର କଳିଙ୍ଗନଗର ଶିଳ୍ପସଂସ୍ଥାକୁ ଜଳ ଯୋଗାଇ ଦେଉଥିବା ଇଡିକୋ ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ହମ୍ପସ୍ ପାଇଁ ରାସ୍ତାରେ ଜମୁଛି ମଇଳା ପାଣି

**ଦଶରଥପୁର,୧୩।୪(ସମିସ):** ଦଶରଥପୁର ବ୍ଲକ ଚଷାଖଣ୍ଡ ପଞ୍ଚାୟତ ୯ନଂ ୱାର୍ଡ ବୋତଲଟାଙ୍ଗ ଗ୍ରାମରେ ନିଷ୍କାସନକୁ ନେଇ ଉଠିଛି ବିବାଦ ଉଗ୍ରରୂପ ନେବା ଆଶଙ୍କା ବୃଦ୍ଧିପାଇଛି। ଏପରିକି ଏହି ବିବାଦକୁ ନେଇ ଗ୍ରାମରେ ଯେ କୌଣସି ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ନହେବ ତାହା କେହି କହିପାରିବେ ନାହିଁ। ସମସ୍ୟାକୁ ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ।



ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗ୍ରାମର ଦଳିତ ସାହର ଆଦିତ୍ୟ ଜେନା ଓ ମଳୟ ଜେନା ଗ୍ରାମ ରାସ୍ତାରେ ବେଆଇନ ଭାବେ ସିମେଣ୍ଟ କଂକ୍ରିଟଯୁକ୍ତ ହମ୍ପସ୍ ନିର୍ମାଣ କରିଥିବାରୁ ଗ୍ରାମରେ ବ୍ୟବହୃତ ନଳକୂପ ପାଣି ଏବଂ ବର୍ଷା ଜଳ ସ୍ୱାଭାବିକ ସ୍ଥିତିରେ ନିଷ୍କାସନ ହୋଇନପାରି ଦୀର୍ଘ ଦିନ ପର୍ଯ୍ୟନ୍ତ ଗ୍ରାମ ରାସ୍ତାରେ ଜମିରହୁଛି। ଫଳରେ ରାସ୍ତାରେ ସ୍ୱାଭାବିକ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହିତ ଜମି ରହୁଥିବା ପାଣିରେ ମଶା, ମାଛିଙ୍କ ବଂଶ ବୃଦ୍ଧି ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷିତ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ସାଜିଛି। ଗ୍ରାମର ବୟସ୍କଙ୍କ ଠାରୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଉକ୍ତ ରାସ୍ତାରେ ହମ୍ପସ ନିର୍ମାଣ ଯୋଗୁ ଯାତାୟାତ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଗ୍ରାମରେ ଏକାଧିକ ବୈଠକ ମାଧ୍ୟମରେ ଉକ୍ତ ବେଆଇନ ହମ୍ପସ ଉଚ୍ଛେଦ କରିବାକୁ ସମସ୍ତଙ୍କ ଅନୁରୋଧକୁ ସମ୍ପୃକ୍ତ ୨ ବ୍ୟକ୍ତି ଗ୍ରହଣ କରୁନାହାନ୍ତି। ଏପରିକି ଏଥି ନେଇ ଗ୍ରାମବାସୀଙ୍କୁ ବିଭିନ୍ନ ଧମକ ଦେଉଥିବା ବେଳେ ଭବିଷ୍ୟତରେ ଉକ୍ତ ହମ୍ପସ ବିବାଦକୁ ନେଇ ଗ୍ରାମରେ ଆଇନ ଶୃଙ୍ଖଳା ବିଗିଡ଼ିଯିବା ଆଶଙ୍କା ବୃଦ୍ଧିକୁ ନେଇ ଗ୍ରାମର ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରିଛନ୍ତି।

# ସମ୍ପାଦକୀୟ



ଶୈଶବର ସ୍ମୃତି ହୃଦୟର ଚିରନ୍ତନ ସମ୍ପଦ।
-କୈଳାସ ସତ୍ୟାର୍ଥୀ

ସକାଳ
THE SAKALA

## ଅର୍ଥନୈତିକ ବିପଦ

୧୫ ଦିନିଆ ଯୁଦ୍ଧବିରତି ମଧ୍ୟରେ ଇସଲାମାବାଦରେ ଅନୁଷ୍ଠିତ ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି କଥାବାର୍ତ୍ତା ବିଫଳ ହୋଇଛି। ସାରା ବିଶ୍ୱର ନଜର ଇସଲାମାବାଦ ଉପରେ ଥିବା ବେଳେ ବିନା କୌଣସି ସହମତିରେ ୨୧ ଘଣ୍ଟିଆ ଆଲୋଚନା ଶେଷ ହୋଇଛି। ଯଦି ଯୁଦ୍ଧବିରତି ଜାରି ରହେ, ତାହାହେଲେ ଆଲୋଚନା ପାଇଁ ଆହୁରି ସୁଯୋଗ ରହିଛି। ଦୁଇପକ୍ଷ ମଧ୍ୟରେ ଯେଉଁସବୁ ପ୍ରସଙ୍ଗକୁ ନେଇ କଥାବାର୍ତ୍ତା ବିଫଳ ହୋଇଥିବା କୁହାଯାଉଛି, ସେଗୁଡ଼ିକ ହେଉଛି ପୁରୁଣା ବିବାଦ। ଦୀର୍ଘ ଦିନର ଜଟିଳ ବିବାଦ ଗୋଟିଏ ଦିନରେ ସମାଧାନ ହୋଇଯିବ ବୋଲି ଆଶା କରିବା ବୃଥା; ଏହା ଉଭୟ ଆମେରିକା ଏବଂ ଇରାନ ସ୍ୱୀକାର କରିଛନ୍ତି। ସେମାନେ ଏହି ପ୍ରସଙ୍ଗରେ ଆଗକୁ ମଧ୍ୟ ଆଲୋଚନା ଜାରି ରଖିବେ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ଏହି ଆଲୋଚନା ପାଇଁ ମଧ୍ୟସ୍ଥି ସାଜିଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ମଧ୍ୟ ଆଶାବାଦୀ। ସେପଟେ ଏହି ଆଲୋଚନାକୁ ବଢ଼ାଇ ନେବା ଲାଗି ରୁଷ୍ ମଧ୍ୟ ଆଗେଇ ଆସିଛି। ରୁଷ ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସମାପ୍ତ କରିବା ଲାଗି ସେ ଇରାନ ଓ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ଅଛନ୍ତି। ୟୁକ୍ରେନ୍ ଯୁଦ୍ଧରେ ମାତିଥିବା ରୁଷର ଏହି ପ୍ରସ୍ତାବକୁ ଆମେରିକା କେତେଦୂର ଗ୍ରହଣ କରୁଛି, ତାହା ଦେଖିବାର କଥା। ତେବେ ଇସଲାମାବାଦ ଆଲୋଚନା ସରିବା ମାତ୍ରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଯେଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି, ତାହା ଉଦ୍‌ବେଗଜନକ। ତାଙ୍କର ପ୍ରତିକ୍ରିୟା ଏବଂ ହର୍ମୁଜ ସମୁଦ୍ରପଥ ଅବରୋଧ କରିବା ଲାଗି ଧମକ ଯୁଦ୍ଧ ଅପେକ୍ଷା ଅର୍ଥନୈତିକ ସଙ୍କଟକୁ ଅଧିକ ଘନୀଭୂତ କରିବାକୁ ଯାଉଛି। ଇରାନ ସହ ୪୦ ଦିନରୁ ଅଧିକ ସମୟ ଧରି ଯୁଦ୍ଧ ଯୋଗୁଁ



ଆମେରିକା କେବଳ ସାମରିକ ରୂପେ କ୍ଷତିଗ୍ରସ୍ତ ହୋଇନାହିଁ, ଅପମାନଜନକ ପରିସ୍ଥିତିର ମଧ୍ୟ ସମ୍ମୁଖୀନ ହୋଇଛି। ଏଭଳି ପରିସ୍ଥିତିରେ ହର୍ମୁଜ ସମୁଦ୍ରପଥକୁ ଅବରୋଧ କରିବା ଲାଗି ଧମକ ଦେଇ ଟ୍ରମ୍ପ ଆଉ ଗୋଟିଏ ସଙ୍କଟକୁ ଆମନ୍ତ୍ରଣ କରିଛନ୍ତି। ଏହି ପଥ ଦେଇ ବିଶ୍ୱର ୨୦ ଭାଗ ତୈଳ ଓ ଗ୍ୟାସ୍ କାରବାର ହେଉଥିବା ବେଳେ ଏହା ଅବରୁଦ୍ଧ ହୋଇ ରହିଲେ ବିଶ୍ୱ ଅର୍ଥନୀତି ଭୁଶୁଡ଼ି ପଡ଼ିବ। ଯୁଦ୍ଧବିରତି ଘୋଷଣା ପରେ ଅଶୋଧିତ ତେଲ ବଜାରରେ ଯେଉଁ ଉତ୍ସାହ ପରିଲକ୍ଷିତ ହୋଇଥିଲା, ଇସଲାମାବାଦ କଥାବାର୍ତ୍ତା ବିଫଳ ହେବାପରେ ସେଥିରେ ନିଆଁ ଲାଗିଛି। ଗୋଟିଏ ଦିନ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ପାର କରିଯାଇଛି। ଟ୍ରମ୍ପଙ୍କ ଏଭଳି ଅସହିଷ୍ଣୁ ଏବଂ ଅପରିଣାମଦର୍ଶୀ ପଦକ୍ଷେପ ସାରା ବିଶ୍ୱ ପାଇଁ ବିପଦ ଟାଣି ଆଣିବାକୁ ଯାଉଛି। ଯାହା ଜଣାପଡୁଛି, ଗତ ୧୨ମାସର ତିକ୍ତ ଅନୁଭୂତିରୁ କିଛି ଶିକ୍ଷା ହାସଲ କରି ନାହାନ୍ତି ଟ୍ରମ୍ପ। ଦ୍ୱିତୀୟଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁଳ୍କ ନାମରେ ସେ ସାରାବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଲେ। ଭାରତ ସମେତ ଅନେକ ଦେଶ ଉପରେ ମନଇଚ୍ଛା ଅତ୍ୟଧିକ ଶୁଳ୍କ ଧାର୍ଯ୍ୟ କରିଥିଲେ। କିନ୍ତୁ ଏହି ଅର୍ଥନୈତିକ ଯୁଦ୍ଧରେ ଚୀନ ତାଙ୍କୁ ଠିକଣା ଜବାବ ଦେଇଥିଲା। ଚୀନ୍‌ରୁ ବିରଳ ମୃତ୍ତିକା ଖଣିଜ ହାତେଇବା ଲାଗି ତାଙ୍କର ଯୋଜନା ଫେଲ୍ ମାରିଥିଲା। ପୁଣି ଚୀନ ମଧ୍ୟ ବିରଳ ମୃତ୍ତିକା ଖଣିଜ କ୍ଷେତ୍ରରେ ନିଜର ଦବଦବା ବଜାୟ ରଖିଲା। ଫଳରେ ଆମେରିକାରେ ଆନୁଷଙ୍ଗିକ ସାମଗ୍ରୀ ମହଙ୍ଗା ହେଲା। ଏହାକୁ ନେଇ ଟ୍ରମ୍ପ ନିଜ ଦେଶ ଭିତରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଥିବା ବେଳେ ଇରାନ ଯୁଦ୍ଧ ତାଙ୍କୁ ଅକଳରେ ପକାଇ ଦେଇଛି। ବିଶ୍ୱ ବାଣିଜ୍ୟର ପ୍ରାଣକେନ୍ଦ୍ର କୁହାଯାଉଥିବା ହର୍ମୁଜକୁ ଅସ୍ତ୍ର କରି ଇରାନ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି କରିଛି। ଆମେରିକା ଓ ଏହାର ସହଯୋଗୀ ଦେଶଙ୍କ ତୈଳ ଜାହାଜକୁ ହର୍ମୁଜ ଦେଇ ବାହାରିବାକୁ ଦେଉନାହିଁ। ଫଳରେ ହର୍ମୁଜରେ ୩ ହଜାରରୁ ଅଧିକ ତୈଳ ଜାହାଜ ଅଟକି ରହିଥିବାରୁ ବିଶ୍ୱ ତୈଳ ବଜାରରେ ନିଆଁ ଲାଗିଛି। ଟ୍ରମ୍ପ ତାଙ୍କର ପ୍ରଥମ କାର୍ଯ୍ୟକାଳ ସମୟରେ ଇରାନ ତେଲ ଉପରେ କଟକଣା ଜାରି କରିଥିଲେ। ଏବେ ଇରାନ ଯୁଦ୍ଧ ପରେ ତୈଳ ସଙ୍କଟ ପରିପ୍ରେକ୍ଷୀରେ ଇରାନର ତେଲ କାରବାର ଉପରୁ କଟକଣା ହଟାଇ ନେଇଛନ୍ତି। ଇରାନରେ ଅଟକି ରହିଥିବା ୧୪ଲକ୍ଷ ବ୍ୟାରେଲ ତେଲ ବିଶ୍ୱ ବଜାରରେ ପହଞ୍ଚିଥିଲା ଏବଂ ତେଲ ଦର ଉପରୁ ଚାପ କମିଥିଲା। କିନ୍ତୁ, ଇସଲାମାବାଦ ଆଲୋଚନା ବିଫଳ ହେବା ପରେ ଆମେରିକାର ନୌସେନା ହର୍ମୁଜ ଅବରୋଧ କରିବା ଲାଗି ତାଙ୍କର ଧମକ ନୂଆ ସଙ୍କଟ ସୃଷ୍ଟି କରିବାକୁ ଯାଉଛି। ଏଥିରେ ଆମେରିକାର ହିଁ କ୍ଷତି ହେବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ସେମାନଙ୍କ ମତରେ, ଗତ ୧୨ମାସରେ ଟ୍ରମ୍ପଙ୍କ କାର୍ଯ୍ୟକଳାପରୁ ଏହା ସ୍ପଷ୍ଟ ହୋଇଯାଉଛି ଯେ ଅର୍ଥନୈତିକ ଯୁଦ୍ଧରେ ଏବଂ ବିଶେଷକରି ମୁଦ୍ରାଶକ୍ତିଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ଏବଂ କଞ୍ଚାମାଲ କ୍ଷେତ୍ରରେ ଆମେରିକାର ଆଉ ଆଧିପତ୍ୟ ରହିନାହିଁ। ଅର୍ଥନୀତି କ୍ଷେତ୍ରରେ ଆମେରିକା ସ୍ୱାବଲମ୍ବୀ ବୋଲି ଟ୍ରମ୍ପ ଯେତେ ଭାଷଣ ଦେଲେ ମଧ୍ୟ ଆମେରିକା ନିଜର ଚାହିଦା ମେଣ୍ଟାଇବା ପାଇଁ ଚୀନ, କାନାଡ଼ା ଏବଂ ହର୍ମୁଜ ଉପରେ ନିର୍ଭରଶୀଳ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ନବବର୍ଷ-ନବଉନ୍ମାଦନା



ତ୍ରିନାଥ ନନ୍ଦୀ

ଓଡ଼ିଆ ଜୀବନଚେତନାର ଗୁହ୍ୟ ଅନ୍ତଃସ୍ଥଳରେ ଯେଉଁ ଅସ୍ମିତାର ପରିଚୟ ସଦା ଧ୍ୱନିତ ହୁଏ, ସେହି ଅସ୍ମିତାର ସର୍ବାଧିକ ସ୍ପଷ୍ଟ ପ୍ରତିଧ୍ୱନି ଶୁଣିବାକୁ ମିଳେ ଓଡ଼ିଆ ନବବର୍ଷର ପବିତ୍ର ଉତ୍ସବରେ। ଏହା କେବଳ ଏକ ସାମୟିକ ପରିବର୍ତ୍ତନ ନୁହେଁ; ଏହା ଅସ୍ତିତ୍ୱର ଗଭୀର ଅନ୍ତରର ଏକ ଅନ୍ତର୍ନିହିତ ନବଚେତନାର ଅବିର୍ଭାବ, ଏକ ଆତ୍ମପରିଶୋଧନ, ଗଭୀର ଚିନ୍ତନର ଅନ୍ତଦୃଷ୍ଟି ଓ ଏକ ସୃଜନଶୀଳ ଉଦ୍ଭାସ। "ନବଉନ୍ମାଦନା" ଏଠାରେ ଉତ୍ସବୀୟ ଉତ୍ସାହର ସରଳ ପରିଭାଷାକୁ ଅତିକ୍ରମ କରି ଏକ ଗଭୀର ଦାର୍ଶନିକ ଅନୁଭୂତିର ଆକାର ଧାରଣ କରେ, ଯେଉଁଠାରେ ମନୁଷ୍ୟ ନିଜ ସତ୍ତା ସହିତ ପୁନଃ ସଂଳାପ କରେ। ବୈଶାଖର ଆଗମନ ଏକ ନୂତନ ସୂର୍ଯ୍ୟୋଦୟର ସୂଚନା ମାତ୍ର ନୁହେଁ; ଏହା ମନୁଷ୍ୟ ଜୀବନରେ ନବଚେତନାର ସ୍ପନ୍ଦନକୁ ଉଦ୍ଭାସିତ କରେ। ପଣା ସଂକ୍ରାନ୍ତିର ଦିନ, ତପ୍ତ ତାପରେ ମଧ୍ୟ ଯେ ଶୀତଳ ପାନୀୟ ପଣା ଆମ ଶରୀରକୁ ସଂତୃପ୍ତ କରେ, ସେହିପରି ଆମ ପରମ୍ପରା ଓ ସଂସ୍କୃତି ଆମ ଆତ୍ମାକୁ ଶାନ୍ତି ଓ ସ୍ଥିରତା ଦାନ କରେ। ଏହି ଶୀତଳତା କେବଳ ଦୈହିକ ନୁହେଁ; ଏହା ଏକ ଆତ୍ମିକ ସଂତୃପ୍ତି, ଯାହା ଆମକୁ ଆମର ମୂଳ ସହିତ ପୁନଃ ସଂଯୋଗ କରେ।

ଓଡ଼ିଶାର ନବଉନ୍ମାଦନାର ସାର ଅନୁଭୂତି ଲୁକାଇଛି ତାହାର ସାମୁହିକ ଚେତନାରେ। ଏହି ଦିନରେ ଗାଁର ପଥ, ସହରର ଛକ, ଘରର ଦାଣ୍ଡ ଦୁଆର ସବୁଠି ଏକ ଅଦୃଶ୍ୟ ସମ୍ବନ୍ଧର ସମନ୍ୱୟ ସୃଷ୍ଟି ହୁଏ। ମନୁଷ୍ୟ ନିଜ ସ୍ୱାର୍ଥକୁ ଭୁଲି ସାମୁହିକ ଆନନ୍ଦରେ ନିମଗ୍ନ ହୁଏ। ଏହି ସାମୁହିକତା ହେଉଛି ଓଡ଼ିଆ ସଂସ୍କୃତିର ମୂଳ ମନ୍ତ୍ର , ଯେଉଁଠାରେ 'ମୁଁ' ର ସୀମା ଭଙ୍ଗି 'ଆମେ'ର ଅସୀମତାରେ ପ୍ରବେଶ କରାଯାଏ। ପରମ୍ପରା ଏଠାରେ କେବଳ ଗତକାଲିର ଅବଶେଷ ନୁହେଁ; ଏହା ଏକ ଜୀବନ୍ତ ସ୍ରୋତସ୍ୱିନୀ, ଯାହା ନବନବ ରୂପରେ ଆଜି ମଧ୍ୟ ପ୍ରବାହିତ। ପଣା ପାନର ରୀତି, ତୁଳସୀ ଚଉରାରେ ପାନୀୟ ଅର୍ପଣ, ମନ୍ଦିରରେ ପୂଜା ଓ ବିଭିନ୍ନ ଲୋକାଚାର , ଏହି ସବୁ ମାଧ୍ୟମରେ ଆମେ ଆମର ପୂର୍ବଜମାନଙ୍କର ସଂସ୍କୃତିକ ଧରୋହରକୁ ସ୍ପର୍ଶ କରିଥାଉ। ଏହା ଏକ ସଂସ୍କୃତିକ ସଂଳାପ, ଯେଉଁଠାରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏକ ଅଖଣ୍ଡ ସୂତ୍ରରେ ବାନ୍ଧାଯାଏ। ସାହିତ୍ୟ ଏହି ନବଉନ୍ମାଦନାର ଅନ୍ତର୍ମୁଖୀ ପ୍ରତିଚ୍ଛବି। ଓଡ଼ିଆ ସାହିତ୍ୟରେ ନବବର୍ଷ ଏକ ଅନୁପମ ପ୍ରେରଣାର ସ୍ରୋତ। କବିମାନେ ଏହି ଦିନକୁ ନେଇ ନୂତନ ଭାବନାର ସୃଷ୍ଟି କରନ୍ତି। ଯେଉଁଠାରେ ଜୀବନର ଅସାରତା ଓ ସାର୍ଥକତା ଦୁହିଁକୁ ସମାନ ଭାବେ ବିଶ୍ଳେଷଣ କରାଯାଏ। ନବବର୍ଷ ଏକ ପ୍ରଶ୍ନ—ଆମେ କେଉଁଠି ଅଛୁ ? ଆମର ଗତିପଥ କେଉଁଠାରେ? ଏହା ଆମକୁ ଆତ୍ମପରିଶୋଧନର ଏକ ସୁଯୋଗ ଦିଏ, ଯେଉଁଠାରେ ଆମେ ନିଜର ଅନ୍ତର୍ଦ୍ୱନ୍ଦ୍ୱକୁ ସ୍ୱୀକାର କରି ଏକ ନୂତନ ପଥର ସନ୍ଧାନ କରିପାରିବା।

କଳା ଏହି ଚେତନାର ଦୃଶ୍ୟମାନ ରୂପ। ପଟ୍ଟଚିତ୍ରର ରେଖାରେ, ତାଳପତ୍ରର ଖୋଦନରେ, ଓଡ଼ିଶୀ ନୃତ୍ୟର ଭଙ୍ଗୀମାରେ ସବୁଠି ଏହି ନବଉନ୍ମାଦନାର ସ୍ପନ୍ଦନ ଅନୁଭୂତ ହୁଏ। ଏହା କେବଳ ଶିଳ୍ପୀର କୌଶଳ ନୁହେଁ; ଏହା ତାଙ୍କର ଅନ୍ତରର ଅଭିବ୍ୟକ୍ତି, ଯାହା ସମାଜର ସାମୁହିକ ଚେତନାକୁ ଆକାର ଦିଏ। ସଙ୍ଗୀତର ସ୍ୱରରେ, ମୃଦଙ୍ଗର ତାଳରେ ଓ ନୃତ୍ୟର ଶବ୍ଦରେ ଏହି ନୂତନ ଆଶା ଓ ଆନନ୍ଦର ଧ୍ୱନି ପ୍ରତିଧ୍ୱନିତ ହୁଏ।

ଆଧୁନିକତାର ପ୍ରବଳ ପ୍ରବାହରେ ଯେଉଁଠି ମନୁଷ୍ୟ ଧୀରେ ଧୀରେ ନିଜର ମୂଳକୁ ଭୁଲିଯାଉଛି, ସେଠି ଏହି ନବବର୍ଷ ଏକ ଜାଗରଣର ଆହ୍ୱାନ। ଏହା ଆମକୁ ସ୍ମରଣ କରାଏ ଯେ ପ୍ରଗତି କେବଳ ପ୍ରଯୁକ୍ତିର ଉନ୍ନତି ନୁହେଁ, ଏହା ଆମର ମୂଲ୍ୟବୋଧର ସୁରକ୍ଷା ଓ ସଂରକ୍ଷଣରେ ନିହିତ। ନବଉନ୍ମାଦନା ଏଠାରେ ଏକ ସମନ୍ୱୟ; ଯେଉଁଠାରେ ପରମ୍ପରା ଓ ଆଧୁନିକତା ଏକାଠି ଚାଲିଥାଏ, ଏକାଠି ବୃଦ୍ଧି ପାଏ। ଏହି ଦିନରେ ମନୁଷ୍ୟ ନିଜ ଜୀବନର ଅର୍ଥକୁ ପୁନଃ ପରିଭାଷିତ କରେ। ଗତବର୍ଷର ସଫଳତା ଓ ବିଫଳତାକୁ ସ୍ମରଣ କରି, ସେ ଏକ ନୂତନ ଆଶା ସହିତ ଆଗକୁ ବଢ଼ିବାର ସଙ୍କଳ୍ପ ନିଏ। ଏହି ସଙ୍କଳ୍ପ କେବଳ ବ୍ୟକ୍ତିଗତ ନୁହେଁ; ଏହା ସାମୂହିକ ମଧ୍ୟ। ସମାଜର ଉନ୍ନତି, ସଂସ୍କୃତିର ସୁରକ୍ଷା ଓ ମାନବତାର ପ୍ରତିଷ୍ଠା, ଏହି ସବୁ ଆମର ନୂତନ ବର୍ଷର ପ୍ରାର୍ଥନା ଓ ପ୍ରତିଜ୍ଞା ହେବା ଉଚିତ।

ଓଡ଼ିଶାରେ ନବବର୍ଷରେ ନବଉନ୍ମାଦନା ଏକ ଅନନ୍ୟ ସଂସ୍କୃତିକ ଅନୁଭୂତି, ଯେଉଁଠାରେ ଉତ୍ସବ ଓ ଦାର୍ଶନିକତା, ଆନନ୍ଦ ଓ ଆତ୍ମଚିନ୍ତନ, ପରମ୍ପରା ଓ ନୂତନତ୍ୱ ଏକ ସୁନ୍ଦର ସମନ୍ୱୟରେ ବିଲୀନ ହୋଇଥାଏ। ଏହା ଆମକୁ କେବଳ ଖୁସି ଦିଏ ନୁହେଁ; ଏହା ଆମକୁ ଚିନ୍ତନ କରିବାକୁ, ବିଚାର କରିବାକୁ ଓ ନୂତନ ଦୃଷ୍ଟିକୋଣ ଗଢ଼ିବାକୁ ପ୍ରେରିତ କରେ। ଏହି ନବଉନ୍ମାଦନା ହେଉଛି ଜୀବନର ଏକ ନୂତନ ଅଧ୍ୟାୟ-ଯେଉଁଠାରେ ପ୍ରତ୍ୟେକ ଶେଷ ଏକ ନୂତନ ଆରମ୍ଭର ସୂଚନା ଦିଏ, ପ୍ରତ୍ୟେକ ଅନ୍ଧକାର ଏକ ନୂତନ ପ୍ରଭାତର ଆଶା ଜନ୍ମାଏ। ଓଡ଼ିଆ ନବବର୍ଷ ଆମକୁ ଏହି ଶାଶ୍ୱତ ସତ୍ୟର ସ୍ମରଣ କରାଏ—ଜୀବନ ଏକ ଅବିରତ ପ୍ରବାହ, ଯେଉଁଠାରେ ପରିବର୍ତ୍ତନ ହେଉଛି ଏକମାତ୍ର ନିୟମ, ଓ ନବଉନ୍ମାଦନା ହେଉଛି ସେହି ପରିବର୍ତ୍ତନର ସୁନ୍ଦରତମ ପ୍ରତିଚ୍ଛବି। ଏହି ଭାବନାର ସହିତ, ଆମେ ଏହି ନୂତନ ବର୍ଷକୁ କେବଳ ଉତ୍ସବ ଭାବେ ନୁହେଁ; ବରଂ ଏକ ଗଭୀର ଜୀବନଦର୍ଶନ ଭାବେ ଗ୍ରହଣ କରିବା, ଯାହା ଆମକୁ ଆମର ମୂଳ ସହିତ ଯୋଡ଼ି ରଖିବ, ଆମକୁ ଆମର ଭବିଷ୍ୟତ ପାଇଁ ପ୍ରେରିତ କରିବ ଓ ଆମକୁ ଏକ ସମୃଦ୍ଧ ଓ ସୁନ୍ଦର ସମାଜ ଗଢ଼ିବାର ପଥ ଦେଖାଇବ।

ଜଳେଶ୍ୱର, ବାଲେଶ୍ୱର
ମୋ-୮୧୧୮୦୪୦୩୯୦
email - writertrinath2020@gmail.com

## ଏଠାରେ ଧୂମପାନ ନିଷେଧ

ପ୍ରଣତି ଆଚାର୍ଯ୍ୟ ମିଶ୍ର

କଳ୍ପନା କରନ୍ତୁ, ଆପଣ ଏକ ପାର୍କରେ ବସିଛନ୍ତି। ସିଗାରେଟ୍ ପ୍ୟାକେଟ ଖୋଲିବା ମାତ୍ରେ, ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପହଞ୍ଚିଯାଏ। ଆମ ସହରରେ, କାର୍ଯ୍ୟାଳୟରେ, ସ୍କୁଲରେ କିମ୍ବା ଅନ୍ୟ ଯେକୌଣସି ସ୍ଥାନରେ ଧୂମପାନ ନିଷେଧ ସାଇନବୋର୍ଡ ଦେଖିଛନ୍ତି। ଏହା କେତେ ପାଳନ କରାଯାଏ ସମସ୍ତେ ଜାଣନ୍ତି। କିନ୍ତୁ ଏପରି ଏକ ସହର ଅଛି, ଯେଉଁଠାରେ ସିଗାରେଟ୍‌ର ସାମାନ୍ୟତମ ଧୂଆଁ ପ୍ରତି ମଧ୍ୟ କଡ଼ାକଡ଼ି ନଜର ରଖାଯାଏ। ଏହା କାନାଡାର ବ୍ରିଟିଶ କଲମ୍ବିଆ ପ୍ରଦେଶରେ ଅବସ୍ଥିତ ବର୍ନାବି ସହରର କଥା। ଏହି ସହର ଏହାର ସବୁଜିମା ପାଇଁ ପ୍ରସିଦ୍ଧ। ଆଜି ଏହାର ସବୁଠାରୁ ବଡ଼ ପରିଚୟ ହେଉଛି ଏହାର କଠୋର ଧୂମପାନ ବିରୋଧୀ ଆଇନ। ଏଠାକାର ବାୟୁ ନିକୋଟିନ୍ ଅପେକ୍ଷା ପ୍ରକୃତିର ସତେଜତାରେ ପରିପୂର୍ଣ୍ଣ। ସାର୍ବଜନୀନ ପାର୍କ, ବେଳାଭୂମି କିମ୍ବା ଖେଳ ପଡ଼ିଆରେ ମଧ୍ୟ ଧୂମପାନ କଡ଼ାକଡ଼ି ଭାବରେ ନିଷେଧ। ଏହି ସହର ଧୂଆଁରୁ କିପରି ମୁକ୍ତ ହେଲା ଏବଂ ଏହା ପଛରେ କ'ଣ ବ୍ୟବସ୍ଥା ଅଛି? ଆସନ୍ତୁ ନଜର ପକାଇବା।

କାନାଡାର ବର୍ନାବି ସହର ଭାନକୁଭରର ପଡ଼ୋଶୀ। ଏହାର ସ୍ୱାସ୍ଥ୍ୟ ନୀତି ଯୋଗୁଁ ଏହା ସମୃଦ୍ଧ। ଏଠାକାର ପ୍ରଶାସନ ଜନସ୍ୱାସ୍ଥ୍ୟ ସମ୍ପର୍କରେ କୌଣସି ସାଲିସ କରନ୍ତି ନାହିଁ। ନଗର ପ୍ରଶାସନ ସାର୍ବଜନୀନ ସ୍ଥାନରେ ଧୂମପାନକୁ ସମ୍ପୂର୍ଣ୍ଣ ନିଷେଧ କରିଛି। ବର୍ନାବିରେ ଥିବା ସମସ୍ତ ସାର୍ବଜନୀନ ପାର୍କ, ବେଳାଭୂମି, ଖେଳ ପଡ଼ିଆକୁ ଧୂମପାନ ମୁକ୍ତ ଘୋଷଣା କରାଯାଇଛି। କଠୋର ନିୟମ, ସାରା ସହରରେ ୬ମିଟର ବଫର ଜୋନ୍ ସୃଷ୍ଟି କରିଛି। ଏହି ନିୟମ ଅନୁଯାୟୀ, ଯେକୌଣସି ସାର୍ବଜନୀନ କିମ୍ବା ବାଣିଜ୍ୟିକ କୋଠାରେ ଯେକୌଣସି ଦ୍ୱାର, ଝରକା କିମ୍ବା ଭେଣ୍ଟିଲେସନର ୬ ମିଟର (ପ୍ରାୟ ୨୦ ଫୁଟ) ମଧ୍ୟରେ ଧୂମପାନ କରିବା ଏକ ଆଇନଗତ ଅପରାଧ।

ଧୂମପାନ ନିଷେଧ ନିୟମ ଲାଗୁ କରିବା ପାଇଁ ବର୍ନାବିର ରାସ୍ତାରେ ଉପ-ଆଇନ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଏଥିପାଇଁ ଜରିମାନା ଅତ୍ୟଧିକ। ଉଲ୍ଲଂଘନ ପାଇଁ ୧୦୦ ରୁ ୫୦୦ ପର୍ଯ୍ୟନ୍ତ କାନର୍ଡିଆନ୍ ଡଲାର ଜରିମାନା ଧାର୍ଯ୍ୟ କରାଯାଇଛି। ଯଦିଓ ଅନେକ ଏହାକୁ ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ ବୋଲି ବିବେଚନା କରନ୍ତି।

କିନ୍ତୁ ପ୍ରଶାସନ ସ୍ପଷ୍ଟ ଭାବରେ କହିଛି ଯେ, ଆପଣଙ୍କ ପସନ୍ଦ ସେହିଠାରେ ଶେଷ ହୁଏ ଯେଉଁଠାରେ ଅନ୍ୟ କାହାର ସ୍ୱାସ୍ଥ୍ୟ ପ୍ରତି ବିପଦ ଆରମ୍ଭ ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟଗୁଡ଼ିକ ମଧ୍ୟ ନିଶ୍ଚିତ କରେ ଯେ ଧୂମପାନ ମୁକ୍ତ ଅଞ୍ଚଳ ସୃଷ୍ଟି କରିବା ଦ୍ୱାରା ହୃଦୟ ଏବଂ ଫୁସଫୁସ ରୋଗର ଘଟଣା ଯଥେଷ୍ଟ ହ୍ରାସ ପାଇଛି। ଯଦିଓ ବର୍ଣ୍ଣାବିର ଲୋକମାନେ ବ୍ୟକ୍ତିଗତ ସ୍ଥାନରେ ଧୂମପାନ କରିପାରିବେ। ତଥାପି ସାର୍ବଜନୀନ ସ୍ଥାନରେ ଧୂମପାନ କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ।

ସହରର ନିଷିଦ୍ଧ ଜିନିଷଗୁଡ଼ିକ ମଧ୍ୟରେ ସିଗାରେଟ୍, ପାଇପ୍ ସିଗାର ଏବଂ ଇ-ସିଗାରେଟ୍ ଅନ୍ତର୍ଭୁକ୍ତ। ଉଲ୍ଲଂଘନକାରୀଙ୍କୁ CCTV କ୍ୟାମେରା ମାଧ୍ୟମରେ ତଦାରଖ କରାଯାଏ। ବର୍ଣ୍ଣାବିର ଅଧିକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି। ଫଳସ୍ୱରୂପ ପାର୍କଗୁଡ଼ିକରେ ସିଗାରେଟ୍ ଅପଚୟରେ ୭୦% ହ୍ରାସ ଘଟିଛି।

ବର୍ନାବି ଭଳି ଛୋଟ କିନ୍ତୁ ସଂଗଠିତ ସହରର ମଡେଲ ଭାରତ ପାଇଁ ଏକ ମୂଲ୍ୟବାନ ଶିକ୍ଷା ପ୍ରଦାନ କରେ। ଦିଲ୍ଲୀ, ମୁମ୍ବାଇ ବେଙ୍ଗାଲୁରୁ କିମ୍ବା ଆମ ଭୁବନେଶ୍ୱର ଭଳି ସହର, ଯେଉଁଠାରେ ଜନସଂଖ୍ୟା ଘନତା ଅଧିକ, ସମଗ୍ର ସହରକୁ ଧୂମପାନ ମୁକ୍ତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ। ତଥାପି, ସାର୍ବଜନୀନ ପାର୍କ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ଧୂମପାନ ମୁକ୍ତ କରି ଏକ ଛୋଟ ପଦକ୍ଷେପ ଆରମ୍ଭ କରାଯାଇପାରିବ।

ବର୍ନାବି ଭଳି ସହର ପ୍ରମାଣ କରିଛି ଯେ ଇଚ୍ଛାଶକ୍ତି ସହିତ, ବାୟୁକୁ ପୁଣି ଥରେ ସଫା କରାଯାଇପାରିବ। ଏହା କେବଳ ଏକ ଆଇନ ନୁହେଁ ବରଂ ଭବିଷ୍ୟତ ପିଢ଼ିକୁ ସୁସ୍ଥ ଫୁସଫୁସ ଦେବାର ଏକ ପ୍ରତିଶ୍ରୁତି।

ବର୍ନାବି ବିଶ୍ୱର ଏକମାତ୍ର ସହର ନୁହେଁ ଯାହା ଧୂମପାନ ବିରୁଦ୍ଧରେ ଲଢୁଛି। ମେକ୍ସିକୋ ଏବଂ ଭୁଟାନ ଭଳି ଦେଶଗୁଡ଼ିକ ମଧ୍ୟ ଏହାକୁ ଅନୁସରଣ କରୁଛନ୍ତି। ସ୍ୱଚ୍ଛ ବାୟୁର ଅଧିକାରକୁ ପ୍ରାଥମିକତା ଦେଉଛନ୍ତି। ୨୦୨୩ ମସିହାରେ, ମେକ୍ସିକୋ ବିଶ୍ୱର ସବୁଠାରୁ କଠୋର ଧୂମପାନ ବିରୋଧୀ ଆଇନଗୁଡ଼ିକ ମଧ୍ୟରୁ ଗୋଟିଏ କାର୍ଯ୍ୟକାରୀ କରିଥିଲା। ଏବେ ଏହାର

ପର୍ଯ୍ୟଟନ ସ୍ଥଳୀ ଏବଂ ହୋଟେଲର ଖୋଲା ଅଞ୍ଚଳରେ ମଧ୍ୟ ଧୂମପାନ ସମ୍ପୂର୍ଣ୍ଣ ନିଷେଧ। ଭୁଟାନ ମଧ୍ୟ କିଛି ବର୍ଷ ପୂର୍ବରୁ ତମାଖୁ ବିକ୍ରୟ ଉପରେ ରୋକ ଲଗାଇ ବିଶ୍ୱକୁ ଚକିତ କରିଥିଲା। ରାଜଧାନୀ ଥିମ୍ପୁର ସାର୍ବଜନୀନ ସ୍ଥାନରେ ଧୂମପାନ କରିବା ପାଇଁ ଜେଲ ଦଣ୍ଡ ମଧ୍ୟ ଦେବାକୁ ପଡ଼ିଥାଏ।

ନ୍ୟୁଜିଲାଣ୍ଡ ଏକ ଯୋଜନା ଉପରେ କାମ ଆରମ୍ଭ କରିଛି ଯାହା ଭବିଷ୍ୟତ ପିଢ଼ି ପାଇଁ ସିଗାରେଟ୍ କିଣିବା ସମ୍ପୂର୍ଣ୍ଣ ଅସମ୍ଭବ କରିବ। ସେମାନଙ୍କର ଲକ୍ଷ୍ୟ ହେଉଛି ଦେଶକୁ ଧୂମପାନ ମୁକ୍ତ କରିବା।

ଆଧୁନିକ ସଭ୍ୟତାରେ ସ୍ୱାସ୍ଥ୍ୟ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ବିଶେଷ କରି ଧୂମପାନ ଭଳି ଏକ ମାରାତ୍ମକ ଅଭ୍ୟାସ ସମାଜର ମୂଳଦୁଆକୁ ଦୁର୍ବଳ କରିଦେଉଛି।ସଭ୍ୟତା ଯେତିକି ଆଗକୁ ବଢୁଛି, ମଣିଷ ସେତିକି ନୂଆ ନୂଆ ବ୍ୟାଧିର ଶିକାର ହେଉଛି। ଆଜିର ସମାଜରେ ଧୂମପାନ କେବଳ ଏକ ବ୍ୟକ୍ତିଗତ ଅଭ୍ୟାସ ହୋଇ ରହିନାହିଁ, ବରଂ ଏହା ଏକ ଗମ୍ଭୀର ସାମାଜିକ ସଙ୍କଟ ଭାବେ ଉଭା ହୋଇଛି। ଏହା ଏମିତି ନିଶା ଯାହା ସେବନକାରୀକୁ ଯେତିକି କ୍ଷତି ପହଞ୍ଚାଏ, ତା'ଠାରୁ ଅଧିକ କ୍ଷତି ପହଞ୍ଚାଏ ଆଖପାଖରେ ଥିବା ନିରୀହ ଲୋକଙ୍କୁ।

ଗୋଟିଏ ପଟେ ବିଜ୍ଞାନ ଜୀବନ ରକ୍ଷା ପାଇଁ ନୂଆ ନୂଆ ଉଦ୍ଭାବନ କରୁଥିବାବେଳେ, ଅନ୍ୟପଟେ ଧୂମପାନ ଭଳି ନିଶା ମାନବ ସମ୍ବଳକୁ ନଷ୍ଟ କରିବାରେ ଲାଗିଛି।

ଧୂମପାନ ମୁକ୍ତ ସମାଜ ଗଠନ ପାଇଁ ବ୍ୟକ୍ତିଗତ ଚେଷ୍ଟା ସହ ସାମାଜିକ ସହଯୋଗ ଏକାନ୍ତ ଆବଶ୍ୟକ। ଧୂମପାନ ନିଷେଧ କୁ କେବଳ ସରକାରୀ ନିର୍ଦ୍ଦେଶ ଭାବେ ନଦେଖି, ଏହାକୁ ଏକ ସୁସ୍ଥ ଜୀବନଶୈଳୀର ଅଂଶ ଭାବେ ଗ୍ରହଣ କରିବା ଉଚିତ। ସୁସ୍ଥ ଫୁସଫୁସ ହିଁ ସମୃଦ୍ଧ ସମାଜର ପରିଚୟ।

ନୟାଗଡ଼,
ମୋ: ୯୪୩୭୬୪୨୯୪୭

## ଅହଂ ରାଷ୍ଟ୍ରେ ଜାଗୃୟାମ ପୁରୋହିତଃ

ଜଗନ୍ନାଥ ବେହେରା

ଜମା ଭୟ କରନା। ନା, ସିନ୍ଧୁଏ କଣ, ବିନ୍ଦୁଏ ମଧ୍ୟ ନୁହ। ଦିନେ କଣ, ଦଣ୍ଡେ ନୁହଁ କି କ୍ଷଣେ ମଧ୍ୟ ନୁହ। ଆସୁ ବିପଦ। ପଡୁ ସଙ୍କଟ। ଆସୁ ଝଡ଼। ଆସୁ ବାତ୍ୟା ଆସୁ ମହା ପ୍ରଳୟ। ଜଳୁ ନିଆଁ। ଫିଙ୍ଗନ୍ତୁ ଯେତେ କ୍ଷେପଣାସ୍ତ୍ର। ଫାଟୁ ଯେତେ ପରମାଣୁ ବୋମ୍। ଯାହାବି କରିବେ କରନ୍ତୁ। ତୁ କିନ୍ତୁ ନିର୍ଭୟରେ ରହ। ଦୁଇ ହାତ ଟେକି ଦେ ଦ୍ରୌପଦୀଙ୍କ ପରି। ସ୍ମରଣ କରେ ମୃଗୁଣୀ ପରି। ଶୂନ୍ୟ ଆକାଶକୁ ଚାହଁ ଗଜରାଜ ପରି। ଦେଖିବୁ କେହି ଚାହିଁଲେ ମଧ୍ୟ ଲୋମଟିଏ ବି ବଙ୍କା କରି ପାରିବ ନାହିଁ। ଆଜି ନୁହଁ; କାଲି ନୁହଁ କି କେବେ ବି ନୁହଁ।

କେବଳ ଥରେ ତୁ ତୋତେ ପଚାର, ତୁ କିଏ ? ତୁ ଆସିଲୁ କେଉଁଠୁ ? ତୋତେ ଆଣିଲା କିଏ ? ତୋ ଜନ୍ମଦାତ୍ରୀଙ୍କ ଜନ୍ମ କେଉଁଠୁ? ତୋ ପିତାର ପ୍ରପିତା କିଏ? ତୋତେ ଜନମ କରିଲା ଜଣେ। ତୋ ନାଁ ଦେଲା ଜଣେ। ଖୁଆଇଲା ଜଣେ। ଚଲା ଶିଖାଇଲେ ଜଣେ। ମରିଲେ ଟେକିନେବେ ଆଉ ଜଣେ। ତୋ ହାତରେ କିଛି ନାହିଁ। ଗଛ ଆଗ ନା ମଞ୍ଜି ? ମଞ୍ଜିରୁ ଗଛ ନା ଗଛରୁ ମଞ୍ଜି ? ଦେଇ ପାରିବୁ ଏ ପ୍ରଶ୍ନର ଉତ୍ତର। ପ୍ରମାଣ କରି ପାରିବୁ ତୋ ଜ୍ଞାନରେ। ତୁ ଜାଣିନୁ ତୋର ମୃତ୍ୟୁ କେବେ। କେତେ ବର୍ଷର ତୁ ଏଠି କୁଣିଆ। ଆଜି ଆସିଛି କାଲି ଥିବୁ ଏ ଗ୍ୟାରେଣ୍ଟି ଅଛି ତୋ ପାଖରେ? କେହି ରହି ନାହିଁ କି କେହି ରହିବେ ନାହିଁ। ମିଶାଇବୁ ପୁଣି ଫେଡିଦେବୁ। ଭାଗଫଳ ଶୁନ୍।

ଥରେ ଅନ୍ତର ଭରି ଦେଖ ତୋ ଚାରି ପାଖ କୁ। କୀଟ, ପତଙ୍ଗ ମାଳ ମାଳ। କୁକୁର ବିଲେଇ ହଳ ହଳ। ମଶା ମାଛି ଗଣ ଗଣ। ପାହାଡ଼ ପାହାଡ଼ ଗଛ। ସମୁଦ୍ର ସମୁଦ୍ର ମାଛ। ମାଛ ମରା ହେଉଛି। କୁକୁଡ଼ା ଛେଳି କଟା ହେଉଛି। ଗଛ ହଣା ଚାଲିଛି; ତଥାପି କମୁ ନାହିଁ। ମାରି ମାରି ତମେ ମରି ଯାଉଛ। ଖାଇ ଖାଇ ତମେ ରୋଗିଆ ହେଇ ଯାଉଛ; କିନ୍ତୁ କାହାର କ'ଣ ହୋଇ ଯାଇଛି। ଜମିରେ ଜମିଏ ଘାସ। ଗୋଠ ଗୋଠ ଗାଈ ଚରୁଛନ୍ତି। ପ୍ରଚଣ୍ଡ ଖରା ପଡୁଛି। ନିଆଁ ଲାଗି ଯାଇଛି। ହଳ ଲଙ୍ଗଳ କରି ମାରି ଦେଉଛ। ପୁଣି ଯେମିତି ସେମିତି। ବର୍ଷା ଆଶୀର୍ବାଦ ଦେଲେ ହେଲା। ଗାଡ଼ିଆରେ ଗାଡିଏ ପାଣି। ପିଉଛ। ଗଧୋଉଛ। ଶୁଖେଇ ଦେଉଛ। ପୁଣି ପାଣି ଆସୁଛି। ପୋଖରୀ ଥିଲେ ହେଲା। ନଡ଼ିଆକୁ ପାଣି ଯାଉଛି କେମିତି। କିଏ ରଖୁଛି। କଲରାକୁ କିଏ ପିତା କରିଲା। କାକୁଡ଼ିରେ କିଏ ପାଣି ଭରିଲା। କମଳାକୁ କିଏ ଲୁଡୁଲୁଡୁ କରିଲା ପୁଣି କଇଥକୁ କିଏ ଟାଣ କରିଲା। କିଏ ଗୋଟିଏ ନିଶ୍ଚୟ କେଉଁଠି ବସି କିଛି କରୁଛି। ଗଢ଼ିବା ଭାଙ୍ଗିବା ତାଙ୍କୁ ହିଁ ବୋଧହୁଏ ଜଣା ଅଛି। ସ ତୋ ଭିତର ଆଉ ବାହାର ସବୁ ଦେଖୁଛି। ଯାହା କରୁଛୁ ଆଉ କରିବାକୁ ଚିନ୍ତା କରୁଛୁ। ଯାହା ଭାବୁଛୁ ମଧ୍ୟ। ସବୁ ସିଏ ଜାଣୁଛନ୍ତି।

ତୁ କେବଳ ଏତିକି ଭାବେ "ଅହମ୍ ରାଷ୍ଟ୍ରେ ଜାଗୃୟାମ ପୁରୋହିତଃ" ଅର୍ଥାତ୍ ମୁଁ ଦେଶ କୁ ଜାଗୃତି କରିବି। ମୋର ଜନ୍ମ ସେଇଥି ପାଇଁ। ମୋର କର୍ମ ହିଁ ଧର୍ମ। ମୋର ଧର୍ମ ମାନବିକତା। ମୁଁ ସତ୍ୟ, ଶାନ୍ତି, ସଦ୍‌ଭାବ, ସତ୍‌କାମାନା, ସତ୍ ଚିନ୍ତା, କରିବି। ରାଗ, ହିଂସା ପରିତ୍ୟାଗ କରିବି। "ମୁଁ" "ମୋର" ଛାଡ଼ିବି। ନଡ଼ିଆ, କଦଳୀ, ଦୀପ, ଧୂପ ଲୋକ ଦେଖାଣିଆ ନାଟକ ବନ୍ଦ କରିବି। କାରଣ ମୁଁ କେବଳ ଜଣେ ନୁହଁ, ଯିଏ ଖାଇବାକୁ ଦେଲେ ଭଗବାନ ଖାଉଛନ୍ତି। ସମୁଦ୍ର ପରି ଭଗବାନ। ତାଙ୍କର ଆରମ୍ଭ ନାହିଁ କି ଶେଷ ନାହିଁ। ଭଗବାନଙ୍କ ଦରବାରରେ ସମସ୍ତେ ଏକ। ଅର୍ଥାତ ଅଦୃଶ୍ୟ ଶକ୍ତି ସମ୍ମାନରେ ଧର୍ମ ଅଧର୍ମ, ଜାତି ଅଜାତି ମଧ୍ୟରେ ତାରତମ୍ୟ ଶୂନ୍। ଯଜ୍ଞ କରେ କି ମାଳା ଜପେ। ଆସ୍ତିକ ହ କି ନାସ୍ତିକ। ପଇତା ପିନ୍ଧ କି ଚମଡ଼ା କାଟ। କିଛି ଫରକ ନାହିଁ। ମୁଁ ସିଏ। ମୋର ଜାତି ଉଚ୍ଚ କି ନିଚ୍ଚ ନୁହ। ଉଚ୍ଚକୁ ନେଇ ଗର୍ବ କି ନିଚ୍ଚକୁ ନେଇ ଅବସାସ ନାହିଁ।କର୍ମ କରିଯିବି ଫଳ କଥା ସେ ବୁଝିବ। ସମସ୍ତେ ଭଗବାନଙ୍କ ସନ୍ତାନ। ସମସ୍ତ ମଣିଷ ସମାନ। ସମସ୍ତଙ୍କର ଦୁଇଟି ହାତ,ଦୁଇଟି ଗୋଡ଼। ସମସ୍ତେ ଖାଉଛନ୍ତି। ଶୋଉଚନ୍ତି। ମୁଁ ଅଲଗା କ'ଣ? ବିଶ୍ୱାସ ହିଁ ମୂଳମନ୍ତ୍ର। ମୋର ଲକ୍ଷ,ପାଞ୍ଚ ଭକ୍ତରୁ ପଚିଶି ଭକ୍ତ ଯୋଡ଼ିବି। ଗାଁରୁ ଗାଁ ଯିବି। ଦେଶରୁ ବିଦେଶ ଯିବି। ଜାଗୃତ କରିବି। ସମର୍ଥନ କରିବେ କିଛି ପୁଣି ବିରୋଧ ବି କରିବେ। କରନ୍ତୁ। ସମସ୍ୟା ସମାଧାନ ପାଇଁ ଭଗବାନ ବି ଗଧ ପାଦ ଧରିଥିଲେ। ସତ୍ୟ ରକ୍ଷା ନିମନ୍ତେ ଶତ୍ରୁର ଭାଇ ବିଭୀଷଣଙ୍କୁ କୁଟୀରରେ ସ୍ଥାନ ଦେଇଥିଲେ। ମଣିଷ ବ୍ୟତୀତ ଭାଲୁ, ମାଙ୍କଡ଼, ଗୁଣ୍ଡଚିର ସହଯୋଗ ମଧ୍ୟ ନେଇଥିଲେ। ସଜୀବ ହାତରେ ନିର୍ଜୀବ ବସ୍ତୁ ନେଇ ସେତୁ ନିର୍ମାଣ କରିଥିଲେ। ମୁଁ କରିବି। ପାଟି ଆଁ କରି ଶୋଇଲେ ଭଗବାନ ଆସି ଖୁଆଇ ଦେବେ ନାହିଁ। ପାପ କଲେ ନର୍କ ଅଛି। ଅନୀତି ଦୁର୍ନୀତି କଲେ ଦଣ୍ଡ ଅଛି। ଅନ୍ୟାୟ କଲେ ଭୟ ଅଛି। ମୁଁ କେବଳ ଧର୍ମପତ୍ନୀ ଦ୍ରୌପଦୀ ନୁହଁ; ବରଂ ମା' ଗାନ୍ଧାରୀ ଯିଏ ସ୍ୱାମୀ ପାଇଁ ଆଖରେ ପୁଟୁଳି ବାନ୍ଧି ଅନ୍ଧୁଣୀ। ମୁଁ କେବଳ ସାବିତ୍ରୀ ନୁହଁ; ବରଂ ଜଳନ୍ଧରଙ୍କ ଜୀବନ କବଚ ସ୍ତ୍ରୀ ବୃନ୍ଦାବତୀ। ପୁଣି କେବଳ ଭକ୍ତ ପ୍ରହଲ୍ଲାଦ ନୁହଁ; ବରଂ ଶ୍ରବଣ କୁମାର। ମୁଁ କର୍ତ୍ତବ୍ୟ ପଥର ପଥିକ ଟିଏ। ମାନବିକତା ପୂର୍ଣ୍ଣ ମଣିଷ ଟିଏ।

ମୋ ପାଇଁ ସଙ୍କଟ ମୋଚନ ଅଛନ୍ତି। ମୋ ବାହୁରେ ବଳ ଦେବେ। ମୁଣ୍ଡକୁ ବୁଦ୍ଧି। ପେଟକୁ ଖାଦ୍ୟ। ପିଠିକୁ ଶକ୍ତି। ଆଖିକୁ ନିଦ। ଉତ୍ତମ ସ୍ୱାସ୍ଥ୍ୟ। ଆଉ କିଏ କ'ଣ କରିବ। ଆନନ୍ଦରେ ଗାଉଥିବି "ପବନ ତନୟ ସଙ୍କଟ ହରଣ ମଙ୍ଗଳ ମୂରତି ରୂପ, ରାମ ଲକ୍ଷ୍ମଣ ସୀତା ସହିତ ହୃଦୟ ବସହୁ ସୁର ଭୂପ" ଜୟ ବଜରଙ୍ଗୀ ବାଲି କି ଜୟ।

ଗାୟତ୍ରୀ ନଗର, ନବରଙ୍ଗପୁର,
ମୋ - ୯୪୩୭୭୮୫୧୫୮



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ସୌମ୍ୟ ହତ୍ୟାକାଣ୍ଡ ପଛରେ ସମଲିଙ୍ଗୀ ସମ୍ପର୍କ

# ଛାଡ଼ପତ୍ର ନ ଦେବାରୁ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା

ଭୁବନେଶ୍ୱର/ଯାଜପୁର, ୧୩।୪ (ସମିସ): କାଳିମେଘା ସୌମ୍ୟସାଗର ସାମଲ ହତ୍ୟାକାଣ୍ଡ ଉପରୁ ପରଦା ହଟିଛି। ସମଲିଙ୍ଗୀ ସମ୍ପର୍କ, ପରକୀୟା ପ୍ରୀତି ଓ ଛାଡ଼ପତ୍ର ନଦେବାରୁ ସୌମ୍ୟଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଷଡ଼ଯନ୍ତ୍ରଠାରୁ ଆରମ୍ଭ କରି ବନ୍ଧୁକ ଯୋଗାଇବା ଓ ଗୁଳିମାଡ଼ କରିବା ଯାଏଁ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି ଯାଜପୁର ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ସୌମ୍ୟଙ୍କ ପତ୍ନୀ ଶୁଭଶ୍ରୀ ବେହେରା ଓରଫ୍ ସୀମା, ବାନ୍ଧବୀ ତଥା ମିର୍ଜାପୁରର ପ୍ରୀତିପ୍ରଭା ପ୍ରିୟଦର୍ଶିନୀ ଖିଲାର ଓରଫ୍ ଚିନୁ, ପ୍ରେମିକ ତାପସ କୁମାର ଖିଲାର, ସୁନ୍ଦରଗଡ଼ ଯମୁନାନାକିର ସୂରଜ ସିଂ ଓ କୋଲୁଙ୍ଗାର ଅଙ୍କିତ ଠାକୁର। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ବାଇକ୍, ହେଲମେଟ୍, ୭ଟି ମୋବାଇଲ ଫୋନ୍ ଜବତ କରିଛି।

ପୁଲିସ ସୂଚନାନୁସାରେ, କୁଆଁସରପୁରର ସୌମ୍ୟସାଗର ଦେଢ଼ ବର୍ଷ ପୂର୍ବେ ଗରିଆପୁରର ସୀମାଙ୍କୁ ପ୍ରେମ ବିବାହ କରିବା ପରେ ଉଭୟ କାଳିମେଘାରେ ଭଡ଼ାରେ ରହୁଥିଲେ। ସୀମା ଦୀର୍ଘ ୬ ବର୍ଷ ହେବ ଏକ ବିୟୁଟି-ପାର୍ଲରରେ କାମ କରୁଥିବା ବେଳେ ସହକର୍ମୀ ଚିନୁ ସହ ତାଙ୍କର ସମଲିଙ୍ଗୀ ସମ୍ପର୍କ ରହିଥିଲା। ଚିନୁ ଘରକୁ ଯା'-ଆସ କରିବା ଭିତରେ ତା'ର ସମ୍ପର୍କୀୟ ଭାଇ ତାପସ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ସୌମ୍ୟଙ୍କ ଅଜାଣତରେ ସୀମା ଓ ତାପସ ମହାବିନାୟକ ଓ ଅନ୍ୟାନ୍ୟ ସ୍ଥାନରେ ବୁଲାବୁଲି କରିଥିଲେ। ଏହାରି ଭିତରେ ତାପସ ବିବାହ କରିବାକୁ ଚାହୁଁଛି ବୋଲି କହିବା ସହ ସୌମ୍ୟଙ୍କୁ ଛାଡ଼ପତ୍ର ଦେଇଦେବାକୁ ସୀମାଙ୍କୁ କହିଥିଲା। ସୀମା ମଧ୍ୟ ତା' କଥାରେ ରାଜି ହୋଇ ଛାଡ଼ପତ୍ର କଥା ଆଲୋଚନା କରିଥିଲେ ମଧ୍ୟ ସୌମ୍ୟ ଏଥିରେ ରାଜି ହୋଇନଥିଲେ। ହେଲେ ପ୍ରେମ ବିବାହ କରିଥିବା ପତ୍ନୀ ଛାଡ଼ପତ୍ର ଦେବା କଥା କହିବାରୁ ସୌମ୍ୟଙ୍କର ସନ୍ଦେହ ହୋଇଥିଲା। ପତ୍ନୀ ସୀମା, ତାଙ୍କ ବାନ୍ଧବୀ ଚିନୁ ଓ ଭାଇ ତାପସ ମଧ୍ୟରେ ତ୍ରିକୋଣୀୟ ପ୍ରେମ ବିଷୟରେ ଜାଣିବାକୁ ପାଇଥିଲେ। ଏହି ସମ୍ପର୍କକୁ ବିରୋଧ କରିବା ସହ ଏଭଳି ସମ୍ପର୍କରୁ ଦୂରେଇ ରହିବାକୁ ସୀମାଙ୍କୁ ଚେତାବନୀ ଦେଇଥିଲେ।

ଛାଡ଼ପତ୍ର ରାସ୍ତା ବନ୍ଦ ହେବା ପରେ ବିବାହର ବିକଳ୍ପ ରାସ୍ତା ଖୋଜିବାକୁ ତାପସକୁ କହିଥିଲେ ସୀମା।



ରାଉରକେଲାରେ ଡ୍ରାଇଭର ଭାବେ କାମ କରୁଥିବା ତାପସ ଗତ ହୋଲିରେ ଯାଜପୁର ଟାଉନକୁ ଆସିଥିବା ବେଳେ ସୌମ୍ୟ ସହ ତା'ର ଦେଖା ହୋଇଥିଲା। ସେହି ତ୍ରିକୋଣୀୟ ପ୍ରେମ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ସହ ସୌମ୍ୟ ତା'ର ଭଉଣୀ ଚରିତ୍ରକୁ ଆକ୍ଷେପ କରି ମନ୍ତବ୍ୟ ଦେଇଥିଲେ। ପରେ ତାପସ ଘରକୁ ଯାଇ ଭଉଣୀ ଚିନୁ ସହ ମିଶି ସୌମ୍ୟଙ୍କୁ ହତ୍ୟା କରିବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲା। ତାପସ ରାଉରକେଲାରେ ଡ୍ରାଇଭିଂ କରୁଥିବାରୁ ସେଠାକାର ବନ୍ଧୁକ ବେପାରୀ ସୁରଜ ଓ ଅଙ୍କିତକୁ ଯୋଗାଯୋଗ କରି ବନ୍ଧୁକ ବରାଦ କରିଥିଲା। ଚିନୁ ଋଣ କରି ୫୦ ହଜାର ଟଙ୍କା ଋଣ କରି ବନ୍ଧୁକ ବେପାରୀଙ୍କୁ ୪୯ ହଜାର ଟଙ୍କା ଅଗ୍ରୀମ ଦେଇଥିଲା। ପରେ ତାପସ ରାଉରକେଲା ଯାଇ ବାକି ୯ ହଜାର ଟଙ୍କା ଦେବା ସହ କିପରି ଗୁଳି କରିବ ଟ୍ରେନିଂ ନେଇ ଆସିଥିଲା।

ପୂର୍ବ ଯୋଜନା ମୁତାବକ, ତାପସ ଗତ ୬ ତାରିଖ ରାତିରେ କାଳିମେଘା ଛକରେ ଛକି ରହିଥିବା ତଦନ୍ତ ସୀମା ତା'କୁ ସୌମ୍ୟଙ୍କ ଗତିବିଧି ବାବଦରେ ସୂଚନା ଦେଇଥିଲେ। ସୌମ୍ୟ କାଳିମେଳା ଛକରେ ପହଞ୍ଚିବା ପରେ ତାପସ ଗୁଳିମାଡ଼ କରିଥିଲା। ପ୍ରଥମେ ସୌମ୍ୟଙ୍କୁ ଯାଜପୁର ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ଶାଳକ ତଥା ସୀମାର ଭାଇ ଓମ୍ ପ୍ରକାଶ ବେହେରାଙ୍କ ଅଭିଯୋଗ ଆଧାରରେ ଯାଜପୁର ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ପ୍ରଥମେ ସୀମାଙ୍କ ଉପରେ ସନ୍ଦେହ କରି ତାଙ୍କ କଲ୍ ଡିଟେଲ ରେକର୍ଡ (ସିଡିଆର) ମଗାଇଥିଲା। ସିଡିଆରରୁ ପୁଲିସକୁ ଚାଞ୍ଚଲ୍ୟକର ତଥ୍ୟ ମିଳିଥିଲା। ସୀମା ଓ ଚିନୁ ଗତ ୨ ମାସ ମଧ୍ୟରେ ୧୩୦୦ ଥର କଥାବାର୍ତ୍ତା ହୋଇଥିବା ଜାଣିବା ପରେ ଚିନୁକୁ ଉଠାଇ ଆଣିଥିଲା। ଚିନୁ ମୋବାଇଲ ସୀମା ଓ ଚିନୁ ଏବଂ ସୀମା ଓ ତାପସର ଅନେକ ଫଟୋ ମିଳିଥିଲା। ଚିନୁକୁ ମାରାଥନ ଜେରା ପରେ ସବୁ କଥା ପଦାକୁ ଆସିଥିଲା। ପରେ ଯାଜପୁର ପୁଲିସ ରାଉରକେଲାରେ ଚଢ଼ଉ କରି ତାପସ, ସୂରଜ ଓ ଅଙ୍କିତକୁ ଉଠାଇ ଆଣିଥିଲା।

ତାପସକୁ ପଚରାଉଚରା କରିବା ପରେ ପୂରା ଘଟଣା ଉପରୁ ପରଦା ହଟିଥିଲା। ସେ କିପରି ବନ୍ଧୁକ ଆଣିଲା, କିପରି ହତ୍ୟା କଲା, ହତ୍ୟା ପରେ ବନ୍ଧୁକ କେଉଁଠାରେ ରଖିଲା ଓ କେମିତି ଫେରାର୍ ହେଲା; ସେ ସଂପର୍କରେ ତଥ୍ୟ ପାଇଥିଲା। ପରେ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ) ଧାରା ୨୩ ଅନୁଯାୟୀ ଦୁଇଜଣ ସାଧାରଣ ଲୋକଙ୍କ ଉପସ୍ଥିତିରେ ତାପସର ବୟାନ ରେକର୍ଡ କରିଥିଲା। ତାପସର ବୟାନ ଆଧାରରେ, ଦୁଇ ସାକ୍ଷୀଙ୍କ ଉପସ୍ଥିତିରେ ମେଡିକାଲ କଲେଜ ପଛପାଖରେ ଥିବା ଏକ ବୁଦା ମୂଳରୁ ବନ୍ଧୁକ ଜବତ କରିଥିଲା। ବିଏସ୍ଏ ଧାରା ଅନୁସାରେ ରେକର୍ଡ ହୋଇଥିବା ବୟାନକୁ କୋର୍ଟରେ ବଳିଷ୍ଠ ପ୍ରମାଣ ଭାବେ ଉପସ୍ଥାପନ କରିବ ପୁଲିସ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସପି ଯଶ ପ୍ରତାପ ଶ୍ରୀମଲ, ଯାଜପୁର ଏସଡିପିଓ ପ୍ରଶାନ୍ତ ମାଝି ଓ ଯାଜପୁର ଥାନା ଅଧିକାରୀ ଶରତ ନାୟକ ଉପସ୍ଥିତ ଥିଲେ।

- **ପତ୍ନୀ ଓ ପ୍ରେମିକ ସମେତ ୫ ଗିରଫ**
- **ଗିରଫଙ୍କ ମଧ୍ୟରେ ଦୁଇ ବନ୍ଧୁକ ଡିଲର୍**
- **ବନ୍ଧୁକ, ଗୁଳି, ବାଇକ୍ ଓ ୭ ମୋବାଇଲ ଜବତ**
- **ପ୍ରଥମେ ଭଉଣୀ ଓ ପରେ ଭାଇ ସହ ପ୍ରେମ ସମ୍ପର୍କରେ ଥିଲେ ପତ୍ନୀ**

# ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

### ଶବ ଆଣିବାକୁ ପ୍ରଶାସନକୁ ନିବେଦନ କଲେ ପରିବାର ଲୋକେ



ତେଲକୋଇ, ୧୩।୪(ସମିସ): ଦାଦନ ଖଟିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ତେଲକୋଇ ଥାନା ଅଧୀନ ଖୁଣ୍ଟାପଡ଼ା ଗ୍ରାମର ଭ୍ରମରବର ସେଠୀଙ୍କ ପୁଅ ଗୁରୁଚରଣ ସେଠୀ (୩୫)। ଗୁରୁଚରଣଙ୍କ ମୃତଦେହ ଏବେ ତାମିଲନାଡୁସ୍ଥିତ ଧରମ ପୁରୀ ମେଡିକାଲ କଲେଜରେ ରହିଛି। ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ମୃତଦେହ କିଭଳି ପୈତୃକ ଗ୍ରାମକୁ ଆସିବ, ସେନେଇ ପରିବାର ଓ ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି। ଗୁରୁଚରଣ ଦୀର୍ଘ ଦିନ ହେବ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଘରେ ତାଙ୍କ ପୁଅର ଶରୀର ଅସୁସ୍ଥ ହେବା ଖବର ପାଇ ରବିବାର ରାତିରେ ଟ୍ରେନ୍ ଯୋଗେ ଓଡ଼ିଶା ଫେରୁଥିଲେ। ହେଲେ ତାମିଲନାଡୁସ୍ଥିତ ବୁମିଡି ରେଳ ଷ୍ଟେସନ୍ ନିକଟ ରେଳଲାଇନ୍ ଉପରୁ ସ୍ଥାନୀୟ ରେଳବାଇ ପୁଲିସ ଗୁରୁଚରଣଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ସ୍ଥାନୀୟ ରେଳବାଇ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଗୁରୁଚରଣଙ୍କୁ କେହି ଦୁର୍ବୃତ୍ତ ଟ୍ରେନ୍ ଭିତରୁ ଠେଲି ଦେଇଥିବାରୁ ତାଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

■ ଦିବ୍ୟାଙ୍ଗ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ପରେ ପ୍ରତାରଣା

## ଯୁବକକୁ ୧୦ବର୍ଷ ଜେଲ୍

ବାରିପଦା, ୧୩।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା କୁଆମରା ଫାଣ୍ଡି ଅଞ୍ଚଳର ଜଣେ ମାନସିକ ଅନଗ୍ରସର ତଥା ଦିବ୍ୟାଙ୍ଗ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିଥିବା ଅଭିଯୋଗରେ ବଡ଼ସାହି ଥାନା ବୈଦପୁର ଗ୍ରାମର ବାପୁନ୍ ସିଂ ଓରଫ ଗୁଣିଆ ବାବାକୁ ଉଦଳା ଅତିରିକ୍ତ ଦୌରାଜଜ୍ ୧୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ବାପୁନ ଯୁବତୀଙ୍କ ଗ୍ରାମରେ ଜଣେ ପରିଚିତଙ୍କ ଘରେ ରହୁଥିବା ବେଳେ ଛେଳି ଚରାଇବାକୁ ଯାଇଥିବା ସଂପୃକ୍ତ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ପରିବାର ଲୋକେ ଝିଅ ୫ମାସର ଗର୍ଭବତୀ ଥିବା ଜାଣି ଘଟଣା ସମ୍ପର୍କରେ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ବାପୁନକୁ ଗିରଫ କରିଥିଲା।

## ଲାଗୁହେଲା ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ

ଭୁବନେଶ୍ୱର, ୧୩।୪(ସମିସ): ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ ୨୦୨୬ ରାଜ୍ୟରେ ଲାଗୁ ହୋଇଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ଅନୁମୋଦନ ପାଇବା ପରେ ଏହାକୁ ଲାଗୁ କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅଧିନିୟମ ଲାଗୁ ହେବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଏହି ଅଧିନିୟମ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସଇବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବ। ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ (ସିଙ୍ଗଲ ୟୁନିଟ୍) ଭାବେ ବିଚାର କରାଯିବ। ବିଭାଗ ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି।


**AFFIDAVIT**

By Virtue Of an Affidavit CF no 11/1 dtd. 27.01.2026 the Executive Magistrate Ranpur, I Sarojini Sahoo W/o- Santosh Kumar Sahoo At- Lunisahi, Po- Baunsagarh Ps- Ranpur, Dist- Nayagarh have changed my daughter's name Rani Sahoo to Ranu Sahoo. Henceforth He will be know as **Ranu Sahoo** for all purposes.

**AFFIDAVIT**

I, Monaf Khan, aged about 65 years, S/o- Abdul Jahur Khan, resident of Pension Lane, PO- Buxi Bazar, PS- Cantonment, Dist- Cuttack, PIN- 753001, Odisha declared by this affidavit No. 757, dtd- 13/04/2025 that now onwards I shall be known as **MUNAF KHAN** for all future purposes.

**LOST**

I, **Subhashree Dash,** D/o Umashankar Dash, resident of At- Labour Colony, Sector-22, PS- Tangarpali, Rourkela-7, Dist- Sundargarh, Odisha, PIN- 769007, do hereby notify that I have lost my original +3 Arts College Leaving Certificate (CLC). College: Municipal College, Rourkela, Session: 2018–2021, Roll No.: BA-18-051, Regd. No.: 33879/18. The document was lost on 09/04/2026, while I was in transit to a Xerox shop at Fertilizer Market, Rourkela, If anyone finds the aforementioned document, please return it to the address above or contact this number: 9337340373.

**AFFIDAVIT**

I, Rahat Alli, aged about 71 years, S/o- Sk Golam Rasul, resident of Deuligrameswar, PO/PS- Jagatsinghpur, Dist- Jagatsinghpur, PIN- 754103, Odisha declared by this affidavit No. 758, dtd- 13/04/2025 that now onwards I shall be known as **SK RAHAT ALI** for all future purposes.

**AFFIDAVIT**

By Virtue of an affidavit sworn before B.B Dutta (O.R.S) Executive Magistrate, Balasore. SL.No- 2512, Dt- 07/04/2026. I Sunita Das, Age-28, W/o- Samir Kumar Senapati At-Military Bazar, Po- Rajpur, Ps-Jaleswar, Dist-Balasore,Odisha . That, My actual Name is Sunita Das recorded as all Education Certificate/Service Documents etc. But My Daughter Adyasha Senapati's in K.V-1, Balasore School register mentioned my name **Sunita Senapati** wich is my post marriage sure name. I declared that **SUNITA SENAPATI** and **SUNITA DAS**, W/o Samir Kumar Senapati are one and same person for all future purposes.

**Sunita Das**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 13/04/2026. I, **Hemlata Pradhani** (applicant name), W/o- Hemraj Pradhani, permanent & current resident of AT: Manigaon, PO: Manigaon, PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor daughter's name from **Putnam Pradhani** (old name) to **Poonam Pradhani** (new name). Henceforth, she shall be known as **Poonam Pradhani** (new name) for all future purposes.

**(HEMLATA PRADHANI)**

**AFFIDAVIT**

By virtue of an affidavit No.68 sworn before the Executive Magistrate, Keonjhar on dtd- 10/04/2026. I, **Niranjan Sawaiyan,** S/o- Gagan Bihari Munda, permanent resident of Vill/Po- Bodapalasa, Ps- Sadar, Dist- Keonjhar, Pin-758002, Odisha & currently residing At- Qr No. 08 Police Quarter, Near Mini Stadium, Dhenkanal Municipality, Ps- Dhenkanal Sadar, Dist- Dhenkanal, Odisha, Pin-759001, Odisha declare that I have changed my minor daughter's name from **Kiraqn Sawaiyan** (old name) to **Kiran Sawaiyan** (new name). Henceforth, she shall be known as **Kiran Sawaiyan** for all future purposes.

**Sd/- Niranjan Sawaiyan**

**AFFIDAVIT**

I, Nazmoon Nesan, aged about 61 years, W/o- Sk Rahat Ali, resident of Deuligrameswar, PO/PS- Jagatsinghpur, Dist- Jagatsinghpur, PIN- 754103, Odisha declared by this affidavit No. 756, dtd- 13/04/2025 that now onwards I shall be known as **NAZMOON NISA** for all future purposes.

**AFFIDAVIT**

I, Zaheer Mohammad, aged about 68 years, S/o- Zamir Mohammad, resident of Muslim Sahi Gora Kabar, PO- Tulasipur, Dist- Cuttack, PIN- 753008, Odisha declared by this affidavit No. 759, dtd- 13/04/2025 that now onwards I shall be known as **ZAHIR MOHAMMAD** for all future purposes.

**OFFICE OF THE NOTIFIED AREA COUNCIL, RAMBHA**

Letter No: 722 Date: 10/04/2026

**Tender Reference No: RMB-01-NAC/2026-27** **13001/165/2627**

The Rambha NAC invites online bid in single cover system through e-procurement as mentioned below:

- Total number of works: 1 No
- Value of works: Rs. 14,58,000/-
- Date and time of availability of bid documents in the portal from 10:00 AM of 15.04.2026 to 5:00 PM of 22.04.2026
- Last date of receipt of bids in the portal: 22.04.2026 up to 5:00 PM
- Last date of submission of documents in the office of Rambha NAC is up to 11:00 AM of Dt. 23.04.2026, however participation online is mandatory.
- Date of opening of e-tender: Dt. 23.04.2026 at 2:00 PM
- Further details can be seen from the website: https://tendersodisha.gov.in

**Executive Officer**
**NAC, Rambha**

**OIPR-13001/13114/1/26-27/0001**

**34001/61/2627**

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No. SEDKL (R&B). 01/ 2026-27

**Invitation for Bids**

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building workas detailed below. | | |
| 2. | Nature of work | : | Electrical Works |
| 3. | No. of work | : | 03 Nos. |
| 4. | Bid Cost. | : | ₹6,000/- |
| 5. | Class of Contractor | : | 'HT' License & 'MV' License |
| 6. | Availability of Bid Documents in the website | : | From 10.00 AM of 16.04.2026 to 5.00 PM of 29.04.2026 |
| 7. | Date of Opening of Bid | : | Dt.30.03.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**OIPR-34001/34016/1/26-27/0001**

**Superintending Engineer**
**Dhenkanal (R&B) Division**

**GOVERNMENT OF ODISHA** **8001/29/2627**
**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122**
E-mail ID- dfoangul@gmail.com, dfo.angul@odisha.gov.in
Phone No- 9938022883
**Office order No. 256/1F, Dated, Angul the 13th April, 2026**
**Corrigendum to Tender Call Notice**
**Bid Identification No. DFO/ANG-01/2026-27, Dated: 09.04.2026**

With reference to the Tender Notice published for the procurement and installation of various items in the Angul Forest Division during 2026–27 under the aforementioned Bid Identification Number, certain additional items have been included.

These additions form an integral part of the ongoing tender process and must be read in conjunction with the original tender document. All bidders are requested to take into account the newly added items, as detailed below, while preparing and submitting their bids.

| Sl No. | Items | Specifications (Approx) - Indicative Only | Remarks |
|---|---|---|---|
| 35 | Battery Operated Vehicle | Seat: 6,8,10,12 or more Battery: "Lithium-ion or equivalent advanced technology battery", minimum 60 km range per charge, minimum 20 km/h speed or more, , weatherproof canopy, safety features with charger and minimum 3-year warranty. | Annexure V of List - I |

Others can see the details from Notice inviting Tenders, available in website- https://angul.odisha.gov.in , https://odishaforest.in Corrigendum if any, shall only be published in the above website

**All other terms and conditions will remain same as published in the above referred tender notice. Inconvenience, if any is highly regretted.**

**Divisional Forest Officer**
**Angul Forest Division**

**OIPR-8001/8027/1/26-27/0002**


## ଅବଶିଷ୍ଟାଂଶ...

### ରଣକ୍ଷେତ୍ର...

ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଇରାନ। ଇରାନ ପକ୍ଷରୁ କୁହାଯାଇଛି ଏହାର କର୍ତ୍ତୃତ୍ୱରେ ଥିବା ହର୍ମୁଜରେ ଶତ୍ରୁ ପକ୍ଷରର ଜାହାଜକୁ ଆକ୍ରମଣ କରାଯିବ।

ଇରାନରେ ବିରୋଧରେ ଆମେରିକାର ଏଭଳି ସାମରିକ ଅବରୋଧ ଆଜି ଆରମ୍ଭ ହୋଇଥିବା ବେଳେ ଏହା ବିଶ୍ୱ ଅର୍ଥନୀତିରେ ହଇଚଇ ସୃଷ୍ଟି କରିଛି। କାରଣ ହର୍ମୁଜ ଦେଇ ବିଶ୍ୱର ୨୦ ଭାଗ ତୈଳ କାରବାର ହେଉଛି। ଆମେରିକା ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ) ପକ୍ଷରୁ ସ୍ୱଷ୍ଟ କୁହାଯାଇଛି ଯେ ଇରାନର ସମସ୍ତ ବନ୍ଦର ଏବଂ ଉପକୂଳବର୍ତ୍ତୀ ଅଞ୍ଚଳକୁ ଯାଉଥିବା କିମ୍ବା ସେଠାରୁ ଆସୁଥିବା ସମସ୍ତ ବାଣିଜ୍ୟିକ ଜାହାଜକୁ ଅବରୋଧ କରାଯିବ। ଏହି ନିୟମ ସବୁ ଦେଶ ପାଇଁ ସମାନ ଭାବେ ଲାଗୁ ହେବ। ତେବେ ହର୍ମୁଜ ପ୍ରଣାଳୀ ଦେଇ ଅନ୍ୟ ଦେଶକୁ ଯାଉଥିବା ଜାହାଜଗୁଡ଼ିକୁ ବାଧା ଦିଆଯିବ ନାହିଁ ବୋଲି କୁହାଯାଇଛି। ସୋସିଆଲ ମିଡ଼ିଆ ମାଧ୍ୟମରେ ରାଷ୍ଟ୍ରପତି ଟ୍ରମ୍ପ ଅତ୍ୟନ୍ତ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରି କହିଛନ୍ତି ଯେ, ଯେଉଁମାନେ ଇରାନକୁ ବେଆଇନ୍ ଭାବେ ଶୁଳ୍କ ପ୍ରଦାନ କରିବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଆମେରିକୀୟ ସେନାକୁ ସାମୁଦ୍ରିକ ମାଇନ୍ସ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଯଦି ଇରାନ ପକ୍ଷରୁ କୌଣସି ପ୍ରତିକ୍ରିୟା ବା ବାଧା ମିଳେ, ତେବେ ଉଚିତ ଶିକ୍ଷା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଇରାନ ଜାହାଜ ଆକ୍ରମଣ କଲେ ଏହାକୁ ଧ୍ୱଂସ କରିଦିଆଯିବ। ଆମେରିକାର ଏହି ବନ୍ଦର ଅବରୋଧ ନିଷ୍ପତ୍ତି ଆଗାମୀ ଦିନରେ ଏକ ବୃହତ ସାମରିକ ସଂଘର୍ଷର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

ଇରାନ ମଧ୍ୟ ଏହାର ଜବାବ ଦେଇଛି। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକେର କାଲିବାଫ ଏହାକୁ ଏକ ଖୋଲା ଆହ୍ୱାନ ଭାବେ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଯଦି ଆମେରିକା ଯୁଦ୍ଧ ଚାହୁଁଛି, ତେବେ ଇରାନ ମଧ୍ୟ ପଛଘୁଞ୍ଚା ଦେବନାହିଁ। ଏଥିସହ ଆମେରିକାରେ ବୃଦ୍ଧି ପାଉଥିବା ତୈଳଦରକୁ ନେଇ ସେ ଟ୍ରମ୍ପ ପ୍ରଶାସନକୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ହର୍ମୁଜ ବନ୍ଦ ରହିଲେ ଆମେରିକା ତେଲଶୂନ୍ୟ ହୋଇଯିବ।

ଆମେରିକା ପକ୍ଷରୁ ଇରାନର ବନ୍ଦରଗୁଡ଼ିକ ଉପରେ ସାମୁଦ୍ରିକ ଅବରୋଧ ଘୋଷଣା କରାଯିବା ପରେ ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ପ୍ରକାଶ ପାଇଛି। ଏହି କାରଣରୁ ଅତିକମ୍‌ରେ ୧୫ଟି ଭାରତୀୟ ଜାହାଜ ସେହି ଅଞ୍ଚଳରେ ଫସି ରହିଛି। ଶାନ୍ତି ଆଲୋଚନା ବିଫଳ ହେବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ୧୫ଟି ଭାରତୀୟ ଜାହାଜ ମଧ୍ୟରେ କ୍ରୁଡ୍ ଅଏଲ ଟ୍ୟାଙ୍କର, ଏଲ୍ଏନ୍‌ଜି ଏବଂ ଏଲ୍‌ପିଜି ପରିବାହକ, କଣ୍ଟେନର ଜାହାଜ ଓ କେମିକାଲ ଟ୍ୟାଙ୍କର ରହିଛି। ଆମେରିକୀୟ କେନ୍ଦ୍ରୀୟ କମାଣ୍ଡ ସୋମବାରଠାରୁ ଅବରୋଧ ନିୟମ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ସମ୍ପୂର୍ଣ୍ଣ ସତର୍କ ରହିଛି। ପାରସ୍ୟ ଉପସାଗର ନିକଟରେ ଭାରତର ୬ଟି ଜାହାଜ ମୁତୟନ କରାଯାଇଛି। ଏହି ଜାହାଜଗୁଡ଼ିକ ଭାରତୀୟ ବ୍ୟବସାୟିକ ଜାହାଜଗୁଡ଼ିକୁ ଯୋଗାଯୋଗ, ମନିଟରିଂ ଓ ସୁରକ୍ଷିତ ଯାତାୟତ ପାଇଁ ସହାୟତା କରୁଛନ୍ତି। ଜଗ୍ ବିକ୍ରମ ନାମକ ଏକ ଏଲ୍‌ପିଜି ଟ୍ୟାଙ୍କର ନୌସେନା ସୁରକ୍ଷା ବଳୟ ମଧ୍ୟରେ ଏପ୍ରିଲ ୧୧ରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ମୁମ୍ବାଇ ଅଭିମୁଖେ ବାହାରିଛି। ସେହିପରି ଅଞ୍ଚଳରେ ଥିବା ୨୫ଟି ଭାରତୀୟ ଜାହାଜ ମଧ୍ୟରୁ ୧୦ଟି ଜାହାଜ ସୁରକ୍ଷିତ ଭାବେ ବାହାରି ଆସିବାରେ ସଫଳ ହୋଇଛନ୍ତି। ସାମୁଦ୍ରିକ ସୁରକ୍ଷା ନିଶ୍ଚିତ କରିବାକୁ ଭାରତ ବର୍ତ୍ତମାନ ୨୮ଟି ଦେଶ ସହ ମିଳିତ ଭାବେ ଗୁଇନ୍ଦା ସୂଚନା ଆଦାନ ପ୍ରଦାନ କରୁଛି।

### ପାଟପର୍ବରେ...

ଆଦି ରାଜ୍ୟରୁ ଲକ୍ଷଲକ୍ଷ ମାନସିକଧାରୀଙ୍କ ସମାଗମ ଦେଖିବାକୁ ମିଳିଥାଏ। ମହାନୀଳ ପର୍ବର ପରବର୍ତ୍ତୀ ଦିନ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ପୂର୍ବ ଦିନ ଏହି ପାଟ ଉତ୍ସବ ପାଳିତ ହେଉଥିଲା ବେଳେ ଏହା ଦୀର୍ଘ ୧୩ଦିନ ବ୍ରତଧାରଣର ଶେଷ ତଥା ଶ୍ରେଷ୍ଠ ଆଧ୍ୟାତ୍ମିକ ଉତ୍ସବ ବୋଲି ବିବେଚନା କରାଯାଏ।

### ଟେକ୍‌ନୋ ସ୍କୁଲ...

କରାଯାଇଥିଲା। ଗିରଫ ପରୀକ୍ଷାର୍ଥୀ ଓ ଅନ୍ୟ କିଛି ମଧ୍ୟସ୍ଥ ଜାମିନ ପାଇଛନ୍ତି। ଅନ୍ୟପକ୍ଷରେ ଏହି ଚଢ଼ଉକୁ ନେଇ ଟେକ୍‌ନୋ ସ୍କୁଲ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଟେକ୍‌ନୋ ସ୍କୁଲର କ୍ୟାମ୍ପସକୁ ଭଡ଼ାରେ ନିଆଯାଇଥିଲା। ଭଡ଼ାରେ ନେଇଥିବା ବ୍ୟକ୍ତି ଜଣଙ୍କ ଭିନ୍ନ। ସେ ଜଣେ ଅଲଗା ମାଲିକ।

### ନବୀନଙ୍କୁ ମାନସ...

ସମ୍ମିଳନୀରେ ଶ୍ରୀ ମଙ୍ଗରାଜ କହିଥିଲେ ଯେ ମୋ ଉପରେ ଭରସା ଏପରି ଗୁରୁ ଦାୟିତ୍ୱ ଅର୍ପଣ କରିଥିବାରୁ ମୁଁ ଦଳର ସଭାପତି ନବୀନ ପଟ୍ଟନାୟକ, ସମସ୍ତ ନେତୃମଣ୍ଡଳୀ ଓ ଅଗଣିତ କର୍ମୀଙ୍କ ନିକଟରେ କୃତଜ୍ଞ। ବିଜୁ ଜନତା ଦଳର ସାଂସଦ ମାନେ ସଂସଦରେ ନିଷ୍ଠାର ସହିତ ରାଜ୍ୟର ହିତ ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଆସୁଛନ୍ତି। ବିଜେଡି ସାଂସଦମାନଙ୍କର ପ୍ରଦର୍ଶନ ଓ ଶୃଙ୍ଖଳା ସଂସଦରେ ସବୁ ସମୟରେ ଆଦୃତ ହୋଇଛି। ଆଗାମୀ ଦିନରେ ମଧ୍ୟ ରାଜ୍ୟର ହିତରେ ବିଭିନ୍ନ ପ୍ରସଙ୍ଗରେ ବିଜେଡି ସାଂସଦମାନଙ୍କ ସ୍ୱର ନିଶ୍ଚିତ ଭାବେ ଶାଣିତ ରହିବ ବୋଲି ମାନସ କହିଥିଲେ।

ସେହିପରି ସୁଲତା ଦେଓ କହିଥିଲେ ଯେ ଦଳର ନେତା ମୋତେ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ମୁଁ ମୋର ନେତା ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି। ଦଳର ସଭାପତି ଯେତେବେଳେ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି, ଜଣେ ଦାୟିତ୍ୱବାନ ସୈନିକ ହିସାବରେ ମୁଁ ସେହି ଦାୟିତ୍ୱକୁ ନିଷ୍ଠାର ସହିତ ତୁଲାଇଛି। ତେଣୁ ଏହି ଦାୟିତ୍ୱକୁ ମଧ୍ୟ ମୁଁ ନିଷ୍ଠାର ସହିତ ତୁଲାଇବା ପାଇଁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ଏହି ଅବସରରେ ବିଜେଡି ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ଉଭୟ ଶ୍ରୀ ମଙ୍ଗରାଜ ଓ ଶ୍ରୀମତୀ ଦେଓଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ।

### ଜଙ୍ଘରେ ଲୁଚାଇ...

ଯାଇଥିବା ବେଳେ ୨ କର୍ମଚାରୀ ଉପସ୍ଥିତ ଥିଲେ। ସେମାନେ ଭଲିକି ଭଲି ଶାଢ଼ି ଦେଖାଉଥିବା ବେଳେ କିଛି ଧୂର୍ତ୍ତ ମହିଳା ଶାଢ଼ିଗୁଡ଼ିକୁ ଲୁଟିବାରେ ଲାଗିଥିଲେ। ଦୁଇ ତିନିଜଣ ମହିଳା ଷ୍ଟୋର୍ କର୍ମଚାରୀଙ୍କ ଧ୍ୟାନ ଏଡ଼ାଇବା ପାଇଁ ସେମାନଙ୍କ ସହ ଗପପେଡ଼ି ଖୋଲି ଦେଇଥିବା ବେଳେ ବାକି ଧୂର୍ତ୍ତ ମହିଳାମାନେ ଜଙ୍ଘରେ ଦାମୀ ଶାଢ଼ିଗୁଡ଼ିକୁ ଲୁଚାଇ ଜଣଙ୍କ ପରେ ଜଣେ କାର୍‌ରେ ରଖି ଆସୁଥିଲେ। ମହିଳାମାନେ ଷ୍ଟୋର୍ ଛାଡ଼ିବା ପୂର୍ବରୁ ପ୍ରାୟ ୭ଲକ୍ଷ ଟଙ୍କାର ସମ୍ବଲପୁରୀ ପାଟ ଚୋରାଇ ନେଇଥିଲେ। ମହିଳାମାନଙ୍କ ଏହି ସମସ୍ତ କଳା କାରନାମା ସିସିଟିଭିରେ ରେକର୍ଡ ହୋଇଛି। ଏ ସଂପର୍କରେ ବୟନିକା ପକ୍ଷରୁ ରବିବାର ଥାନାରେ ଏତଲା ଦିଆଯିବା ପରେ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଛି। ଅଭିଯୋଗ ପାଇବା କ୍ଷଣି ଅନୁଗୋଳ ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀଙ୍କ ନେତୃତ୍ୱରେ ପୁଲିସ ଟିମ୍ 'ବୟନିକା'ରେ ପହଞ୍ଚି ପଚରାଉଚରା କରିଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚରୁ ମହିଳାଙ୍କ କାରନାମା ଜାଣିବା ପରେ ପୁଲିସ ଛାନଭିନ୍ ଚଳାଇଛି।

### ୪୦ ଡିଗ୍ରୀ ଉପରେ...

ଛୁଇଁପାରେ। ଦିନ ଓ ରାତି ତାପମାତ୍ରାରେ ମଧ୍ୟ ବଡ଼ ବ୍ୟବଧାନ ରହିବ। ସେହିପରି ଉପକୂଳ ଓଡ଼ିଶାରେ ତାପମାତ୍ରା ୩୬ରୁ ୩୮ ଡିଗ୍ରୀ ମଧ୍ୟରେ ରହିବା ସହ ଆର୍ଦ୍ରତା ୭୦-୭୫ପ୍ରତିଶତ ରହୁଥିବାରୁ, ଅନୁଭୂତ ହେଉଥିବା ତାପମାତ୍ରା (ଫିଲ୍ ଲାଇକ ଟେମ୍ପରେଚର୍) ପ୍ରାୟ ୪୫-୪୭ ଡିଗ୍ରୀ ଅନୁଭୂତ ହେବ। ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ସପ୍ତାହ ମଧ୍ୟଭାଗ ସୁଦ୍ଧା ତାପମାତ୍ରା ୩୯-୪୦ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସହ ଗୁଳୁଗୁଳି ଯୋଗୁଁ କଷ୍ଟକର ପରିସ୍ଥିତି ସୃଷ୍ଟି ହେବ। ଚଳିତ ସପ୍ତାହର ୫ଟି ପ୍ରମୁଖ ଉତ୍ତପ୍ତ ସ୍ଥାନ ମଧ୍ୟରେ ଝାରସୁଗୁଡ଼ାରେ ୪୩.୫-୪୪.୫, ସମ୍ବଲପୁରରେ ୪୩-୪୪ ଅନୁଗୋଳ ୪୨.୫-୪୩.୫, ବଲାଙ୍ଗିର ୪୨-୪୩, ଟିଟିଲାଗଡ଼ରେ ୪୨-୪୨.୫ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ରେକର୍ଡ ହେବାର ଆଶଙ୍କା ରହିଛି ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ସୂଚନାଥାଉ କି, ସୋମବାର ଟିଟିଲାଗଡ଼ରେ ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୪୦.୮ ଡିଗ୍ରୀ, ସମ୍ବଲପୁରରେ ୪୦.୪ଡିଗ୍ରୀ, ଭାବନୀପାଟଣାରେ ୪୦.୪ ଡିଗ୍ରୀ, ବଲାଙ୍ଗିରରେ ୪୦.୨ଡିଗ୍ରୀ, ସୋନପୁରରେ ୪୦.୧ଡିଗ୍ରୀ ଓ ଅନୁଗୋଳରେ ୪୦.୧ଡିଗ୍ରୀ ରେକର୍ଡ ହୋଇଛି। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ଉଷ୍ଣ ଓ ଆର୍ଦ୍ର ପାଣିପାଗ ସ୍ଥିତି ଆକଳନ କରାଯାଇଛି।

## ଉଚ୍ଛେଦ ଆଳରେ ପ୍ରଶାସନ ମନ୍ଦିରକୁ ବି ଛାଡୁ ନ ଥିବା ପ୍ରସଙ୍ଗ

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଶ୍ରଦ୍ଧାଳୁ

ବନ୍ତ/ଆଗରପଡ଼ା,୧୩।୪(ସମିସ)



ଏବେ ରାଜ୍ୟ ଓ କେନ୍ଦ୍ରରେ ଚାଲୁଥିବା ବିଜେପି ସରକାର ସାଧାରଣତଃ ହିନ୍ଦୁର ରକ୍ଷକ ସରକାର ବୋଲି ଲୋକେ କହୁଥିବାବେଳେ ହିନ୍ଦୁ ମନ୍ଦିର ସୁରକ୍ଷିତ ନୁହେଁ ବୋଲି ଅନେକ ଠାକୁର ପ୍ରେମୀ ପ୍ରଶ୍ନ ଉଠାଉଛନ୍ତି। ବର୍ତ୍ତମାନର ସରକାର ହିନ୍ଦୁ ମନ୍ଦିରକୁ ସୁରକ୍ଷା ଦେଉଥିବାସ୍ଥଳେ ଛୟାଳସିଂହସ୍ଥିତ ଶନିମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ଥିବା ତାରବାଡ଼ ଏବଂ ଗେଟ୍‌କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରିବା ଯାହାକି ବନ୍ତ ବ୍ଲକ୍ ସମେତ ଭଦ୍ରକ ଜିଲ୍ଲାର ଅନେକ ଅଞ୍ଚଳରୁ ଆସିଥିବା ହଜାର ହଜାର ଭକ୍ତଙ୍କ ମନରେ କଠୋର ଆଘାତ ଲାଗିଛି। ଏହି ପରିପ୍ରେକ୍ଷୀରେ ସୋମବାର ବନ୍ତ ବ୍ଲକ୍ ତୋଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଛୟାଳସିଂହ ତଥା ଆଖପାଖର ୧୫ରୁ ୨୦ ଗ୍ରାମର ଭକ୍ତ ପ୍ରଶାସନିକ ଅଧିକାରୀଙ୍କୁ ଭେଟିବା ସହିତ ଘଟିଥିବା ଘଟଣା ଉପରେ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ଅଭିଯୋଗ କରିଥିବା ଜଣାପଡ଼ିଛି।

ହିନ୍ଦୁ ଧର୍ମର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ମଠ ମନ୍ଦିରକୁ ସୁରକ୍ଷା ଦେବା ସହ ସୌନ୍ଦର୍ଯ୍ୟକରଣ ପାଇଁ ଅର୍ଥ ଦେଉଥିବା ସ୍ଥଳେ, ଛୟାଳସିଂହସ୍ଥିତ ଶନି ମନ୍ଦିରର ପ୍ରଥମେ ତାର ବାଡ଼ ଓ ପରେ ମନ୍ଦିରର ଗେଟ୍‌କୁ ବନ୍ତ ତହସିଲ୍‌ଦାର ଉଚ୍ଛେଦ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଅଟେ ବୋଲି ଉକ୍ତ ଲିଖିତ ଅଭିଯୋଗରେ ଦର୍ଶାଇଥିବା ଜଣାପଡ଼ିଛି। ପ୍ରଥମେ ଗତ ଫେବୃଆରୀ ୧୦ରେ ମନ୍ଦିର କମିଟିକୁ କୌଣସି ନୋଟିସ ନ ଦେଇ ବ୍ୟକ୍ତିଗତ ଭାବେ ବିଜୟ ନାୟକଙ୍କ ନାମରେ ଜବରଦଖଲ ଦର୍ଶାଇ ତାରବାଡ଼ଟିକୁ ଉଚ୍ଛେଦ କରାଯାଇଥିଲା। ଏତିକିରେ ତହସିଲ୍‌ଦାରଙ୍କ ରାଗ କମି ନ ଥିଲା। ଏହାର କିଛିଦିନ ପରେ ପୁନର୍ବାର ଚଳିତ ମାସ ୧୦ ତାରିଖରେ ମନ୍ଦିର ସାମ୍ନାରେ ଥିବା ମୁଖ୍ୟ ଗେଟ୍‌କୁ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ଅଭିଯୋଗକାରୀ ତାଙ୍କୁ ଯେତେ ଅନୁରୋଧ କରିଥିଲେ ବି, ସେ କୌଣସି କଥାକୁ କର୍ଣ୍ଣପାତ କରି ନ ଥିଲେ। ତେଣୁ ସମସ୍ତ ଗ୍ରାମର ଭକ୍ତବୃନ୍ଦ ତଥା ଗ୍ରାମବାସୀବୃନ୍ଦ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ସେମାନଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ଭକ୍ତଙ୍କ ହୃଦୟକୁ ଲାଗିଥିବା ଆଘାତକୁ ପ୍ରଶମନ କରିବା ଦିଗରେ ପଦକ୍ଷେପ ଗ୍ରହଣ କଲେ, ହିନ୍ଦୁ ଧର୍ମ ତଥା ମନ୍ଦିରର ସୁରକ୍ଷା ହୋଇପାରିବ ବୋଲି କାହ୍ନୁ ଚରଣ ଜେନା, ପ୍ରଶାନ୍ତ ରାଉତ୍, ଯଦୁନାଥ ରାଉତ୍, ଶଶଧର ସାମନ୍ତରାଏ, ଅନାଥ ମହାନ୍ତି, ମମତା ସାହୁ, ବିଜୟ ସାହୁ, ପାତ ବାରିକ୍, ନାରାୟଣ ଚନ୍ଦ୍ର ମିଶ୍ର, କାଶୀନାଥ ପାଣିଗ୍ରାହୀ, ବିଜୟ ନାୟକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଯୁବକ ମୃତ

ବାରିକପୁର,୧୩।୪(ସମିସ): ଭଣ୍ଡାରିପୋଖରୀ ଥାନା କୋରିଗାଁ ପଞ୍ଚାୟତ ମହମ୍ମଦପୁର(କୁମିତ୍ରା) ଗାଁର ଜଣେ ଯୁବକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ, ଗ୍ରାମର ବଳଭଦ୍ର ସେନାପତି (୪୫) ରବିବାର ରାତି ପ୍ରାୟ ୮ ଟା ବେଳେ ପର୍ବତୀ ପାର୍ଶ୍ୱରୁ ହାଇଲେଭେଲ୍ କେନାଲ ରାସ୍ତାରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ବାଇକଟି ରାସ୍ତା ପାର୍ଶ୍ୱରେ ଥିବା ଏକ ବୃକ୍ଷରେ ଧକ୍କା ଦେଇଥିଲା। ଫଳରେ ଯୁବକ ଜଣକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏନେଇ ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବାବେଳେ ଏକ ମାମଲା ରୁଜୁ ହୋଇଛି।

## ୨୪ ୟୁନିଟ୍ ରକ୍ତ ସଂଗ୍ରହ

ବାସୁଦେବପୁର,୧୩।୪(ସମିସ): ବେତଡ଼ାସ୍ଥିତ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଭଦ୍ରକ ରକ୍ତ ଭଣ୍ଡାର କର୍ମଚାରୀ ରତିକାନ୍ତ ବଳ, ତାରିଣୀସେନ ଯେନା, ଅରୁଣ ପରିଡ଼ା ଓ ରାଜୁ ଗୁପ୍ତା ରକ୍ତ ସଂଗ୍ରହ କରିଥିଲେ। ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା, ପ୍ରାଧ୍ୟାପକ ବ୍ରଜମୋହନ ଦାଶ, ସସ୍ମିତା ଦଶ, କାନ୍ତାରାଣୀ ଦାସ, ସ୍ୱର୍ଣ୍ଣପ୍ରଭା ମହାପାତ୍ର, ସୁଷମା ହୋତା, ଜଗବନ୍ଧୁ ପଣ୍ଡା, ପ୍ରଭାସ ମହାନ୍ତି, ସ୍ୱେଚ୍ଛାସେବୀ ଗାୟତ୍ରୀ ପଣ୍ଡା, ଲୋପନାରାଣୀ ସାମଲ, ଇତିଶ୍ରୀ ଶତପଥୀ ଓ ରଶ୍ମିରଞ୍ଜନ ଦାସ ସହଯୋଗ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ହାଇୱା ପଛକୁ ଧକ୍କା ଦେଲା ଆମ୍ବୁଲାନ୍ସ; ୩ ଗୁରୁତର

ଭଦ୍ରକ,୧୩।୪(ସମିସ): ଚରମ୍ପାଠାରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଠିଆ ହୋଇଥିବା ଏକ ହାଇୱାକୁ ପଛ ପଟୁ ଧକ୍କା ଦେଲା ଆମ୍ବୁଲାନ୍ସ। ଆମ୍ବୁଲାନ୍ସ ଭିତରେ ଥିବା ୩ କର୍ମଚାରୀ ଗୁରୁତର ହୋଇପଡ଼ିଛନ୍ତି। ଦୁର୍ଘଟଣାର ଏକ ଘଣ୍ଟା ପରେ ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀର ସହାୟତାରେ ଉଦ୍ଧାର ହେଲେ ଆମ୍ବୁଲାନ୍ସ କର୍ମଚାରୀ। ଗୁରୁତର ୩ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ରାତି ପ୍ରାୟ ସାଢ଼େ ୧ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଦୁର୍ଘଟଣାର ବ୍ଲାକ୍ ସ୍ପଟ୍ ପାଲଟିଛି କେନାଲ ରାସ୍ତା



ଭଣ୍ଡାରିପୋଖରୀ,୧୩।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ହାଇଲେଭେଲ କେନାଲ ରାସ୍ତା ଦୁର୍ଘଟଣାର କେନ୍ଦ୍ରବିନ୍ଦୁ ପାଲଟିଛି। ହାଇଲେବୁଲ କେନାଲ ରାସ୍ତା ପରବର୍ତ୍ତୀ ଛକ ନିକଟରୁ ସରପଦା ଗ୍ରାମ ମଝାମଝି ରାସ୍ତାର ଉଭୟ ପାର୍ଶ୍ୱରେ ବହୁଦିନ ଧରି ୨ଟି ବିରାଟ ପୁଟିଆ ଗଛ ରହିଛି। ଫଳରେ ବାଇକ୍ ଆରୋହୀ ଓ ଚାରିଚକିଆ ଯାନ ମଧ୍ୟ ଗଛରେ ପିଟି ହୋଇ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଗଛଟି ଚର୍ଚ୍ଚାର ବିଷୟ ପାଲଟିଲାଣି। କେହି କେହି ଲୋକ କହିବାକୁ ଲାଗିଲେଣି ସେହି ଜାଗାରେ ବହୁ ଲୋକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ହେତୁ ଏହି ଜାଗାରେ ମଲା ଲୋକର ସ୍ପିରିଟ୍ ଗଛରେ ରହିଲେଣି। ସେଥି ନିମନ୍ତେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତାଟି ଆଖୁଆପଦା ଜଳସେଚନ ବିଭାଗ ଅଧୀନରେ ରହିଥିବା ହେତୁ ଜଳସେଚନ ବିଭାଗର ଯନ୍ତ୍ରୀଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ଯୋଗାଯୋଗ କରି ଜଣାଇଥିଲେ ତଦନ୍ତ କରି ରାସ୍ତା ଉପରୁ ୨ଟି ଗଛକୁ ହଟାଇଦେବା ନିମନ୍ତେ। ଯନ୍ତ୍ରୀ ସ୍ଥାନୀୟ ଲୋକମାନଙ୍କୁ କହିଛନ୍ତି, ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ବନ ବିଭାଗ ସହିତ ଆଲୋଚନା କରି ଯାହା ପଦକ୍ଷେପ ନିଆଯାଇପାରିବ ସେଥିନିମନ୍ତେ ସହଯୋଗ କରିବେ। ଗତ ରବିବାର ମଧ୍ୟ କୁରିଗାଁ ପଞ୍ଚାୟତର କୁମ୍ଭାରିଆ ଗ୍ରାମର ବଳରାମ ସେନାପତି ତାଙ୍କ ଶଶୁର ଘର ମଠସାହି ଗ୍ରାମର ପୁତୁରାର ବ୍ରତ ଉପଲକ୍ଷେ ଯାଉଥିବାବେଳେ ସନ୍ଧ୍ୟା ସମୟରେ ଗଛରେ ପିଟି ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏଥି ନିମନ୍ତେ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ସମସ୍ୟା ଉପରେ ତଦନ୍ତ କରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛକୁ ହଟାଇବା ନିମନ୍ତେ ଜଳସେଚନ ବିଭାଗ ଓ ବନ ବିଭାଗକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଟ୍ରାକ୍ଟର ପଛପଟ ଡାଲା ଖୋଲି ମାଟି ଚୋରା ଚାଲାଣ



### ଖବର ପ୍ରକାଶ ପରେ ବି ଖଣି ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ୍

ଧାମନଗର,୧୩।୪(ସମିସ): ଧାମନଗର କଲେଜ ନିକଟରୁ ଆରମ୍ଭ କରି କୋର୍ଟ ଭାୟା ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମୁଖ୍ୟ ରାସ୍ତା ଉପରେ ବେଆଇନ ଭାବେ ଶହଶହ ମାଟି ବୋଝେଇ ଟ୍ରାକ୍ଟର ଏହାର ପଛପଟ ଡାଲା ଖୋଲି ମାଟି ଚାଲାଣ କରୁଛନ୍ତି। ରାସ୍ତାରେ ମାଟି ପଡ଼ି ପଡ଼ି ଯାଉଥିବାବେଳେ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏପଟେ ଲାଇସେନ୍ସ ନ ଥିବା କମ୍ ବୟସର ଛୋଟ ଛୋଟ ପିଲାଙ୍କ ବେପରୁଆ ଗାଡ଼ି ଚଳାଇବାରୁ ଅଳ୍ପ ଦିନ ତଳେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହୋଇଛି। ଏହି ଘଟଣାର ଖବର ପ୍ରକାଶ ପାଇବା ସତ୍ତ୍ୱେ ଖଣି ବିଭାଗ ଓ ତହସିଲ୍‌ଦାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖା ଦେଇଥିବାବେଳେ ଆଲୋଚନାର ବିଷୟ ପାଲଟିଛି। ଏବେବି ଧାମନଗର ଅଞ୍ଚଳରେ ପ୍ରତ୍ୟେକ ଦିନ ଯୁଆଡ଼େ ଦେଖିବ ମାଳମାଳ ବେଆଇନ ବାଲି, ମାଟି ଚାଲାଣ ବୃଦ୍ଧି ପାଉଛି। ଏପଟେ ମାଫିଆମାନେ ସରକାରୀ ଅଧିକାରୀଙ୍କ ଆଖିରେ ଧୂଆଁ ଦେଇ ସରକାରୀ ଟିକସ ଫାଙ୍କିବାକୁ ଲାଗିପଡ଼ିଛନ୍ତି। ଜିଲ୍ଲା ଓ ଜିଲ୍ଲା ବାହାରକୁ ହାଇୱା, ଟ୍ରକ୍ ଏବଂ ଟ୍ରାକ୍ଟର ଯୋଗେ ଶହଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି।

ସୂଚନା ଅନୁଯାୟୀ, ଖଣି ବିଭାଗ ଅଧିକାରୀ ଓ ତହସିଲ୍‌ଦାର ସରକାରୀ ଦଳର ନେତାଙ୍କ ଚାପରେ ନେଉନାହାନ୍ତି କାର୍ଯ୍ୟାନୁଷ୍ଠାନ। ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟି ଲୋକେ ପ୍ରାଣ ହରାଉଛନ୍ତି। ବେଆଇନ ବାଲି ଖାଦାନଗୁଡ଼ିକ ଉପରେ ଚଢ଼ଉ ନ କରି ଓଲଟି ବାଲି ମାଫିଆମାନଙ୍କୁ ଘଣ୍ଟ ଘୋଡ଼ାଉଥିବା କୁହାଯାଉଛି। ମାସକୁ ଲକ୍ଷ ଲକ୍ଷ ଟଙ୍କା ବଟି ଆଦାୟ କରାଯାଉଛି ବାଲି ଟ୍ରକ୍‌ଗୁଡ଼ିକୁ କିଛି ବିଭାଗୀୟ ଓ ପ୍ରଶାସନିକ ଅଧିକାରୀ ସୁରକ୍ଷା ଯୋଗାଇ ଦେଉଥିବା ସାଧାରଣରେ ଅଭିଯୋଗ ଚର୍ଚ୍ଚା ହେଉଛି। ଖଣି ଅଧିକାରୀ ଓ ପ୍ରଶାସନ ସବୁ ଜାଣି ମୋଟା ଅଙ୍କର ବଟି ନେଇ ବାଲି ଚୋରା ଚାଲାଣରେ ସହଯୋଗ କରୁଥିବା ଅଭିଯୋଗ ହେଉଛି। ଏ ବିଷୟରେ ଉପଜିଲ୍ଲାପାଳ ଓ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଯେତେ ତାଗିଦ୍ କଲେ ବି କେହି କର୍ଣ୍ଣପାତ କରୁନାହାନ୍ତି।

## ଆଜିଠୁ ବାବା ମଣିଙ୍କ ମନ୍ଦିରରେ ଶୀତଳ ଉପଚାର ନୀତି



ସକାଳ ୬ରୁ ୧୦ଟା ଯାଏଁ ଲାଗିହେବ ଜଳ

ଭଦ୍ରକ/ଆରଡ଼ି,୧୩।୪(ସମିସ): ମଙ୍ଗଳବାର ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ୧ମାସ ଧରି ଆରଡ଼ି ପୀଠସ୍ଥ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଶୀତଳ ଉପଚାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଗ୍ରୀଷ୍ମ ଋତୁରେ ମଣିବାବାଙ୍କର ଉପଶମ ପାଇଁ ଶହଶହ ଗୋପାଳ ଭକ୍ତ ବିଭିନ୍ନ ନଦୀରୁ ଜଳଭାର ଧରି ବାବାଙ୍କ ପାଖକୁ ଆସି ସେବାୟତଙ୍କ ଦ୍ୱାରା ଜଳଲାଗି କରିବାର ପ୍ରଥା ରହିଛି। ଭକ୍ତମାନଙ୍କର ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ପୀଠରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯାଇଥିବା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ସେହିପରି ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ପାଇଁ ମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଦୈନନ୍ଦିନ ନୀତିନିର୍ଘଣ୍ଟର ସାମାନ୍ୟ ପରିବର୍ତ୍ତନ କରାଯାଇ ଭୋର୍ ୪ଟାରେ ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି ସହ ଘର୍ଷଣଲାଗି, ପଣାଭୋଗ ଲାଗି କରାଯାଇ ମଣିବାବାଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟଭୋଗ ଲାଗି ହେବା ପରେ ଶୀତଳ ଉପଚାର ନୀତି ନିମନ୍ତେ ସକାଳ ୬ଟାରୁ ୧୦ଟା ଯାଏଁ ଗୋପାଳଭକ୍ତଙ୍କର ଜଳଲାଗି କରାଯିବ। ସମସ୍ତ ସକାଳ ଧୂପ ସହ ମଧ୍ୟାହ୍ନ ନୀତି ୧ଟା ସୁଦ୍ଧା ସରିବା ପରେ ଅବକାଶ ନୀତି କରାଯାଇ ସେବାୟତଙ୍କ ଦ୍ୱାରା ପଣାଭୋଗ ଲାଗି କରାଯିବ। ଅପରାହ୍ଣରେ ବାବାଙ୍କୁ ବିଭିନ୍ନ ଅଳଙ୍କାର ଓ ଫୁଲରେ ଆଭୂଷଣ କରାଯାଇ ବଡ଼ସିଂହାର ବେଶରେ ସଜ୍ଜିତ କରାଯିବ।

● ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

## ୮୫ରୁ ୨୩ଟି ଅଭିଯୋଗର ତୁରନ୍ତ ସମାଧାନ

ବନ୍ତ/ଆଗରପଡ଼ା,୧୩।୪(ସମିସ): ସୋମବାର ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ତୋଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୫୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ହୋଇଥିବାବେଳେ ୨୯ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ ଅଧୀନସ୍ଥ ୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ନିଧି ମାଧ୍ୟମରେ ୫ଜଣ ଅଭିଯୋଗକାରୀଙ୍କୁ ମୋଟ ୧୫ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଉପସ୍ଥିତ ଥିବାବେଳେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ମୁଖ୍ୟ ଉନ୍ନୟନ ଅଧିକାରୀ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଓ ଉପଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଅସୁରାଳି,୧୩।୪(ସମିସ): ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ମହତାବ ନଗର ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷା କର୍ମଚାରୀ ବ୍ରଜ କିଶୋର ମହାପାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୁପ୍ତେଶ୍ୱର ସିଂ ଏହି ସଭାରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଅଜୟ ବେହେରା ସଭା ସଞ୍ଚାଳନ କରିଥିଲେ। ସଭାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଦିଲ୍ଲୀପ ନାୟକ, ମଦନମୋହନ ମୁଦୁଲି, ପ୍ରଶାନ୍ତ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭଞ୍ଜନ ସାହୁ, କ୍ଷୀରୋଦ ବଳ, ନିରୋଦ ବେହେରା, ମଞ୍ଜୁଲତା ଦାଶ, ସ୍ଥାନୀୟ ସରପଞ୍ଚ ଅଜୟ ମଲ୍ଲିକ, ଅନୀଲ ଦାସ, ସୁଶାନ୍ତ ନାୟକ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁ ସଭାପତି କାଶୀନାଥ ମହାନ୍ତି, ମୃତ୍ୟୁଞ୍ଜୟ ସାହୁ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଅନ୍ତର୍ଯ୍ୟାମୀ ଦାସ, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତ ଶିକ୍ଷକ ବସନ୍ତ ରାୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରମ୍ପରିକ ଖାଦ୍ୟ ମେଳା



ବାରିକପୁର,୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ଆମ ଖାଦ୍ୟ, ଆମ ରୁଚି ଅନୁଯାୟୀ ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ପ୍ରାୟ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ମେଳାରେ ବିଡିଓ ଦେବଦତ ଦାଶ, ସୂଜୟ ଚାନ୍ଦ, ବନିତା ଦଳେଇ, ସୀମାରାଣୀ ପଣ୍ଡା, କାଞ୍ଚନବାଳା ମଲ୍ଲିକ ପ୍ରମୁଖ ଯୋଗଦେଇ ମୂଲ୍ୟାୟନ କରିଥିଲେ।

● ସିଏମ୍ ଟ୍ରଫି କ୍ରୀଡ଼ା ମହୋତ୍ସବ

## ବାଳିକା ଫୁଟ୍‌ବଲ, ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ ଚାମ୍ପିଅନ




ଭଦ୍ରକ,୧୩।୪(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଚାଲିଥିବା ସିଏମ୍ ଟ୍ରଫି କ୍ରୀଡ଼ା ମହୋତ୍ସବ ଭଦ୍ରକ ବ୍ଲକ୍ ରାନ୍ଦିଆ ରାମେଶ୍ୱର ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକା ବିଭାଗ ଫୁଟ୍‌ବଲ୍ ଚାମ୍ପିଅନସିପ୍‌ରେ ଭଦ୍ରକର ଏସ୍‌ବିଡି ଇଣ୍ଟରନ୍ୟାସନାଲ୍ ସ୍କୁଲ ଚାମ୍ପିଅନ୍ ହୋଇଛି। ଫାଇନାଲ୍ ଖେଳ ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ ସ୍କୁଲ ଓ ସରସ୍ୱତୀ ଶିଶୁ ମନ୍ଦିର, ପୁରୁଣା ବଜାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୧ ଗୋଲ୍‌ରେ ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ ସ୍କୁଲ ବିଜୟୀ ହୋଇ ୨୦୨୬ର ସିଏମ୍ ଟ୍ରଫି ବାଳିକା ଫୁଟ୍‌ବଲ୍‌ର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏସ୍‌ବିଡି ପକ୍ଷରୁ ମନ୍ଦିଲ ନାୟକ ୨ଟି ଗୋଲ୍ ଦେଇଥିବାବେଳେ ଶିଶୁ ମନ୍ଦିର ପକ୍ଷରୁ ସୁପ୍ରଭା ପରିଡ଼ା ଗୋଟିଏ ଗୋଲ୍ ସ୍କୋର କରିଥିଲେ। ରେଫରୀ ଭାବେ ଉତ୍ତମ ବାରିକ, ମାନସ ବିଶ୍ୱାଳ, ଜିତେନ୍ଦ୍ର ବାରିକ ଖେଳ ପରିଚାଳନା କରିଥିଲେ। ମହେଶ୍ୱର ପତି, ସଂଗ୍ରାମୀ ଦେବଦତ୍ତ ନାୟକ, ମନୋଜ ସାହୁ, ରବିନାରାୟଣ ଓଝା, ସୌମ୍ୟକାନ୍ତ ଉପାଧ୍ୟାୟ, ରଘୁନାଥ ଦାସ, ନାସିର୍ ଅଲ୍ଲି, ଗୌରାଙ୍ଗ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ଧିରେନ ପଲାଇ, ସଦସ୍ୟ ଉପେନ୍ଦ୍ର ବାରିକ୍, ଯୁଗ୍ମ ସମ୍ପାଦକ ଅତିସ୍ କୁମାର ବେହେରା, ପୂର୍ବତନ ଫୁଟ୍‌ବଲ ଖେଳାଳି ପ୍ରମୋଦ ସ୍ୱାଇଁ, କ୍ଷୀରୋଦ ମହାପାତ୍ର, କ୍ଲବ୍‌ର ସମସ୍ତ ସଦସ୍ୟ ବିଜୟୀ ଦଳକୁ ଟ୍ରଫି ଓ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୧୩।୪(ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ ନାରାୟଣପୁର ଛକରେ ଅବସ୍ଥିତ ହନୁମାନଙ୍କ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନିକଟସ୍ଥ ଥାନପତି ଗ୍ରାମ୍ୟ ପୁଷ୍କରିଣୀରୁ ୩୧ଟି ଘଟ ଉତ୍ତୋଳନ କରାଯାଇ ବାଜା, ବାଣ ରୋଷଣୀରେ ଗ୍ରାମ ବଜାର ପରିକ୍ରମା ପୂର୍ବକ ପୂଜା ମଣ୍ଡପକୁ ଅଣାଯାଇଥିଲା। କାର୍ଯ୍ୟକ୍ରମକୁ ପୂଜକ ବଳରାମ ଦାଶ, ବିରଜାନନ୍ଦ ପଣ୍ଡା, ଲୋକନାଥ ପାଣିଗ୍ରାହୀ, ଗୋ-ପୂଜା, ସୂର୍ଯ୍ୟ ପୂଜା, ହନୁମାନ ଚାଳିଶା, ଷୋଡ଼ଶ ଉପଚାର ପୂଜା, ଦେବଦେବୀ ପୂଜା, ଯଜ୍ଞ ସମେତ ସମସ୍ତ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ସନ୍ତୋଷ କୁମାର ରଣା, ରୁକ୍ମଣୀ ରଣା ଦାୟିତ୍ୱ ନିର୍ବାହ କରିଥିଲେ। ନିରଞ୍ଜନ ରଣା, ଜଗନ୍ନାଥ ପାଣିଗ୍ରାହୀ, ବିଶ୍ୱନାଥ ପାଣିଗ୍ରାହୀ, ବିଦ୍ୟାଧର ସାହୁ, ସଦାଶିବ ସାହୁ, ଭରତ ଚନ୍ଦ୍ର ବାହାଲିଆ, ରମେଶ ସାହୁ, ସଞ୍ଜୟ ସାହୁ, ବସୁଦେବ ସାହୁ, ମଧୁସୂଦନ ପାଣିଗ୍ରାହୀ, ନିରାକାର ସାହୁଙ୍କ ସମେତ ନାରାୟଣପୁର ଗ୍ରାମବାସୀ ସହଯୋଗ କରିଥିଲେ।

## ବନ୍ଧୁମିଳନ ଓ ଗୁରୁ ପୂଜନ ଉତ୍ସବ

ଅସୁରାଳି,୧୩।୪(ସମିସ): ଧାମନଗର ବ୍ଲକ୍ ସାହସପୁର ପଞ୍ଚାୟତ ଅଧୀନ ସାହସପୁର ଉଚ୍ଚ ବିଦ୍ୟାପୀଠର ୧୯୯୩ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଏବଂ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତତ୍କାଳୀନ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିବା ସହ ନିଜ ନିଜର ୩୩ ବର୍ଷର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ଉକ୍ତ ବ୍ୟାଚ୍‌ର ଛାତ୍ର ଅନିରୁଦ୍ଧ ସାହୁଙ୍କ ପରିଚାଳନା ଏବଂ ସଞ୍ଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଣବ ସାହୁ, ନିତ୍ୟାନନ୍ଦ ପୋଥାଳ, ବାସୁଦେବ ସାମଲ, ସଦାନନ୍ଦ ସାହୁ, ଶ୍ରୀଧର ସାହୁ, ସୁଶାନ୍ତ ପଣ୍ଡା, ମହେଶ୍ୱର ମିଶ୍ର, ବୃନ୍ଦାବନ ମିଶ୍ର, ବର୍ତ୍ତମାନର ପ୍ରଧାନଶିକ୍ଷୟିତ୍ରୀ ପୁନମ୍ ଲାକ୍ରା ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଶୁଭେନ୍ଦୁ ମାଝୀ ଓ ଧନ୍ୟବାଦ ଅର୍ପଣ କରିଥିଲେ ଭରତ ତରାଇ।

## ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର; ଦୀର୍ଘ ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତି କର୍ମଚାରୀ

# ରୋଗୀଙ୍କୁ ନାଲି ଆଖି; ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟ ସେବା

ଭଣ୍ଡାରିପୋଖରୀ,୧୩।୪(ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଛି ଦିନ ହେବ ପୁରୁଣା କର୍ମଚାରୀମାନଙ୍କୁ ନେଇ ସାଧାରଣରେ ବାରମ୍ବାର ଅସନ୍ତୋଷ ପ୍ରକାଶ ହୋଇ ଆସୁଛି। ଭଣ୍ଡାରିପୋଖରୀ ହେଡ୍ କ୍ୱାର୍ଟର ସମେତ ସବ୍ ସେଣ୍ଟରମାନଙ୍କରେ କିଛି କର୍ମଚାରୀ ୨୦୦୮ ମସିହାରୁ ନିଯୁକ୍ତି ପତ୍ର ପାଇ କାର୍ଯ୍ୟ କରି ଆସୁଛନ୍ତି। ଯାହାଫଳରେ ବେଶୀଦିନ ଗୋଟିଏ ଜାଗାରେ କାର୍ଯ୍ୟ କରିବାରୁ କିଛି କୁଜି ନେତାଙ୍କ ବାହୁ ଛାୟା ତଳେ ରହି ଡ୍ୟୁଟିରେ ଠିକ୍ ସମୟରେ ନ ରହିବା ଓ ରୋଗୀମାନଙ୍କ ସହ ନାଲି ଆଖି ଦେଖାଇ ବ୍ୟବହାର କରିବା ସହିତ ଲୋକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନି। ଯାହା ରୋଗୀମାନେ ଚିକିତ୍ସା ପାଇଁ ହନ୍ତସନ୍ତ ହେଉଛନ୍ତି। ଏହିସବୁ ବାବଦରେ କିଛିଦିନ ତଳେ ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶାକର୍ମୀମାନେ ମଧ୍ୟ ପୁରୁଣା କର୍ମଚାରୀ ବଦଳିକୁ ନେଇ ପୁନଃ ଅବସ୍ଥାପିତ କରାଯିବା ବାବଦରେ ଧାରଣାରେ ବସିଥିଲେ। ଯାହା ସେ ସମୟର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପହଞ୍ଚି ଆଶାକର୍ମୀମାନଙ୍କୁ ବୁଝାଇ ଏହି ସମସ୍ୟା ବାବଦରେ ମାର୍ଚ୍ଚ ମାସ ପରେ ପୁରୁଣା କର୍ମଚାରୀମାନଙ୍କୁ ଅନ୍ୟତ୍ର ସ୍ଥାନକୁ ବଦଳି କରାଯାଇ ସେମାନଙ୍କ ସ୍ଥାନରେ ନୂତନ କର୍ମଚାରୀମାନଙ୍କୁ ନିଯୋଜିତ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଥିଲା। କିନ୍ତୁ ଦୁଃଖର ବିଷୟ ସରକାରଙ୍କ ନିୟମ ଅନୁଯାୟୀ, କୌଣସି କର୍ମଚାରୀ ୩ ବର୍ଷରୁ ଊର୍ଦ୍ଧ୍ୱ ଗୋଟାଏ ସ୍ଥାନରେ ରହିପାରିବା କଥା ନୁହେଁ। କିନ୍ତୁ ଏଠାରେ ସମ୍ପୂର୍ଣ୍ଣ ଓଲଟା। ଅଭିଯୋଗ ଗଲେ ମଧ୍ୟ ପୁରୁଣା କର୍ମଚାରୀମାନଙ୍କୁ ଅନ୍ୟତ୍ର ବଦଳି କରା ନ ଯିବା ସାଧାରଣରେ ଚର୍ଚ୍ଚା ହେଲାଣି। ଯେପରି ସବ୍ ସେଣ୍ଟର ଆଖୁଆପଦା, ବନ୍ଧାଳ, ବାରିକପୁର, ମାଳଦା, ମଣିନାଥପୁର, ନାଆମି, ନେରଡା, ଶରସଦା, ମଞ୍ଜୁରୀ, ଜଳମଣ୍ଡୁଆ, ମଞ୍ଜୁରୀ ରୋଡ୍, ରହଣିଆ ଏହି ସବୁ ସ୍ଥାନରେ ୧୦ରୁ ୧୫ ବର୍ଷ ହେବ ଧରି ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟ କରି ଆସୁଛନ୍ତି। ଏହି ସମସ୍ୟା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।




● ଯାତ୍ରା ‘ଅଶୋକ ସମ୍ରାଟ’ ନାଁରେ ଠକେଇ ଅଭିଯୋଗ

# ଗାଡ଼ି ଆଗରେ ଧାରଣା ଦେଲେ କମିଟି ସଦସ୍ୟ

ଅସୁରାଳି,୧୩।୪(ସମିସ)




ଧୂଷୁରୀ ଥାନା ଅଧୀନ ଫତେପୁର ଗାଁରେ ଦେଖାଦେଇଛି ଚାପା ଉତ୍ତେଜନା। ଟଙ୍କା ନେଇ ଯାତ୍ରା ପରିବେଷଣ ନ କରିବା ଏବଂ ଅଗ୍ରିମ ଅର୍ଥ ଫେରସ୍ତ ନ କରିବା ଭଳି ସଙ୍ଗୀନ ଅଭିଯୋଗରେ ଏବେ ଫତେପୁରଠାରେ ଅଟକିଛି ନାମୀଦାମୀ ଯାତ୍ରା ଅନୁଷ୍ଠାନ ‘ଯାତ୍ରା ଅଶୋକ ସମ୍ରାଟ’। ନ୍ୟାୟ ଦାବିରେ ଚାନ୍ଦବାଲି ଥାନା ତେନ୍ତୁଳିଡିହ ବାସନ୍ତୀ ଦୁର୍ଗାପୂଜା କମିଟିର ସଦସ୍ୟମାନେ ଯାତ୍ରା ପାର୍ଟିର ଗାଡ଼ି ଆଗରେ ଧାରଣା ଦେବା ସହ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଚାନ୍ଦବାଲି ଥାନା ଅଧୀନ ତେନ୍ତୁଳିଡିହ ଗାଁର ବାସନ୍ତୀ ଦୁର୍ଗାପୂଜା ଅବସରରେ ଯାତ୍ରା ପରିବେଷଣ ପାଇଁ ‘ଯାତ୍ରା ଅଶୋକ ସମ୍ରାଟ’ ସହ ଚୁକ୍ତି ହୋଇଥିଲା। ଏଥିପାଇଁ ଅନୁଷ୍ଠାନର ମାଲିକ ଅନନ୍ତ ନାରାୟଣ ଧଳ (ନାଣ୍ଟୁ ବାବୁ) ୯ ଲକ୍ଷ ଟଙ୍କା ଅଗ୍ରିମ ନେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟରେ ଯାତ୍ରା ପାର୍ଟି ପହଞ୍ଚି ନ ଥିଲା କିମ୍ବା ପରବର୍ତ୍ତୀ ସମୟରେ କମିଟିକୁ ଟଙ୍କା ଫେରସ୍ତ କରି ନ ଥିଲା। କମିଟି ସଦସ୍ୟ ରୂପେଶ ରାଉତ ଏବଂ ଅନ୍ୟ ସଦସ୍ୟମାନେ ମାଲିକଙ୍କ ସହ ବାରମ୍ବାର ଯୋଗାଯୋଗ କରି ବିଫଳ ହୋଇଥିଲେ। ରବିବାର ‘ଯାତ୍ରା ଅଶୋକ ସମ୍ରାଟ’ ଧୂଷୁରୀ ଅଞ୍ଚଳର ଫତେପୁରରେ କାର୍ଯ୍ୟକ୍ରମ କରୁଥିବା ଖବର ପାଇ ତେନ୍ତୁଳିଡିହ କମିଟିର ସଦସ୍ୟମାନେ ସେଠାରେ ପହଞ୍ଚିଥିଲେ। ବକେୟା ଟଙ୍କା ଫେରସ୍ତ ଦାବିରେ ସେମାନେ ଯାତ୍ରା ପାର୍ଟିର ଟ୍ରକ୍ ଆଗରେ ଧାରଣା ଦେଇଛନ୍ତି। ଟଙ୍କା ନ ପାଇଲେ ଗାଡ଼ି ଆଗରେ ଆତ୍ମାହୁତି ଦେବୁ ବୋଲି ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଯାତ୍ରା ପାର୍ଟିର ପରିଚାଳକ ପଣ୍ଡା ବାବୁଙ୍କୁ ଏ ସମ୍ପର୍କରେ ପଚାରିବାରୁ, ସେ ଟଙ୍କା ନେଣଦେଣ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିବା ସହ ଧାରଣାରେ ବସିଥିବା ସଦସ୍ୟମାନଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ଧୂଷୁରୀ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଫତେପୁରରେ ଯାତ୍ରା ଗାଡ଼ି ଅଟକି ରହିଥିବାବେଳେ ପୁଲିସ ଘଟଣାର ତଦନ୍ତ କରୁଛି।

## ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୋରେଇ,୧୩।୪(ସମିସ): କୋରେଇ ବ୍ଲକ କନ୍ତୋର ପଞ୍ଚାୟତ ପୂର୍ବକୋଟ କବ୍ଳାୟୀ ବିଦ୍ୟାମନ୍ଦିର ପରିସରରେ ପାଞ୍ଚ ଦିନ ବ୍ୟାପୀ ଚାଲିଥିବା ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ପରିଷଦ ସୌଜନ୍ୟରେ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ସଂଯୋଜନାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋରେଇ ବ୍ଲକ ଶିକ୍ଷା ଉପ ଅଧିକାରୀ ବିଜୟ କୁମାର ମଲ୍ଲିକ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନାୟକ ଓ ପୂର୍ବକୋଟ ସରକାରୀ ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ତଳଗଡ଼, ପୂର୍ବକୋଟ, ପରମାନନ୍ଦପୁର ଓ ତୁଳତୀ କ୍ଲଷ୍ଟରରୁ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ପାଣିକୋଇଲି କ୍ଲଷ୍ଟର ସିଆରସିସି କେଶବ ଚନ୍ଦ୍ର ସେଠୀ, ଶିକ୍ଷକ ବଳରାମ ବେହେରା ଓ ଶରତ ଚନ୍ଦ୍ର ସାହୁ ସାଧନ କର୍ମୀ ଭାବେ ପ୍ରଶିକ୍ଷଣ ଦେଇଥିଲେ। ସ୍ଥାନୀୟ ସିଆରସିସି ପ୍ରଭାକର ଜେନା, ସିଆରସିସି ବୀରବର ପାତ୍ର, ମହେନ୍ଦ୍ର କୁମାର କର ଓ ସୁଶାନ୍ତ କୁମାର ଲେଙ୍କା ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସ ରେ ସାଦକପୁର କ୍ଲଷ୍ଟର ସିଆରସିସି ଅନୀଲ କୁମାର ସେଠୀ ଓ ଜଳନ୍ଦା ସ୍କୁଲର ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନାୟକ, ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ଜେନାଙ୍କ ସମେତ ଅନ୍ୟ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମାଲ ବୋଝେଇ ଗାଡ଼ିରେ ଯାତ୍ରୀ ପରିବହନ

କବାଟବନ୍ଧ,୧୩।୪(ସମିସ)



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥା କିମ୍ବା କମ୍ପାନୀରେ ଶ୍ରମିକ ଭାବେ ନିୟୋଜିତ ହୋଇଥିବା ଲୋକମାନଙ୍କ ଜୀବନ ବାଜିରେ ଲାଗିଛି। ସେମାନଙ୍କ ଯିବା ଆସିବା ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। କୌଣସି ବି ମୁହୂର୍ତ୍ତରେ ଦୁର୍ଘଟଣା ସେମାନଙ୍କ ପ୍ରତି ବିପଦ ଆଣି ପରିବାରର ଭବିଷ୍ୟତକୁ ଅନ୍ଧାରରେ ପହଞ୍ଚାଇପାରେ। କମ୍ପାନୀରେ ନିଯୁକ୍ତି ପାଇ କାମ କରୁଥିବା ଶ୍ରମିକମାନଙ୍କ ଯିବା ଆସିବା ପାଇଁ କମ୍ପାନୀ ମାନେ ଆଦୌ ସମ୍ବେଦନଶୀଳ ନୁହଁନ୍ତି। ଯାହା ଫଳରେ ଶ୍ରମିକ ମାନେ ଅସୁରକ୍ଷିତ ଭାବେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି। ଚଣ୍ଡିଖୋଲ- ଦୁବୁରୀ ଜାତୀୟ ରାଜପଥ ହେଉ କିମ୍ବା ଏହି ଅଞ୍ଚଳରେ ଅନ୍ୟାନ୍ୟ ସ୍ଥାନରେ ନିର୍ମାଣାଧୀନ ବିଭିନ୍ନ ପ୍ରୋଜେକ୍ଟ ପାଇଁ ପ୍ରାୟତଃ ଜିଲ୍ଲା ଏବଂ ରାଜ୍ୟ ବାହାରର ଅଣଓଡ଼ିଆ ଏବଂ ଆଦିବାସୀ ସମ୍ପ୍ରଦାୟର ଶ୍ରମିକ ମାନଙ୍କୁ ନିୟୋଜିତ କରାଯାଉଛି। ଯେହେତୁ ସେମାନେ ବାହାରୁ ଆସିଛନ୍ତି କଣ୍ଟ୍ରାକ୍ଟର ତାଙ୍କୁ କୌଣସି ପ୍ରକାର କାମ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି। ଏମିତି କି ଚାରି ଚକିଆ ମାଲ ପରିବହନ ପାଇଁ ଉଦ୍ଦିଷ୍ଟ ଡାଲା ଅଟୋ, କ୍ୟାମ୍ପର, ପିକଅପ ଆଦି ରେ ଯିବା ଆସିବା ପାଇଁ ବ୍ୟବସ୍ଥା କରୁଛନ୍ତି। ଯାହାକି ସମ୍ପୂର୍ଣ୍ଣ ଆଇନ ବିରୁଦ୍ଧ ଏବଂ ବିପଦପୂର୍ଣ୍ଣ ମଧ୍ୟ। ଗୋଟିଏ ଗୋଟିଏ ୪ ଚକିଆ ମାଲବାହୀ ଗାଡିରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଲୋକ ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି। ଯଦି କେବେବେଳେ କୌଣସି କାରଣରୁ ଦୁର୍ଘଟଣା ଘଟିବ ତେବେ ପରିସ୍ଥିତି ଅଣାୟତ ହେବ। ତେବେ ଯାତ୍ରୀ ମାନଙ୍କ ସୁରକ୍ଷା କିମ୍ବା ଆରାମ ଦାୟକ ଯାତ୍ରା ପାଇଁ ଏଭଳି ଭୂଲ ଅପରାଧ ସହିତ ସମାନ ଅଟେ। ମୋଟରଯାନ ଆଇନକୁ ଖୋଲାଖୋଲି ଉଲଂଘନ କରୁଥିବା ଏହି ଗାଡି ଉପରେ ପ୍ରଶାସନ ପକ୍ଷରୁ ଆଦୌ ଦୃଷ୍ଟି ଦିଆଯାଉ ନାହିଁ। ପରବହନ ବିଭାଗ କିମ୍ବା ପୁଲିସ ଏହି ଘଟଣାକୁ ଗମ୍ଭୀର ଭାବେ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବାରମ୍ବାର ଏଭଳି ଅସୁରକ୍ଷିତ ଭାବେ ଯାତ୍ରୀ ପରିବହନ ରେ ରୋକ ଲାଗି ପାରିବ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

## ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁଁ ଘଟୁଛି ଦୁର୍ଘଟଣା

ଦୋଳସାହି,୧୩।୪(ସମିସ): ଭଦ୍ରକ-ଚାନ୍ଦବାଲି ରାଜପଥ ତିହିଡ଼ି ଥାନାଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ



କାର୍ଯ୍ୟ ହେଉଥିବାବେଳେ ସମ୍ପୃକ୍ତ ଠିକାଦାର ମନୋମୁଖୀ ଓ ଅନିୟମିତତା କରୁଥିବା ନେଇ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି। ଏହି ଡ୍ରେନ୍ ଅଙ୍କାବଙ୍କା ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି। ନିର୍ମାଣ ହୋଇଥିବା ଡ୍ରେନ୍ ଉପରେ ବିଭିନ୍ନ ଜାଗାରେ ଫାଙ୍କା ରହିଥିବା ଯୋଗୁଁ ଗାଈଗୋରୁ ଏହି ଡ୍ରେନ୍ ଭିତରେ ପଡ଼ି ଗୁରୁତର ଆହତ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ମାଣ ହେଉଥିବା ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇପାରୁ ନ ଥିବା ନେଇ ଦୁର୍ଗନ୍ଧରେ ଫାଟି ପଡୁଛି ନିର୍ମାଣାଧୀନ ଅଞ୍ଚଳ। ସେହିଭଳି ଡ୍ରେନ୍ ନିର୍ମାଣ ବେଳେ ବାହାରୁଥିବା ମାଟି ଏହି ଠିକାଦାର ସ୍ଥାନୀୟ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପ୍ରତିଭାଶ୍ରୀ ରୌପ୍ୟ ଜୟନ୍ତୀର ପ୍ରଥମ ଉତ୍ସବ 'ସେବା-୨୦୨୬'



ବାଲେଶ୍ୱର,୧୩।୪(ସମିସ): "ପ୍ରତିଭାଶ୍ରୀ"ର ଚଳିତବର୍ଷ ରୌପ୍ୟ ଜୟନ୍ତୀ ପାଳନ ବର୍ଷର ପ୍ରଥମ ଉତ୍ସବ "ସେବା- ୨୦୨୬" ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। "ପ୍ରତିଭାଶ୍ରୀ"ର ମୁଖ୍ୟ କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶ୍ରୀରାମଚନ୍ଦ୍ରଙ୍କ ଠାରେ ମୁଖ୍ୟଅତିଥି ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦ ପ୍ରଜ୍ୱଳନ କରି ରୌପ୍ୟଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ର ନିକଟରେ ଚଳିତବର୍ଷ "ପ୍ରତିଭାଶ୍ରୀ ସେବା ସମ୍ବର୍ଦ୍ଧନା' ଗ୍ରହଣ କରୁଥିବା ବଳରାମ ବେହେରା "ସେବା-୨୦୨୬'କୁ ଉଦ୍‌ଘାଟନ କରିଥିଲେ। 'ପ୍ରତିଭାଶ୍ରୀ' ଉପମୁଖ୍ୟ ମୁରଲିଧର ନାୟକ ପ୍ରାରମ୍ଭିକ ସ୍ୱାଗତ କଥା ରଖିଥିଲେ। ଅନ୍ୟତମ ଅତିଥି ଭାବେ ସିଦ୍ଧିବିନାୟକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା "ପ୍ରତିଭାଶ୍ରୀ ଶିକ୍ଷା ସମ୍ମାନ' ଗ୍ରହଣ କରି ଅନୁଷ୍ଠାନର ଶୃଙ୍ଖଳା ସମ୍ପର୍କରେ ନିଜ କଥା ରଖିଥିଲେ। "ସେବା- ୨୦୨୬'ର "ପ୍ରତିଭାଶ୍ରୀ ସେବା ସମ୍ବର୍ଦ୍ଧନା' ଗ୍ରହଣ କରି ବଳରାମ ବେହେରା କହିଲେ ଯେ ସେବା କେବଳ ଏକ ଦାନ ନୁହଁ ଏହା ସେବକର ସ୍ୱଚ୍ଛ ଭାବନା ଉପରେ ନିର୍ଭର କରେ'। 'ପ୍ରତିଭାଶ୍ରୀ "ନିର୍ମାଣ ମୁଖ୍ୟ' ପର୍ଶୁରାମ ପ୍ରଧାନ ଓ ଶିକ୍ଷା ମୁଖ୍ୟ ଡା. ଶାନ୍ତନୁ ଦାସ ନିଜ ବକ୍ତବ୍ୟରେ "ପ୍ରତିଭାଶ୍ରୀ' ନେବାକୁ ଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆବାହକ ରାଜେଶ ଗିରି ଓ ସଂଯୋଜକ ବିପ୍ଳବ ଦାସମହାପାତ୍ର ଉତ୍ସବ ସମ୍ପର୍କରେ କଥା ରଖିଥିଲେ। ସୌମ୍ୟାଶ୍ରୀ ସ୍ୱାଇଁଙ୍କ ଦ୍ୱାରା ମଞ୍ଚ ସ୍ୱାଗତ ପରେ ପ୍ରତିଭାଶ୍ରୀ ସଦସ୍ୟମାନେ "ପ୍ରତିଭାଶ୍ରୀ' ସଂଗୀତ ଗାନ କରିଥିଲେ। ଶେଷରେ ଅଜୟଗୁହା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁପ ଦାସ, ଅଭିଜିତ ମହାପାତ୍ର, ଅମରଜିତ ଦାସ, ପ୍ରେୟସୀ ମହାପାତ୍ର, କଳ୍ପନା ନାୟକ, ସରସ୍ୱତୀ ଭୋଇ, ପ୍ରତିମା ତ୍ରିପାଠୀ, ନନ୍ଦିତା ନାୟକ, ସୁପ୍ରଭା ଦଳେଇ, ଜୀବନ ଜ୍ୟୋତି ସ୍ୱାଇଁ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦେଶୀ ମଦ ଜବତ, ଜଣେ ଗିରଫ

ଧର୍ମଶାଳା,୧୩।୪(ସମିସ): ଧର୍ମଶାଳା ଥାନା ନାକପୋଲ ଛକ ନିକଟରୁ ଅବକାରୀ ବିଭାଗ ପକ୍ଷରୁ ଚଡାଉ କରାଯାଇ ଦେଶୀ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭୁଯୁକ୍ତ ସୁକିନ୍ଦା ଥାନା ବର୍ତ୍ତଣ୍ଡା ଗ୍ରାମର ମହେନ୍ଦ୍ର ମଲ୍ଲିକ (୩୫) ବୋଲି ଜଣାପଡିଛି। ସୂଚନା ମୁତାବତ, ଆଜି ମଧ୍ୟାହ୍ନରେ ମହେନ୍ଦ୍ର ବାଇକରେ ଦେଶୀ ମଦ ନେଇ ଯାଉଥିବା ଖବର ପାଇ ଜାରକା ଅବକାରୀ ଥାନା ଅଧିକାରୀ ଶୁଭଶ୍ରୀ ଚକ୍ର, ଏଏସଆଇ ଗଣେଶ ଦଣ୍ଡପାଟ, କନଷ୍ଟେବଳ ପୂର୍ଣ୍ଣିମା ଘୋଷ ନାକପୋଲ ଛକରେ ପହଞ୍ଚି ମହେନ୍ଦ୍ରକୁ ଗିରଫ କରିବା ସହ ତା' ନିକଟରୁ ୪୦ଲିଟର ଦେଶୀ ରନ୍ଧା ମଦ ଓ ବାଇକକୁ ଜବତ କରିଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଗୋରୁ ଚୋରି ବେଳେ ପୁଲିସର ଚଢ଼ଉ, ବୋଲେରୋ ଜବତ

ସୋର, ୧୩।୪ (ସମିସ): ଅନନ୍ତପୁର ଥାନା ଚଣ୍ଡସାହି ନିକଟରେ ଗୋରୁ ଚୋରି ଉଦ୍ୟମ କରୁଥିବା ବେଳେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଏକ ବୋଲେରୁ ଜବତ କରାଯାଇଥିବା ବେଳେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଗତକାଲି ବିଳମ୍ବିତ ରାତିରେ ଅନନ୍ତପୁର ଥାନା ପାଖର ଛକ ନିକଟ ଚଣ୍ଡସାହି ଠାରେ କିଛି ଯୁବକ ଏକ ବୋଲେରୁ ରେ ଗୋରୁ ଚୋରି ଉଦ୍ୟମ କରୁଥିଲେ। ଏହି ସମୟରେ କିଛି ଗୋସେବକ ଏ ବାବଦରେ ଜାଣିବାକୁ ପାଇ ସଦର ଏସ୍ଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କୁ ଯୋଗାଯୋଗ କରିଥିଲେ। ଏସ୍ଡିପିଓ ଶ୍ରୀ ନାୟକଙ୍କ ନିର୍ଦ୍ଦେଶରେ ଅନନ୍ତପୁର ପୁଲିସ ଚଢ଼ଉ କରିଥିଲା। ଏହି ସମୟରେ ଗୋମାଫିଆ ମାନେ ଫେରାର ହୋଇଯାଇଥିବା ବେଳେ ପୁଲିସ ଏକ ବୋଲେରୋକୁ ଜବତ କରି ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ମଙ୍ଗଳପୁର ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର




କୟାଁଗୋଲା,୧୩।୪(ସମିସ): ଦଶରଥପୁର ବ୍ଲକ ଅଧୀନସ୍ଥ ମଙ୍ଗଳପୁର ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଏନ୍‌ଏସ୍‌ଏସ୍ ଏବଂ ୱାଇଆର୍‌ସିର ମିଳିତ ଆନୁକୂଲ୍ୟରେ ଯାଜପୁର ବ୍ଲଡ଼ ବ୍ୟାଙ୍କର ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ପୌରୋହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଜଗଦୀଶ ସଙ୍କର ସାହୁ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଗତ ୪ ବର୍ଷ ଧରି ମହାବିଦ୍ୟାଳୟରେ ଏହି ଭଳି ରକ୍ତଦାନ ଶିବିର ଆୟୋଜିତ ହୋଇଆସୁଛି। ଛାତ୍ରୀମାନେ ଉତ୍ସାହର ସହ ରକ୍ତଦାନ ଭଳି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ୨୦ ୟୁନିଟ୍ ରକ୍ତ ସଂଗ୍ରହ କରିପାରିଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ପ୍ରମିଳା ବାଇ, ଯୁବ ରେଡ କ୍ରସର କାଉନସିଲର ସୁଷମା ସାହୁ, ଅଧାପିକା ଶୁଭଶ୍ରୀ ଘଡ଼ାଇ, ତପସ୍ୱିନୀ ଭଞ୍ଜ, ରଶ୍ମି ଦଳାଇ, ଶୁଭସ୍ମିତା ସାହୁ, ଶ୍ରଦ୍ଧାଞ୍ଜଳି ନାୟକ, ଅଧାପକ ବ୍ରଜକିଶୋର ସାହୁଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ତିହିଡ଼ି ବଜାରରୁ ବିପୁଳ ପରିମାଣର ବାଣ ଜବତ

ତିହିଡ଼ି,୧୩।୪(ସମିସ): ତିହିଡ଼ି ବଜାର ମଧ୍ୟସ୍ଥଳରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସର ଉପରତାଳାରେ ଥିବା ଏକ ପୁଟୁଳି ବଣିଆ ଦୋକାନ ଗୃହରୁ ଲକ୍ଷାଧିକ ଟଙ୍କାର ବାଣ ଓ ବାଣ ତିଆରିରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ସୋମବାର ତିହିଡ଼ି ପୁଲିସ ଦ୍ୱାରା ଜବତ କରାଯାଇଛି। ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ସମ୍ପୃକ୍ତ ସ୍ଥାନରେ ଅପରାହ୍ଣରେ ଚଢ଼ଉ କରିବା ପରେ ସମ୍ପୃକ୍ତ ଦୋକାନ ମାଲିକଙ୍କ ତିହିଡ଼ି ବଉଳପାଳ ଓ କାଳୀମେଘାରେ ଥିବା ଘରେ ମଧ୍ୟ ଛାନ୍‌ଭିନ୍ କରାଯାଇଥିଲା। ତିହିଡ଼ି ବଜାରରେ ଥିବା ଦୋକାନ ଘରୁ ପେଟି ପେଟି ବାଣ, ବାଣ ତିଆରିରେ ବ୍ୟବହୃତ କଞ୍ଚାମାଲ୍ ଓ ବାଣ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ଯନ୍ତ୍ରପାତିକୁ ପୁଲିସ ଜବତ କରିଛି। ବଜାର ମଝିରେ ଏବଂ ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଣ ତିଆରି କିପରି ହେଉଥିଲା ତାହା



କେବଳ ସାଧାରଣ ଲୋକଙ୍କୁ ନୁହେଁ ପୁଲିସ ମଧ୍ୟ ଆଶ୍ଚର୍ଯ୍ୟ ହୋଇଛି। 'ସ୍ଥାନୀୟ ଲୋକେ ଜାଣୁଥିଲେ ମଧ୍ୟ ଅନ୍ୟର ଜୀବନକୁ ବିପନ୍ନ କରି ବାଣ ପ୍ରସ୍ତୁତକୁ କିପରି ସେମାନେ ବିରୋଧ କରୁ ନ ଥିଲେ ତାହା ମୋତେ ଚକିତ କରୁଛି' ବୋଲି ତିହିଡ଼ି ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ବାଂଶଡ଼ା ଥାନା ଅଧୀନ ଘଣ୍ଟେଶ୍ୱର ଫାଣ୍ଡି ଖଦାଳପୋଖରୀ ଗାଁରେ ରାଜନୈତିକ ହିଂସା ସୃଷ୍ଟି ହୋଇଥିଲା। ସେଠାରେ ଜବତ କରାଯାଇଥିବା ବୋମା ତିହିଡ଼ିରୁ କିଣାଯାଇଥିବା ନେଇ ଆଇଆଇସି ଜାଣିବା ପରେ ଏହି ଚଢ଼ଉ କରାଯାଇଛି। ଖଦାଳପୋଖରୀରେ ବ୍ୟବହୃତ ବୋମା ତିହିଡ଼ିରେ ଜବତ ହୋଇଥିବା ବୋମା ସମାନ ପ୍ରକାର ବୋଲି ତିହିଡ଼ି ପୁଲିସ ନିଶ୍ଚିନ୍ତ ହୋଇଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବାବେଳେ ବଉଳପାଳ ଛକ ଓ କାଳୀମେଘା ଗାଁରେ ଚଢ଼ଉରେ ପୁଲିସ କୌଣସି ସଫଳତା ପାଇପାରିନାହିଁ। ତେବେ ଏ ସମ୍ପର୍କରେ ପୁଲିସ୍ ଅଧିକ ତଦନ୍ତ କରୁଥିବାବେଳେ ମଙ୍ଗଳବାର ସବିଶେଷ ତଥ୍ୟ ଦେବ ବୋଲି କହିଛି।

## ନୀଳଗିରି ଉପକାରାଗାରରେ ବିଚାରାଧୀନ କଏଦୀ ମୃତ

ଔପଦା, ୧୩।୪ (ସମିସ): ନୀଳଗିରି ଉପକାରାଗାରରେ ଥିବା ଜଣେ ବିଚାରାଧୀନ କଏଦୀଙ୍କର ଅକାଳ ବିୟୋଗ ଘଟିଛି। ମୃତ କଏଦୀ ଜଣକ ହେଲେ ଔପଦା ଥାନା ଅଧୀନ ପାଇକପଡା ଗ୍ରାମର ଶ୍ରୀକାନ୍ତ ନାଏକ (୫୦)। ଶ୍ରୀକାନ୍ତ ୨୦୨୧ ମସିହାରେ ଔପଦା ଥାନାରେ ରୁଜୁ ହୋଇଥିବା ଏକ ହତ୍ୟାକାଣ୍ଡ ମାମଲା କେଶ୍ ନମ୍ବର ୪୩/୨୧ ଅଭିଯୋଗରେ ଗିରଫ ହୋଇ ନୀଳଗିରି ଉପକାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ହଠାତ୍ ଶ୍ରୀକାନ୍ତଙ୍କ ଦେହ ଅସୁସ୍ଥ ହେବା ସହ ସେ ପ୍ରବଳ ଛାତି ଯନ୍ତ୍ରଣା ଅନୁଭବ କରିଥିଲେ। କାରାଗାର କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଜେଲ୍ ଡାକ୍ତରଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଇବା ସହ ଗୁରୁତର ଅବସ୍ଥାରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ମେଡିକାଲରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଛନ୍ତି।

## ଟ୍ରାକ୍ଟର ଧକ୍କାରେ ଚାଲିଗଲା ବୃଦ୍ଧାଙ୍କ ଜୀବନ

ସୋର,୧୩।୪(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ନିକଟରେ ଜଣେ ମହିଳା ତାଙ୍କ ପୁଅ ବାଇକରେ ବସି ଯାଉଥିବା ବେଳେ ଟ୍ରାକ୍ଟର ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସୋର ବ୍ଲକ ମୁଳିସିଂ ପଞ୍ଚାୟତ ଉଲ୍ଲାସଖଣ୍ଡପୁର ଗ୍ରାମର ମାଳତୀ ବେହେରା ଆଜି ସକାଳେ ନିଜ ପୁଅଙ୍କ ସହ ବାଇକ ଯୋଗେ ବରଫକଳ ଛକକୁ ହର୍ବାଲ ଲାଇଫ ଖାଇବାକୁ ଯାଉଥିଲେ। ଏହି ସମୟରେ ପଛରୁ ଏକ ଟ୍ରାକ୍ଟର ଧକ୍କା ଦେବା ଫଳରେ ମହିଳା ଜଣଙ୍କ ବାଇକରୁ ତଳକୁ ଖସି ପଡିବା ଫଳରେ ତାଙ୍କ ମୁଣ୍ଡ ଉପରେ ଟ୍ରାକ୍ଟର ଚକ ଚଢିଯାଇଥିଲା। ଘଟଣା ସ୍ଥଳରୁ ଟ୍ରାକ୍ଟରଟି ଫେରାର ହୋଇଯାଇଥିବା ବେଳେ ମଳତୀଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ପୁଲିସ ଶବ ଜବତ କରି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଲିଙ୍ଗେଶ୍ୱର ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା

ପାଣିକୋଇଲି,୧୩।୪(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ସ୍ଥିତ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବସୁଦେବ ପରିଡା ଓ ସମ୍ପାଦକ ଭାବେ ବିଷ୍ଣୁ ଚରଣ ଧଳ ଶପଥ ପାଠ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିଭଳି ଉପସଭାପତି ଭାବେ ନାଣ୍ଟୁ ମଲିକ, ସହକାରୀ ସମ୍ପାଦକ ଭାବେ ଅନିରୁଦ୍ଧ ସେଠୀ ଓ କୋଷାଧକ୍ଷଭାବେ ରମେଶ ସାହୁଙ୍କୁ ଚୟନ କରାଯାଇଥିଲା। ଏହି ଅବସରରେ ପୂର୍ବତନ କାର୍ଯ୍ୟକର୍ତ୍ତାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଯାଇ ସ୍ୱାଗତ କରାଯାଇଥିଲା। ବାବା ଲିଙ୍ଗେଶ୍ୱର ପୀଠର ଉନ୍ନତୀ ପାଇଁ ନୂତନ କର୍ମକର୍ତା ମାନେ ଏକନିଷ୍ଠ ଭାବେ କାର୍ଯ୍ୟକରିବାକୁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବିରିଷ୍ଠ ସଦସ୍ୟ ପ୍ରତାପ ଧଳ, ଗଦାଧର ଧଳ, ବୃନ୍ଦାବନ ସାହୁ, ନିକୁଞ୍ଜ ବିହାରୀ ସାହୁ, ଶରତ ଚନ୍ଦ୍ର ଧଳ, ପ୍ରମୋଦ ସାହୁ, ଦୈତରୀ ଧଳ, ଦିଲ୍ଲିପ ଧଳ, ପ୍ରଦୀପ ଧଳ, ବନମାଳୀ ଦାସ, ଆନନ୍ଦ ପାଳ, ଗୋଲଖ ଚନ୍ଦ୍ର ମାଝୀ, ଭଗବାନ ସାହୁ, ନିରଞ୍ଜନ ପାଣିଗ୍ରାହୀ, କୈଳାସ ସାହୁ, ଶଙ୍କର୍ଷଣ ପରିଡା, ସନ୍ତୋଷ ଧଳ, ମାନସ ରଞ୍ଜନ ଧଳ, ରମେଶ ସାହୁ, ରାଜ କିଶୋର ମଲ୍ଲିକ, ବିଷ୍ଣୁ ଚରଣ ଧଳ, ତାପସ ରଞ୍ଜନ ଧଳ, ନିତ୍ୟାନନ୍ଦ ପରିଡା, ମଦନ ମୋହନ ମାଝୀ, ଭବରଞ୍ଜନ ଧଳ, ଅକ୍ଷୟ ଧଳ ପ୍ରମୁଖ ଯୋଗଦେଇଥିଲେ।

## ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଦ୍ରକ/ଅସୁରାଳି,୧୩।୪(ସମିସ): ଭଦ୍ରକ ବ୍ଲକ୍ ବିଷ୍ଣୁପୁରବିନ୍ଧା କାର୍ଯ୍ୟାଳୟ ପ୍ରାଙ୍ଗଣରେ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସଭାପତି କୃଷି କବି ଅରୁଣ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ହରିଶ୍ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ନାଟ୍ୟସାଥି ସାରଥି ପଣ୍ଡା, ସମ୍ମାନିତ ଅତିଥି ଗୁରୁ ବାଦଲ ସିକ୍‌ଦାର, ବରିଷ୍ଠ ମଞ୍ଚ ଅଭିନେତା ଲୋକନାଥ ଲେଙ୍କା, ସମାଜସେବୀ ମାନସ ଜେନା, ସରପଞ୍ଚ ପଦ୍ମାବତୀ ପୃଷ୍ଟି, ସମିତିସଭ୍ୟ ବଟକୃଷ୍ଣ ଜେନା ପ୍ରମୁଖ ଯୋଗଦେଇ କଳାର ବିକାଶ କ୍ଷେତ୍ରରେ ବିଦ୍ୟାଳୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ଜଗନ୍ନାଥ କର ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଅନୁଷ୍ଠାନର କର୍ମକର୍ତ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ରାଉତ, ପ୍ରାଧ୍ୟାପକ ପ୍ରଶାନ୍ତ ନାୟକ, ସମାଜସେବୀ ପ୍ରତାପ ମହାନ୍ତି, ସୁରେନ୍ଦ୍ର ସାହୁ, ଦେବେନ୍ଦ୍ର ପୃଷ୍ଟି, ଉମାକାନ୍ତ ପୁଣ୍ଟିଆ ବିଦ୍ୟାଳୟର ଆଞ୍ଚଳିକ କଳାର ବିକାଶରେ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ମିଳନ ପଣ୍ଡାଙ୍କ ବେଦଧ୍ୱନି ପୂର୍ବକ ସଭା କାର୍ଯ୍ୟର ଆରମ୍ଭ ହୋଇ କୋଷାଧକ୍ଷ ମନୋଜ ପଣ୍ଡାଙ୍କ ସଭା ସଞ୍ଚାଳନରେ ବିଦ୍ୟାଳୟର ଛାତ୍ରୀମାନଙ୍କ ପ୍ରାରମ୍ଭିକ ସଙ୍ଗୀତ ସହିତ ନାଟ୍ୟାଚାର୍ଯ୍ୟଙ୍କ ରଚିତ ପଲ୍ଲୀ ଗୀତ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ, ତବଲା କଚେରୀ, ଚିତ୍ର କଳା ପ୍ରଦର୍ଶନ ଆଦିର ପରିବେଷଣ ଦର୍ଶକଙ୍କ ମନମୋହି ଥିଲା। ସାରଥି ପଣ୍ଡାଙ୍କ ରଚିତ ୨ଟି ପୁସ୍ତକ ଲୋକାର୍ପଣ ସହିତ ସମାଜର ବିଭିନ୍ନ ବର୍ଗରେ ପାରଦର୍ଶୀ ପ୍ରତିଭା ଦେବେନ୍ଦ୍ରନାଥ ଧନୀ, ପ୍ରଶାନ୍ତ ସାହୁ, ଉଦୟନାଥ ସାହୁ, ରାମନାରାୟଣ ପଣ୍ଡା, ସୌଦାମିନୀ ନାୟକ, ଚକ୍ରଧର ଯେନା, କିଶୋର ଯେନାଙ୍କୁ ଏବଂ ଗତ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଚାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଂଯୋଜକ କଳାକାର କାଳନ୍ଦୀ ମଲ୍ଲିକ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲ।

## ଶ୍ରୀ ହନୁମାନଜୀଉ ମନ୍ଦିରର ବାର୍ଷିକ ଉତ୍ସବ

ଜଳେଶ୍ୱର,୧୩।୪ (ସମିସ) : ଜଳେଶ୍ୱର ବ୍ଲକ ନେତୁଆ ଗ୍ରାମପଞ୍ଚାୟତ କମାର ଶାଳିଆ ଗାଁରେ ସ୍ଥାପିତ ଶ୍ରୀ ହନୁମାନ ଜୀଉ ମନ୍ଦିରର ୨ବାର୍ଷିକ ୪ ଦିନିଆ ସାମ୍ବତ୍ସରିକ ଉତ୍ସବ ଉଦଘାଟିତ ହୋଇଯାଇଛି। ହନୁମାନ ଜୟନ୍ତି ଉପଲକ୍ଷେ ରବିବାର ଶତାଧିକ ମହିଳା ଶ୍ରଦ୍ଧାଳୁ କମାର ଶାଳିଆ ଚିରସ୍ରୋତା ଖାଲ ରୁ ପବିତ୍ର ଜଳ ଧାରଣା କରି ବାଦ୍ୟ,ଘଣ୍ଟ ଘଣ୍ଟା ତାଳରେ ସୁସଜିତ ୧୦୮ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ନିକଟରେ ପହଞ୍ଚିଥିଲେ। ପବିତ୍ର କଳସ କୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇ ହୋମ୍,ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏଥିରେ ସୂର୍ଯ୍ୟ ପୂଜା,ଗୋଧନ,ଅଗ୍ନି ଇତ୍ୟାଦି ଦେବଦେବୀଙ୍କୁ ପଣ୍ଡିତ ପର୍ଶୁରାମ ମିଶ୍ରଙ୍କ ନେତୃତ୍ୱରେ ୭ ଜଣ ପଣ୍ଡିତ ପୂଜାର୍ଚ୍ଚନା ଓ ବିଶ୍ୱ ଶାନ୍ତି ମହା ଯଜ୍ଞ ସମ୍ପାଦନ କରୁଛନ୍ତି। ଆଇନଜୀବୀ ପ୍ରବୀର ରାଉଳ, ଦିଲ୍ଲୀପ କୁମାର ରାଉଳ, ସମାଜସେବୀ ରଣଜିତ୍ ହୁଇ, କିରଣ ଦାସ, ସରପଞ୍ଚ ବେଣୁଧର ଜେନା, ସମିତି ସଦସ୍ୟା ଦୁର୍ଗାମଣୀ ଜେନା, ନାଏବ ସରପଞ୍ଚ ଲଛମିନି ରାଉଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ବିଦ୍ୟାଳୟରୁ ଏଲସିଡି ଟିଭି ଚୋରି

ସିମୁଳିଆ, ୧୩।୪ (ସମିସ): ବିଦ୍ୟାଳୟ ଶ୍ରେଣୀ ଗୃହର ତାଲା ଭାଙ୍ଗି କେହି ଏଲସିଡ଼ି ଟିଭି ଚୋରୀ କରି ନେଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ସିମୁଳିଆ ଥାନା ଅନ୍ତର୍ଗତ ବାଙ୍ଗରଖଡ଼ିଗଡିଆ ପଞ୍ଚାୟତ ଖଡ଼ିଗଡିଆ ଗ୍ରାମରେ ଥିବା ମଧୁ ମଲ୍ଲୀକା ନୋଡାଲ ଉପ୍ରା ବିଦ୍ୟାଳୟରେ କେହି ଦୁର୍ବୃତ୍ତ ପଞ୍ଚମ ଶ୍ରେଣୀ ଗୃହର ତାଲା ଭାଙ୍ଗି ସେଥିରେ ଥିବା ଏକ ୨୪ଇଞ୍ଚ ଏଲସିଡ଼ିଟିକୁ ନେଇ ଯାଇଛି। ପ୍ରଧାନଶିକ୍ଷକ ଶ୍ରୀ ଟୁଡୁ ଏ ସଂକ୍ରାନ୍ତରେ ସିମୁଳିଆ ବ୍ଲକ ଶିକ୍ଷାଧିକାରୀ ଓ ସିମୁଳିଆ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗ ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରି ଫେରିଥିବା ଜଣାଯାଇଛି।

## ଖାଦ୍ୟ ଦିବସ ପାଳିତ

ସିମୁଳିଆ, ୧୩।୪ (ସମିସ): ସିମୁଳିଆ ବ୍ଲକ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ବ୍ଲକ ସମ୍ମିଳନୀ କକ୍ଷରେ ଖାଦ୍ୟ ଦିବସରେ ପଖାଳ ଖାଇ ଭୋଜନ ପାଳିତ ହୋଇଯାଇଛି। ବିଡ଼ିଓ ସୁନିଲ କୁମାର ଟୁଡୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ଉପାଧାକ୍ଷା ହିମାଦ୍ରି ନନ୍ଦିନୀ ମହାପାତ୍ର ଓଡ଼ିଆ ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି ସମତେ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଏସଏସଓ ପ୍ରସନ୍ନ କୁମାର ବାରିକ ମଞ୍ଚ ପରିଚାଳନା କରିବା ସହ ସୁଶ୍ରୀ ପଦ୍ମିନୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଦନୀୟ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ପ୍ରୀତିପୁର,୧୩।୪(ସମିସ): ବିଞ୍ଝାରପୁର ଥାନା ତଥା ବରୀ ବ୍ଲକର ସ୍ଥାନୀୟ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟ, ଅଙ୍ଗାଳୋରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବନ୍ଦନୀୟ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ କଲେଜର ଅଧକ୍ଷ ଜୟଦେବ ଥାଟୋଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ପ୍ରାଧ୍ୟାପକ ଦିଲ୍ଲୀପ ରାଉତ, ବରଣ୍ୟ ଅତିଥି ଭରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ମଦନ ମୋହନ ପରିଡା ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସମେତ ଅନ୍ୟ ସମସ୍ତ କର୍ମଚାରୀ ଉକ୍ତ ଉତ୍ସବରେ ସହାୟତା ପ୍ରଦାନ କରିଥିଲେ।

# ମଣ୍ଡିରେ ପଡ଼ି ପଡ଼ି ଗଜା ହୋଇଗଲାଣି ଧାନ

ଧାମନଗର,୧୩।୪(ସମିସ)



ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ବରଗଡ଼ା ସେବା ସମବାୟ ସମିତି ପରିସରରେ ଏବେ ଦୟନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଚାଷୀମାନଙ୍କ ଉତ୍ପାଦିତ ଧାନ ସମିତି ଆଗରେ ଦିନ ଦିନ ଧରି ପଡ଼ି ରହି ଗଜା ହୋଇଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଞ୍ଚଳରେ ଚାଷୀଙ୍କ ମହଲରେ ଗଭୀର ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଏ ସମ୍ପର୍କରେ ସମିତିର ସମ୍ପାଦକ ରାମଚନ୍ଦ୍ର କରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସମିତିକୁ ଆସୁଥିବା ଧାନ କିଣାର ଲକ୍ଷ୍ୟ ସୀମା ୧୫ ହଜାର କ୍ୱିଣ୍ଟାଲ ପୂରଣ ହୋଇସାରିଛି। ଏଥିସହିତ ୨୦୦ ବସ୍ତାରୁ ଉର୍ଦ୍ଧ୍ୱ ଧାନ ସୋସାଇଟିରେ ଗଦା ହୋଇଛି। ଆଜିଯାଏ ମିଲର ଧାନ ଉଠାଉ ନ ଥିବାରୁ ଏବଂ ଗୋଦାମ ଘରେ ଜାଗା ନ ଥିବାରୁ ବାହାରେ ଧାନ ରଖିବାକୁ ପଡୁଛି ବୋଲି ସମ୍ପାଦକ କହିଛନ୍ତି। ଫଳରେ ବର୍ଷା ଓ ଆର୍ଦ୍ରତାରେ ଧାନ ଗଜା ହେବାର ସ୍ଥିତି ଉପଜିଛି। ଆହୁରି କହିଛନ୍ତି, ସରକାରଙ୍କୁ ପଚାରନ୍ତୁ ଧାନ କ'ଣ ପାଇଁ ମିଲର ଉଠାଉନାହିଁ। ପଡ଼ି ରହିଥିବା ଧାନ ଯାହା ନଷ୍ଟ ହେଉଛି କି କ୍ଷତି ହେଉଛି ତାହା ସୋସାଇଟିର ହେଉଛି ନା ଚାଷୀଙ୍କ ହେଉଛି ଓଲଟା ପ୍ରଶ୍ନ କରି ଏମିତି କହୁଛନ୍ତି ସମ୍ପାଦକ। କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ସାଧାରଣ ଚାଷୀଙ୍କ ଅଂଶଧନରେ ଗଠିତ ସମବାୟ ସମିତିରେ ଯଦି ଚାଷୀଙ୍କ ଧାନ ସୁରକ୍ଷିତ ରହିପାରୁ ନାହିଁ, ତା ହେଲେ ଏହି କ୍ଷତିର ଦାୟୀ କିଏ ବୋଲି ଚାଷୀଙ୍କ ମହଲରେ କ୍ଷୋଭ ସହିତ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ



କୟାଁଗୋଲା,୧୩।୪(ସମିସ): ଜଣେ ନାବାଳିକା ଦୁଷ୍କର୍ମ କରିବା ଅଭିଯୋଗରେ ମଙ୍ଗଳପୁର ପୁଲିସ ଆଜି ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ହେଉଛନ୍ତି ଅଳକୁଣ୍ଡ ଥାନା ଅନ୍ତର୍ଗତ କଣ୍ଟିତର ଗ୍ରାମ ସତ୍ୟପ୍ରକାଶ ମଲ୍ଲିକ (୨୪)। ମଙ୍ଗଳପୁର ପୁଲିସ ୨ଦିନ ତଳେ କଣ୍ଟିତର ଅଞ୍ଚଳରୁ ଗିରଫ କରିଥିଲା। ମଙ୍ଗଳପୁର ପୁଲିସ ୯୫/୨୬ରେ ମାମଲା ରୁଜୁ କରି ଆଜି ମେଡିକାଲ ପରୀକ୍ଷା ପରେ ଅଦାଲତ ଚାଲାଣ କରାଯାଇଛି। ଏନେଇ ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ପ୍ରକାଶ କରିଛନ୍ତି।

## ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ଯୋଗାଣ ନକରି ରେଡକ୍ରସରୁ ୧୬ ଲକ୍ଷ ହଡ଼ପ ଉଦ୍ୟମ ଘଟଣା

# ସିଡିଏମ୍‌ଓଙ୍କୁ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ବାଲେଶ୍ୱର, ୧୩।୪ (ସମିସ)

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଫେବୃଆରୀ ମାସରେ ରେଡକ୍ରସ ଟଙ୍କାରେ ଜିଲ୍ଲାର ୧୫୮୩ ଜଣ ଯକ୍ଷ୍ମା ରୋଗୀଙ୍କୁ ମାସିକ ୫୧୨ ଟଙ୍କାର ଖାଦ୍ୟ ପୁଡ଼ିଆ ବଣ୍ଟନ ଟେଣ୍ଡରରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ କବି ପ୍ରସାଦ ସାହୁ ପରିବାର ଲୋକଙ୍କ ନାମରେ ଫାଉଣ୍ଡେସନ କରି ଟେଣ୍ଡର ହାତେଇଥିବାର ଜଣା ପଡ଼ିଛି। ଟେଣ୍ଡର ହାତେଇବା ପରେ ଯକ୍ଷ୍ମା ଭଳି ଦୁରାରୋଗରେ ପୀଡ଼ିତ ରୋଗୀଙ୍କ ମାଇଁ ଉଦ୍ଦିଷ୍ଟ ଖାଦ୍ୟକୁ କେଉଁଠି ଓଜନରେ ହେରାଫେରି ତ କେଉଁଠି ସମ୍ପୂର୍ଣ୍ଣ ଯୋଗାଣ ନକରି ସମ୍ପୂର୍ଣ୍ଣ ଟଙ୍କାକୁ ହଡ଼ପ ପାଇଁ ବିଲ ଭାଉଚର ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଘଟଣା ପଦାକୁ ଆସିବା ପରେ ବାଲେଶ୍ୱର ଜିଲ୍ଲାରେ ଟେଣ୍ଡର ପ୍ରକ୍ରିୟାରେ ହୋଇଥିବା ତ୍ରୁଟି ଏବଂ ଅନିୟମିତତା ପଦାକୁ ଆସିଛି। ସେପଟେ ଲୋକଙ୍କ ସାହାଯ୍ୟ ଉଦ୍ଦେଶ୍ୟରେ ଲୋକେ ରେଡକ୍ରସକୁ ଟଙ୍କା ଦାନ କରୁଛନ୍ତି। ହେଲେ ସେହି ଦାନ ଟଙ୍କାକୁ ସ୍ୱାହା କରିବା ପାଇଁ ଉଦ୍ୟମ କରିଥିବା ଯୋଗାଣକାରୀ ସଂସ୍ଥା ଆରତୀ ଫାଉଣ୍ଡେସନ ଉପରେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାଲେଶ୍ୱର ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା କ୍ରମଶଃ ବଢୁଥିବା ବେଳେ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ପ୍ରଶାସନ ଅଣ୍ଟା ଭିଡ଼ିଥିଲା। ବିଭିନ୍ନ କମ୍ପାନୀ ଏବଂ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କେତେକ ରୋଗୀଙ୍କୁ ମାସିକ ଖାଦ୍ୟ ପୁଡ଼ିଆ ଯୋଗାଯାଉଥିଲା। ରାଜ୍ୟପାଳ ମଧ ଦୀର୍ଘଦିନ ଧରି ବାଲେଶ୍ୱର ଜିଲ୍ଲାରେ ୨୦ ଜଣ ଯକ୍ଷ୍ମା ରୋଗୀଙ୍କୁ ମାସିକ ଖାଦ୍ୟ ଯୋଗାଉଛନ୍ତି। ହେଲେ ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ବେସରକାରୀ ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସମସ୍ତ ରୋଗୀଙ୍କୁ ଏହି ଖାଦ୍ୟ ପ୍ରଦାନ କରିପାରିନଥିଲେ। ଏହାକୁ ଉପଲକ୍ଷ କରି ରାଜ୍ୟପାଳ ବାଲେଶ୍ୱର ଜିଲ୍ଲାରେ ଅବାଶିଷ୍ଟ ୧୫୮୩ ଜଣ ଯକ୍ଷ୍ମା ରୋଗୀଙ୍କୁ ରେଡକ୍ରସ ଟଙ୍କାରେ ଖାଦ୍ୟ ପ୍ୟାକେଟ ଯୋଗାଇବା ପାଇଁ ନିଷ୍ପତି ନେଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ନାସ୍କରପୁର ଅଞ୍ଚଳର ଆରତୀ ଫାଉଣ୍ଡେସନ ହାତେଇଥିଲା। ଟେଣ୍ଡର ନିୟମ ମୁତାବକ ଏହି ସଂସ୍ଥା ୧୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ୧୫୮୩ ଜଣ ଟୋଗୀଙ୍କୁ ଚାଉଳ, ଡାଲି, ସୋରିଷ ତେଲ,

### ରାଜ୍ୟପାଳଙ୍କୁ ଅଭିଯୋଗ

ଅମୁଲ ପାଉଡ଼ର, ବାଦାମ ଯୋଗାଇବାର ନିୟମ ରହିଥିଲା। ଏଥିନିମନ୍ତେ ରେଡକ୍ରସ ପକ୍ଷରୁ ପ୍ରତି ରୋଗୀ ପିଛା ମାସିକ ୫୧୨ ଟଙ୍କା ପାଇବା ନେଇ ଧାର୍ଯ୍ୟ ହୋଇଥିଲା। ଏହା ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଯୋଜନାର ଉଦ୍ଦେଶ୍ୟ ଥିଲା ଯେ ଯକ୍ଷ୍ମା ରୋଗୀ ପୋଷଣ ଅଭାବରୁ ଅଧିକ ରୋଗାଗ୍ରସ୍ତ ନ ହୁଅନ୍ତୁ। କିନ୍ତୁ ସରକାରଙ୍କ ଉଦ୍ଦେଶ୍ୟକୁ ସ୍ୱାହା କରିଛି ଯୋଗାଣକାରୀ ସଂସ୍ଥା ଆରତୀ ଫାଉଣ୍ଡେସନ। ଫେବୃଆରୀ ଏବଂ ମାର୍ଚ୍ଚ ମାସରେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଣ କରିଥିବା ରୋଗୀଙ୍କ ଖାଦ୍ୟ ପ୍ୟାକେଟରେ ଖାଦ୍ୟର ପରିମାଣ କମ ଯୋଗାଇଥିବା କେତେକ ମେଡିକାଲରୁ ସିଡ଼ିଏମଓଙ୍କୁ ଜଣାଇବା ପରେ ସ୍ପଷ୍ଟ ହୋଇଛି। ସେତିକିରେ ଯୋଗାଣକାରୀ ସଂସ୍ଥାର ଚଞ୍ଚକତା ଅଟକିନି, ଏପର୍ଯ୍ୟନ୍ତ ଅନେକ ମେଡିକାଲରେ ୨ ମାସର ଖାଦ୍ୟ ପ୍ୟାକେଟ ନ ଯୋଗାଇ ସମସ୍ତ ରୋଗୀଙ୍କୁ ଖାଦ୍ୟ ପ୍ୟାକେଟ ଯୋଗାଇ ସାରିଛି ଦର୍ଶାଇ ୧୫୮୩ ରୋଗୀଙ୍କ ପାଇଁ ୨ ମାସରେ ୩୧୬୬ ଖାଦ୍ୟ ପ୍ୟାକେଟ ବାବଦକୁ ୧୬ ଲକ୍ଷ ୨୦ହଜାର ୯୯୨ ଟଙ୍କାର ବିଲ ଭାଉଚର ମାର୍ଚ୍ଚ ୩୦ ତାରିଖରେ ସିଡ଼ିଏମଓ, ଜିଲ୍ଲାପାଳ ଙ୍କ ସହ ରେଡକ୍ରସ ସୋସାଇଟି ବାଲେଶ୍ୱରଙ୍କୁ ପ୍ରଦାନ କରି ଟଙ୍କା ଦାବି କରିଛି। ଆଜି ପର୍ଯ୍ୟନ୍ତ ରୋଗୀଙ୍କୁ ଖାଦ୍ୟ ଯୋଗାଣ ନକରି ୧୬ ଲକ୍ଷ ୨୦ ହଜାର ୯୯୨ ଟଙ୍କା ଦାବୀ କରିବା ସ୍ଥଳେ ସିଡ଼ିଏମଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ଯୋଗାଇ ନଥିବା ପ୍ୟାକେଟ ଗୁଡ଼ିକୁ ଯୋଗାଇବାକୁ ଚିଠି କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେପଟେ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର କବି ପ୍ରସାଦ ସାହୁ ନିଜ ପରିବାର ଲୋକଙ୍କ ନାମରେ ଟେଣ୍ଡର ହାତେଇ ଏଭଳି କାର୍ଯ୍ୟ କରାଇଥିବାରୁ ସିଡ଼ିଏମଓ ଘଣ୍ଟ ଘୋଡାଉଥିବା ଚର୍ଚ୍ଚା ହେଉଛି। ସେପଟେ ହୋଇଥିବା ଟେଣ୍ଡରକୁ ଯାଞ୍ଚ କରାଯିବା ସହ ଶିବ ପ୍ରସାଦ ସାହୁଙ୍କୁ ତଦନ୍ତ ପରିସରକୁ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

ଏଭଳି ସମ୍ବେଦନଶୀଳ ଘଟଣାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରତିବାଦର ସ୍ୱର ତେଜିବାରେ ଲାଗିଛି। ଏନେଇ "ସକାଳ"ରେ ଅନୁସନ୍ଧାନ ମୂଳକ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନର ନିଦ ଭାଙ୍ଗିଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ବାଲେଶ୍ୱର ସିଡ଼ିଏମଓଙ୍କୁ ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ସେପଟେ ରାଜ୍ୟପାଳଙ୍କ ନିକଟରେ ମଧ ଲୋକଙ୍କ ଦାନ ଟଙ୍କାକୁ ରେଡକ୍ରସ ମାଧ୍ୟମରେ ହଡ଼ପ ଉଦ୍ୟମ ଘଟଣାରେ ଟେଣ୍ଡରକୁ ନାକଚ କରିବା ସହ ଯୋଗାଣକାରୀ ସଂସ୍ଥାକୁ କଳା ତାଲିକା ଭୁକ୍ତ କରିବା, ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶିବ ପ୍ରସାଦ ସାହୁଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

## ଦେଶ ପାଇଁ ମଧ୍ୟସ୍ଥତା ୨.୦ ଅଭିଯାନ ଆରମ୍ଭ

ବାଲେଶ୍ୱର, ୧୩।୪ (ସମିସ): ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଦେଶ ପାଇଁ ମଧ୍ୟସ୍ଥତା-୨.୦ ଅଭିଯାନ ବାଲେଶ୍ୱର ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ତାଲୁକ ଆଇନସେବା ସମିତି ସୋରୋ, ଜଳେଶ୍ୱର, ନୀଳଗିରି ଏବଂ ବସ୍ତାରେ ଆରମ୍ଭ ହୋଇଯାଇଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରାଧୀନ ଘରୋଇ ହିଂସା ଓ ଯୌତୁକ ନିର୍ଯ୍ୟାତନା, ଚେକ୍ ବାଉନ୍ସ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଭୂ-ଅଧିଗ୍ରହଣ ଜନିତ ମାମଲା, ସମ୍ପତି ବଣ୍ଟନ ବିବାଦ, ଉଚ୍ଛେଦ ମାମଲା, ବାଣିଜ୍ୟିକ ଅଦାଲତରେ ବିଚାରଧୀନ ଥିବା ମାମଲା, ନିଯୁକ୍ତି ସମ୍ପର୍କୀୟ ଉପଯୁକ୍ତ ମାମଲା, ଶ୍ରମିକ ଅଧିନିୟମ ସମ୍ପର୍କୀୟ ବିବାଦ, ଚୁକ୍ତି ଅଧିନିୟମ ସମ୍ପର୍କୀୟ ବିବାଦ ଏବଂ ଖାଉଟି ଅଦାଲତରେ ଥିବା ବିବାଦର ଆପୋଷ ସହ୍ମତି ଭିତ୍ତିରେ ସମାଧାନ ଜାରି ରହିବ। ଏହି ଅଭିଯାନରେ ଅଂଶଗ୍ରହଣ କରି ଉପରୋକ୍ତ ମାମଲା ଗୁଡିକର ଦ୍ୱରିତ ସାମାଧାନ କରାଇନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ତରଫରୁ ଅନୁରୋଧ କରାଯାଇଛି।

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଓ ପଖାଳ ଦିବସ ପାଳିତ

ବାଲେଶ୍ୱର,୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ପୌରପାଳିକା ପକ୍ଷରୁ ବାଲେଶ୍ୱର ସହରରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଓ ପଖାଳ ଦିବସ ପାଳନ କରାଯାଇଛି। ଏହାସହ ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇ ହୋଇଯାଇଛି। ଏ ନେଇ ସହରର ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମକୁ



ପୌର ଅଧକ୍ଷା ସବିତା ସାହୁ ଉଦଘାଟନ କରିଥିଲେ। ଏଥିରେ ପୌରାଂଚଳର ୫ଟି ସ୍ୱୟଂସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। ସେହିପରି ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତାରେ ୧୦ ଜଣ ମହିଳା ଅଂଶ ଗ୍ରହଣ କରିଥିଲେ। ମହିଳାମାନେ ନିଜ ନିଜ ଷ୍ଟଲ୍‌ରେ ବିଭିନ୍ନ ପ୍ରକାର ହାତ ତିଆରି ପିଠା ପ୍ରଦର୍ଶନ କରିଥିଲେ। ପୌରପାଳିକାର ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ ମାନଙ୍କ ଦ୍ୱାରା ଉଭୟ ପିଠା ଓ ଝୋଟି ପ୍ରତିଯୋଗିତାର ବିଚାର କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରପାଳିକାର ବହୁ କାଉନସିଲର, ପୂର୍ବତନ କାଉନସିଲର, ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଜାମଶୂଳୀ କଲେଜ ପଦାର୍ଥ ବିଜ୍ଞାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



କାଳିପଦା, ୧୩।୪ (ସମିସ): ଜାମଶୂଳୀ ସ୍ଥିତ ଲକ୍ଷ୍ମୀନାରାୟଣ କଲେଜର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସୋମ ବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କଲେଜର ଅଧକ୍ଷ ପ୍ରଧାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଧାପକ ସଂଗ୍ରାମ କେଶରୀ ନାୟକ ମୁଖ୍ୟ ଅତିଥି, ଗଣିତ ବିଭାଗ ମୁଖ୍ୟ ଡ଼ ସୁକାନ୍ତ କୁମାର ଗିରି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବିଦାୟ ସମ୍ବର୍ଦ୍ଧନା ଉତ୍ସବର ପରମ୍ପରା ଓ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ତିନି ପ୍ରଥମ ଓ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀ ତୃତୀୟ ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ଦେବେନ୍ଦ୍ର ସେଠୀ ଅତିଥି ପରିଚୟ ଓ ବିଭାଗୀୟ ଅଧାପକ ପ୍ରଭାତ ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧାପିକା ରାଜଶ୍ରୀ ପାଣିଗ୍ରାହୀ , ଡେମୋନଷ୍ଟ୍ରେଟର କର୍ମଚାରୀ ପ୍ରମଥ କୁମାର ମାନ୍ନା ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ବିଭିନ୍ନ ଶୈବପୀଠରେ ପାଟପର୍ବ



କାଳିପଦା, ୧୩।୪ (ସମିସ): ଅନୁକୂଳ ପାଗ ଯୋଗୁଁ ବିଭିନ୍ନ ଶୈବ ପୀଠରେ ସୋମବାର ପାଟ ପର୍ବ ଧୂମ ଧାମରେ ଅନୁଷ୍ଠିତ ହୋଇଯାଇଛି। ଭକ୍ତା ଗଣ ନିଜ ଦେହରେ କଣ୍ଟା ଫୁଟାଇ ଧୂମ ନୃତ୍ୟ ଓ ବାଦ୍ୟର ତାଳେ ତାଳେ ମନ୍ଦିର ବେଢାକୁ ଯାଉଥିବାବେଳେ ଭକ୍ତି ଓ ଭାବମୟ ପରିବେଶ ସୃଷ୍ଟି କରିଥଲା। ବାଲିଆପାଳ ବ୍ଲକର ନିଖିରେଶ୍ୱର,ନାଭଡେଶ୍ୱର, ଖଗଡ଼େଶ୍ୱର, ବାବା ବୈଦ୍ୟନାଥ , କାମେଶ୍ୱର, ଲୋକନାଥେଶ୍ୱର, ଘଣ୍ଟେକେଶ୍ୱର, କୁଶୁଡିହା ଆଦି ଶୈବ ପୀଠରେ ଗତ ୧ ତାରିଖ ଠାରୁ ତେର ଅର୍ଘ୍ୟ,ପାଞ୍ଚ ଅର୍ଘ୍ୟ ,ଏବଂ ତିନି ଅର୍ଘ୍ୟରେ ଶତାଧିକ ଭକ୍ତ ବ୍ରତ ଧାରଣ କରିଆସିଥିଲେ। ଶୁକ୍ରବାର ମହାଦେବଙ୍କ କାମିନା ବିବାହ ପାଳିତ ହୋଇଥିଲା ବେଳେ ଗତକାଲି ନୀଳଉତ୍ସବରେ ଏହି ମନ୍ଦିର ଗୁଡିକ ସକାଳ ଠାରୁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା।ବହୁ ଶ୍ରଦ୍ଧାଳୁ ବ୍ରତ ଧାରଣ କରିବା ସହିତ ମହାଦେବଙ୍କ ଉପରେ ପଇଡ,କ୍ଷୀରାଭିଷେକ ସାଙ୍ଗକୁ ପୂଜାର୍ଚ୍ଚନା କରି ନିଜ ମନସ୍କାମନା କରିଥିଲେ। ସେହିପରି ବହୁ ମାନସିକଧାରୀ ଭକ୍ତ ମାନସିକ ଅନୁଯାୟୀ ହାକାଣ୍ଡ ପୋଖରୀ ଠାରୁ ମନ୍ଦିର ବେଢା ପର୍ଯ୍ୟନ୍ତ ଟାଣ ଖରାରେ ଦଣ୍ଡମାରୁଥିବା ଦେଖିବାକୁ ମିଳିଥିଲା।ଆଜି ଅପରାହ୍ନରେ ଭକ୍ତା ମାନେ ଶରୀରର ବିଭିନ୍ନ ଅଙ୍ଗରେ କଣ୍ଟା ଫୁଟାଇ ନୃତ୍ୟ ଓ ବାଦ୍ୟର ତାଳେ ତାଳେ ଏକ ପଟୁଆରରେ ଯାଇ ମନ୍ଦିର ବେଢାରେ ପହଁଞ୍ଚି ଥିଲେ। ମହିଳା ଭକ୍ତା ମାନେ ଜଳୁଥିବା ସରାକୁ ମଥାରେ ମୁଣ୍ଡାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନିଖିରେଶ୍ୱର ପୀଠରେ ଭକ୍ତା ମାନେ ହାକାଣ୍ଡ ପୋଖରୀ ଠାରୁ ନାଚିନାଚି ମନ୍ଦିର ବେଢା ପରିକ୍ରମା କରିଥିଲେ। ନିଖିରେଶ୍ୱର ପୀଠରେ ପାଟଭକ୍ତା ଭାବେ ମଳୟ ରଞ୍ଜନ ଭୂୟାଁ , ଶ୍ରୀବେକଡି ଈଶ୍ୱର ଚନ୍ଦ୍ର ବେହେରା, ଘଟୁଆଳ ସୁଜୟ କୁମାର ଦେ, ଦେଉଳିଆ ଗୋପ ନାରାୟଣ ଜେନା, ମାଳି ରାଜେଶ କୁମାର ଜେନା, ଚନ୍ଦନିଆ ବିଜୁ କୁମାର ପାଳ ପ୍ରମୁଖ ୧୩ ଭକ୍ତା ରହିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରି ଛନ୍ତି। ସେହିପରି କୁଦମାନସିଂ ବୈଦ୍ୟନାଥ ପୀଠରେ ପାଟ ଭକ୍ତା ରମେଶ ଚନ୍ଦ୍ର ସାହୁ, ଶ୍ରୀବେକଡ଼ି ସଞ୍ଜୟ କୁମାର ସାହୁ, ଦେଉଳିଆ ଅନାଦି ଚରଣ ସାହୁ, ଚର୍ଚ୍ଚକ ସେବକ ବିଜୟ କୁମାର ସାହୁ ପ୍ରମୁଖ ୧୩ ଭକ୍ତା ପାଟ ଯାତ୍ରାରେ ସାମିଲ ହୋଇଥିଲେ। ଭକ୍ତା ମାନଙ୍କ ସହିତ ସମୂହ ଗ୍ରାମବାସୀ ପାଟ ଯାତ୍ରା ରେ ସାମିଲ ହୋଇଛନ୍ତି।

## ବସନ୍ତ ଉତ୍ସବର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ବାଲେଶ୍ୱର,୧୩।୪(ସମିସ): ସହରର କାଦରାବାଦସ୍ଥିତ କାନ୍ତେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ତିନିଦିନ ଧରି ଚାଲିଥିବା ବସନ୍ତ ଉତ୍ସବର ରୌପ୍ୟ ଜୟନ୍ତୀ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଆକର୍ଷଣ ଭାବେ ଓଡିଆ ଚଳଚ୍ଚିତ୍ର ଜଗତର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତି ଓ ପରମ୍ପରା ରକ୍ଷା ଉଦ୍ୟମ ପାରିବାରିକ ସ୍ତରରୁ ଆରମ୍ଭ ହେବା ଉଚିତ ବୋଲି କହିଥିଲେ। ବାଲେଶ୍ୱର ପୌର ଉପାଧକ୍ଷ କୈଳାସ ସେଠୀ, ସ୍ଥାନୀୟ କାଉନସିଲର ମିତା ପଟ୍ଟନାୟକ ଓ ନିକଟସ୍ଥ ସାରଗାଁ ପଂଚାୟତର ସରପଂଚ ସାବିତ୍ରୀ ଶତପଥୀ ପ୍ରମୁଖ ଏଥିରେ



ସୁନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ନିଜର ଯାଦୁକରୀ ସଙ୍ଗୀତରେ ଦୀର୍ଘ ସମୟ ଧରି ଦର୍ଶକଙ୍କୁ ଝୁମାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଆୟୋଜିତ ସଭାରେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ମୁଖ୍ୟଅତିଥି ଭାବେ ଯୋଗ ଦେଇ କଳା, ସଂସ୍କୃତି ଓ ପରମ୍ପରାକୁ ନେଇ କାଦରାବାଦର ବସନ୍ତ ଉତ୍ସବ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଥିଲେ। କମିଟିର ଅଧକ୍ଷ ଦେବେନ୍ଦ୍ର ନାଥ ଚୌଧୁରୀ ଏଥିରେ ସଭାପତିତ୍ୱ କରିବା ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଦେବାଶିଷ ଦାଶ ଏଥିରେ ଅତିଥିଙ୍କ ପରିଚୟ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ରିତିକ ଜୀ ଓ ଉପ ସଭାପତି ସୁମନ୍ତ ବେହେରା କାର୍ଯ୍ୟକ୍ରମରେ ମଂଚାସୀନ ଥିଲେ। ଶେଷରେ ସହ ସମ୍ପାଦକ ଶଙ୍କର୍ଷଣ ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା କ୍ରୀଡ଼ାସଂଘ ତରଫରୁ ଦୃଷ୍ଟିବାଧିତ ସ୍କୁଲକୁ ଅର୍ଥରାଶି ପ୍ରଦାନ

ବାଲେଶ୍ୱର,୧୩।୪ (ସମିସ): ଜିଲ୍ଲା କ୍ରୀଡ଼ା ସଂଘ ତରଫରୁ ରାଣୀପାଟଣା ଦୃଷ୍ଟିବାଧିତ ସ୍କୁଲକୁ ସହାୟତା ସ୍ୱରୂପ ୨୦୦୦୦/-ଟଙ୍କାର ଏକ ଚେକ୍ ସ୍କୁଲର ପିଲାମାନଙ୍କର ଉନ୍ନତି ପାଇଁ ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ଉପସଭାପତି ଜଗଦୀଶ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, ସଂଜୟ ଲେଙ୍କା, ସଭ୍ୟ ଗୋପାଳ ସେଠୀ, ପ୍ରଦିପ ଦାସ, ସୁଜୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ● ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ମଧ୍ୟାହ୍ନ ଭୋଜନରେ ଚଞ୍ଚକତା ଘଟଣା

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ଦାୟିତ୍ୱ ଅପସାରଣ କଲା ଶିକ୍ଷା ବିଭାଗ



ବସ୍ତା ବ୍ଲକ, ୧୩।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଶମ୍ଭୁନାଥ ସରକାରୀ ହାଇସ୍କୁଲ ରେ ମଧ୍ୟାହ୍ନ ଭୋଜନରେ ଚଞ୍ଚକତା କରାଯାଇଥିବା ଭଳି ସଙ୍ଗୀନ ଅଭିଯୋଗର କାର୍ଯ୍ୟାନୁଷ୍ଠାନ ନେଇଛି ଶିକ୍ଷା ବିଭାଗ। କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବିନ୍ଧାଣୀଙ୍କଠାରୁ ଦାୟିତ୍ୱ ଅପସାରଣ କରି ସେହି ସ୍କୁଲର ଅନ୍ୟ ଶିକ୍ଷୟତ୍ରୀ ଝରଣା ରାଉତଙ୍କୁ ଶିକ୍ଷା ବିଭାଗ ଦେଇଛି। କେବଳ ପିଲାଙ୍କ ମଧ୍ୟାହ୍ନ ନୁହଁ ଏପରିକି ପିଲାଙ୍କ ପାଇଁ ଆସୁଥିବା ଖେଳ ପାଇଁ ଆସୁଥିବା ଟଙ୍କା ମଧ ବାଟମାରଣା ହୋଇ ଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ସ୍କୁଲ ର ନାନା ଅନିୟମିତତା ଅଭିଯୋଗ ନେଇ ବସ୍ତା ବିଇଓ ଯଜ୍ଞେଶ୍ୱର ଜେନା ତଦନ୍ତ କରିଥିଲେ। ତଦନ୍ତ ପରେ ତୁରନ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଛାଡ଼ି ଶିକ୍ଷୟିତ୍ରୀ ଝରଣା ରାଉତଙ୍କୁ ତୁରନ୍ତ ଦାୟିତ୍ୱ ଦେବାକୁ ଚିଠି କରିଥିଲେ। ସେହିପରି ଦୀର୍ଘ ବର୍ଷ ଧରି ସ୍କୁଲରେ ଖେଳ ସାମଗ୍ରୀ କିଣାରେ ଦୁର୍ନୀତି ହୋଇଥିବା ଜାଣି ସିଆରସିଙ୍କ ସହିତ ଏକ ଟିମ୍ ଗଠନ କରି ଯାଞ୍ଚ ନିର୍ଦ୍ଦେଶ ଦେଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଯାଞ୍ଚରେ ସହଯୋଗ କରିନଥିଲେ। ଏ ନେଇ ମଧ ବିଇଓଙ୍କୁ ଯାଞ୍ଚ କମିଟି ରିପୋର୍ଟ ଦେଇଥିବା ଜଣା ପଡିଛି। ଝରଣା ରାଉତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱ ସୋମବାର ଗ୍ରହଣ କରିବା ପରେ ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା ଓ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା। ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ନେବା ପରେ ସ୍କୁଲ ପରିଚାଳନା କମିଟି, ପୁରାତନ ଛାତ୍ର, ଶିକ୍ଷାବତ୍ ଙ୍କ ପକ୍ଷରୁ ସନ୍ତୋଷ ବ୍ୟକ୍ତ କରାଯାଇଛି ଓ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟକାଳ ସମୟର ସମସ୍ତ ସରକାରୀ ଟଙ୍କାର ତଦନ୍ତ କରିବାକୁ ଦାବି କରିଛନ୍ତି।

## ବାବା ସଙ୍କଟମୋଚନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର,୧୩।୪(ସମିସ): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ସାଉଁ ଗ୍ରାମରେ ଅବସ୍ଥିତ ବାବା ସଙ୍କଟମୋଚନଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବସ ବ୍ୟାପି ବୈଦିକ ରୀତିରେ ହୋମଯଜ୍ଞ, ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସାମୁହିକ ହନୁମାନ ଚାଳିଶା ପାଠ କରିଥିଲେ। ସନ୍ଧ୍ୟାରେ କୁଳମଣି ସାମଲ ଓ ସାଥୀଙ୍କ ସହଯୋଗରେ ଅନୁଷ୍ଠିତ ଭଜନ ସନ୍ଧ୍ୟା ବେଶ ମନମୁଗ୍ଧକର ହୋଇଥିଲା। ସଙ୍କଟମୋଚନ ମନ୍ଦିର କମିଟି ବନଲତା ଦାସ, ସ୍ମୃତି ସାମଲ, ଦିଲ୍ଲୀପ ସ, ସୌମିତ ସାମଲ, ମୋନରଞ୍ଜନ ସାମଲ, ବାସନ୍ତୀମଣି ଦାସ, ବଂଶୀଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାଳିକ, ଅମର ପାତ୍ର, ରବୀନ୍ଦ୍ର ପରିଡା, ହରିଦାସ ଆଚାର୍ଯ୍ୟ, ସତ୍ୟନାରାୟଣ ପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ବାଲେଶ୍ୱର,୧୩।୪(ସମିସ): ସଦର ବ୍ଲକ ବୁଆଁଳ ଗ୍ରାମ ପଂଚାୟତ ଅନ୍ତର୍ଗତ କୁଡ଼ିଆ ଗ୍ରାମରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଗଣେଶ ଚନ୍ଦ୍ର ପାଢ଼ୀ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଲିଜା ରାଣୀ ଦେ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ରୂପେ ଅଧିକ୍ଷଣ ଯନ୍ତ୍ରୀ ନବ ମହାଳିକ ଯୋଗ ଦେଇଥିଲା ବେଳେ ଉତ୍କଳ ଶିକ୍ଷାପରିଷଦ ସମ୍ପାଦକ ଯୋଗେନ୍ଦ୍ର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜଗଦୀଶ ମହାପାତ୍ର ଫୁଲଓ୍ୱାର କସବା କ୍ଲଷ୍ଟରର ସିଆରସିସି ସ୍ୱର୍ଣ୍ଣଜିତା ବେହେରା ଯୋଗ ଦେଇ ଥିଲେ। ବିଦ୍ୟାଳୟ ର ସମ୍ପାଦକ ପ୍ରଶାନ୍ତ ପରିଡା ଅତିଥି ପରିଚୟ କରିଥିବା ବେଳେ ବିଦ୍ୟାଳୟର ଆଚାର୍ଯ୍ୟ ତରୁଣ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## କାଦ୍ରୀ ମହଲା ପ୍ରିମିୟର ଲିଗ୍ ସିଜନ୍ -୧ ଉଦ୍‌ଘାଟିତ



ବାଲେଶ୍ୱର,୧୩।୪(ସମିସ): ବାଲେଶ୍ୱର ସହରର କାଦ୍ରୀ ମହଲା ଠାରେ କାଦ୍ରୀ ମହଲା ପ୍ରିମିୟର ଲିଗ୍ ସିଜନ୍ -୧ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌରପାଳିକାର ପାଞ୍ଚ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକ, ୭ ନମ୍ବର ୱାର୍ଡ କାଉନସିଲର ମିରାଜ ବାନୋ, କଂଗ୍ରେସ ନେତ୍ରୀ ସାହେବାଆକ୍ତାର, ପୂର୍ବତନ କାଉନସିଲର ସାକିର ଖାନ, ବିଜେଡି ନେତା ରିତିକ ଜି, ସମାଜସେବୀ ଶେଖ୍ ରାଜାବ ଅଲ୍ଲି, ସେଖ୍ ବେଲାଲୁଦ୍ଦିନ ପ୍ରମୁଖ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ଉଦଘାଟନୀ ମ୍ୟାଚ ହବିବୀ ଲାୟନ୍ସ ଏବଂ ଆର୍ଜେଣ୍ଟିନା -୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ସେକ ମୁଜିବର,ସମ୍ପାଦକ ସାହରୁକ ଅଲ୍ଲୀ ଖାନ,ସାହାଜାନ ଅଲ୍ଲୀ ଖାନ,ସେକ ସାହେବାନ, ସେକ ଗୋଲାମ କାଦ୍ରୀ,ସାଜତ ଅଲ୍ଲୀ,ଏମଡି ସୋନୁ ପ୍ରମୁଖଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

# ସହରର ରାସ୍ତା କଡ଼ରେ କୁଢ଼ କୁଢ଼ ଅଳିଆ

ବାଲେଶ୍ୱର,୧୩।୪(ସମିସ)

ସହରର ବିଭିନ୍ନ ସ୍ଥାନରେ ଏବେ ଅଳିଆ ରାସ୍ତା କଡ଼ରେ ପଡୁଛି। ପୂର୍ବ ଭଳି ରାସ୍ତା କଡ଼ରେ ପ୍ଲାଷ୍ଟିକ ଡଷ୍ଟବିନ ଆଉ ଦେଖିବାକୁ ମିଳୁନାହିଁ। ଫଳରେ ସବୁଠି ରାସ୍ତା କଡ଼ରେ ଅଳିଆ ପଡୁଛି। କେତେବେଳେ କୁକୁର ତ କେତେବେଳେ ଗାଈ ଏସବୁ ଟାଣି ରାସ୍ତାକୁ ମେଲାଇ ଦେଉଥିବା ଦେଖିବାକୁ ମିଳୁଛି। ଯାହାକୁ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ସହରର ଜେଲ୍ ରୋଡ୍ ତଥା ବାଲେଶ୍ୱର ଜେଲ୍ ପଛ ପାଖର୍ରେ ଅପରିଷ୍କାର ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଲୋକେ ବାଲେଶ୍ୱର ପୌରପାଳିକା କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବା ସତ୍ତ୍ୱେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଏହି ଘଟଣା ବାବଦରେ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ମଧ ଅଣାଯାଇଛି। ବହୁ ପୂର୍ବରୁ ଏପରି ସମାନ ପରିସ୍ଥିତି ଚାଲିଛି। ଆଜି ମଧ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ବାରମ୍ବାର ଅନୁରୋଧ ସତ୍ତ୍ୱେ ପୌରପାଳିକା ପକ୍ଷରୁ ଉକ୍ତ ସ୍ଥାନରେ ଅଳିଆ ଡବା ତଥା ଡଷ୍ଟବିନ ସ୍ଥାପନ କରିଯାଉନାହିଁ। ତେଣୁ ପ୍ରତ୍ୟେକ ସମୟରେ କର୍ତ୍ତୃପକ୍ଷଙ୍କଠାରୁ ଉପଯୁକ୍ତ ସେବା ଆଶା କରାଯାଏ। ତେଣୁ ପ୍ରତିଦିନ ସଫେଇ ସହ ଡଷ୍ଟବିନ ରଖିବାକୁ ଦାବି ହୋଇଛି। ବାଲେଶ୍ୱର ପୌରପାଳିକାର ବିଭିନ୍ନ ୱାର୍ଡରେ ପ୍ରତିଦିନ ଦୁଇ ଥର ଅଳିଆ ଉଠାଯାଇଥାଏ। ଥରେ ସକାଳେ ଏବଂ ଆଉ ଥରେ ସନ୍ଧ୍ୟା ସମୟରେ ଟ୍ରାକ୍ଟର ଅଳିଆ ଉଠାଯାଇଥାଏ। ଏହାବ୍ୟତୀତ ଦିନରେ ଥରେ ଓ୍ୱାର୍ଡ ଗୁଡିକରେ ଅଳିଆ ଗାଡ଼ି ଅଳିଆ ଉଠାଇଥାଏ। ହେଲେ ନିୟମିତ ଅଳିଆ ଉଠୁନଥିବା ନେଇ ଅଭିଯୋଗ ବଢୁଛି। ପୌରପାଳିକାର ୧୬ ନମ୍ବର ୱାର୍ଡର ଜେଲ୍ ରୋଡ ନିକଟରେ ଅଳିଆ ଉଠାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ। ନିୟମିତ ଅଳିଆ ଉଠୁନଥିବା ବେଳେ ଅଳିଆ ପକାଇବା ପାଇଁ ଡଷ୍ଟବିନ ନଥିବା କଥା ପ୍ରକାଶ କରିଛନ୍ତି। ଜନସଂଖ୍ୟାକୁ ଦୃଷ୍ଟିରେ ରଖି ପୌରପାଳିକା ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ କରିବା ଉଚିତ। କାରଣ ଅନେକ ସମୟରେ ବିନା ବ୍ଲିଚିଂରେ ଉପଯୁକ୍ତ ସଫେଇ ମଧ ହେଉନାହିଁ। ଏଦିଗରେ ଦୃଷ୍ଟି ଦେବାକୁ ପ୍ରଦୀପ୍ତ କାନୁନଗୋ ଦାବି କରିଛନ୍ତି। ଏହାବ୍ୟତୀତ ଡ୍ରେନ୍ ରେ ଭାତ ଡାଳି ଦେଉଛନ୍ତି ମେସ୍ ପିଲାମାନେ। ଫଳରେ ଦୁର୍ଗନ୍ଧ ହେବା ସହ ଡ୍ରେନ୍ ମଧ ଜାମ୍ ହେଉଥିବା ସୂଚନା ମିଳିଛି। ଏ ନେଇ ପୌରପାଳିକା ପକ୍ଷରୁ ଜରିମାନା କରାଯାଇଥିବା ଜଣାପଡ଼ିଛି। ଏନେଇ ସ୍ଥାନୀୟ କାଉନସିଲର ସବିତା ରାଣୀ ଦାସ କହିଛନ୍ତି, ପ୍ରତିଦିନ ଅଳିଆ ଉଠୁଛି। ତେବେ ସଫେଇ ଦିଗରେ ଲୋକମାନେ ବି ସଚେତନ ହେବା ଦରକାର। ଠିକ୍ ସମୟରେ ଅଳିଆ ପକାଇଲେ ଅଳିଆ ଗାଡ଼ି ଅଳିଆ ଉଠାଇନେବ। ଏହାବ୍ୟତୀତ କୌଣସି ୱାର୍ଡରେ ରାସ୍ତା କଡ଼ରେ ଆଉ ଡଷ୍ଟବିନ ରହୁନାହିଁ। କାରଣ ସେସବୁ ଗୋରୁଗାଈ ପକାଇ ଦେଉଛନ୍ତି। ତେଣୁ ଡଷ୍ଟବିନ ରଖିବା ପାଇଁ ଆମେ କାଉନସିଲର ବୈଠକରେ ମଧ ଜଣାଇଛୁ। ଏଯାଏଁ କିଛି କାର୍ଯ୍ୟକାରୀ ହୋଇନାହିଁ।



ନିୟମିତ ସଫେଇ ଓ ଡଷ୍ଟବିନ ରଖିବାକୁ ଦାବି





## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆର୍ଥିକ ସ୍ଥିତି ବିଗିଡ଼ିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ନୂଆ ଯାନ କିଣିବା ଯୋଗ ଅଛି।

**ବୃଷ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଧନ ମିଳିପାରେ। ପରିବାର ସଦସ୍ୟଙ୍କ ସହିତ ଖୁସି ସମୟ ଅତିବାହିତ କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

**ମିଥୁନ:** ମନୋରଞ୍ଜନରେ ସମୟ ଅତିବାହିତ କରିବେ। ଧୈର୍ଯ୍ୟ ରଖି କାମ କରନ୍ତୁ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**କର୍କଟ:** ଦୀର୍ଘ ଦିନର ଆଶା ପୂରଣ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନସିକ ଶାନ୍ତି ମିଳିବ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଉଧାର ଟଙ୍କା ଫେରି ପାଇବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବା ଭଲ।

**କନ୍ୟା:** ଅତ୍ୟଧିକ ଚିନ୍ତାରୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ବହୁ ଦିନର ଆଶା ପୂରଣ ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**ତୁଳା:** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଯଥା ଖର୍ଚ୍ଚ ବଢ଼ିପାରେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ମାନସିକ ଚିନ୍ତା ବଢ଼ିପାରେ। ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ଧାର୍ମିକ କାର୍ଯରେ ଯୋଗ ଦେବେ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବିଦେଶ ଯାତ୍ରା କରିପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଆଜି ଦିନଟି ଆପଣଙ୍କୁ ମିଶ୍ରିତ ଫଳ ପ୍ରଦାନ କରିବ। ଗୁରୁଜନମାନଙ୍କୁ ମାପିଚୁପି କଥା କୁହନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆୟ ଓ ବ୍ୟୟ ସମାନ ରହିବ।

**କୁମ୍ଭ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସାହାଯ୍ୟ ମିଳିପାରେ। କଳା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଦାନ ଧର୍ମ କରନ୍ତୁ।

## ଆଜିର ଐତିହ୍ୟ

- ୧୯୧୨- ଟାଇଟାନିକ୍ ହିମଖଣ୍ଡରେ ବାଡ଼େଇ ହେଲା।
- ୧୯୫୮ - ସ୍ପୁଟନିକ୍-୨ ମହାକାଶ ଅଭିଯାନର ୧୬୨ ଦିନ ପରେ ନଷ୍ଟ ହୋଇଗଲା।
- ୨୦୦୬- ଚୀନ୍‌ରେ ପ୍ରଥମ ବିଶ୍ୱ ବୌଦ୍ଧ ସମ୍ମିଳନୀର ଆରମ୍ଭ।
- ୨୦୦୮ - କଲିକତା ଓ ଢାକା ମଧ୍ୟରେ ୧୯୬୫ ପରେ ପ୍ରଥମ ଥର ପାଇଁ ଯାତ୍ରୀ ରେଳସେବା ଆରମ୍ଭ ହେଲା।
- ୨୦୧୦-ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାରେ ଆସିଥିବା ତୋଫାନ କାରଣରୁ ୧୨୩ ଲୋକଙ୍କ ମୃତ୍ୟୁ।

## ଆଜି ଆସିଥିଲେ
# ବାବାସାହେବ ଆମ୍ବେଦକର



ଆଜି ହେଉଛି ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ। ଡ. ଭୀମରାଓ ଆମ୍ବେଦକର ବାବା ସାହେବ ଆମ୍ବେଦକର ନାମରେ ଅଧିକ ଲୋକପ୍ରିୟ ଥିଲେ । ବାବାସାହେବଙ୍କ ଜନ୍ମ ମଧ୍ୟପ୍ରଦେଶର ମହୁ ଅଞ୍ଚଳରେ ଏକ ମରାଠୀ ପରିବାରରେ ୧୮୯୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ରାମଜୀ ମାଲୋଜି ସାକପାଲ ଓ ମାତାଙ୍କ ନାମ ଥିଲା ଭୀମାବାଇ । ଆମ୍ବେଦକର ମହାର ଜାତିର ଥିଲେ। ଏହି ଜାତିର ଲୋକମାନେ ସମାଜରେ ପଛୁଆ ବର୍ଗରେ ବିବେଚିତ ହୋଇଥିଲେ ଏବଂ ସେମାନଙ୍କ ପ୍ରତି ଭେଦଭାବ କରାଯାଉଥିଲା। ଦରିଦ୍ର ଓ ଅଛୁଆଁ ଜାତିର ହୋଇଥିବାରୁ ସେ ଶୈଶବରୁ ସାମାଜିକ-ଅର୍ଥନୈତିକ ପକ୍ଷପାତର ସମ୍ମୁଖୀନ ହୋଇଥିଲେ। ସ୍କୁଲ୍‌ରେ ଉଚ୍ଚ ଜାତିର ସହପାଠୀଙ୍କଠାରୁ ତାଙ୍କୁ ଦୂରରେ ବସିବାକୁ ପଡୁଥିଲା। ୧୮୯୭ରେ ତାଙ୍କ ପରିବାର ମୁମ୍ବାଇ ଚାଲିଆସିଥିଲା। ସେଠାରେ ଥିବା ଏଲ୍‌ଫିନଷ୍ଟନ୍ ହାଇସ୍କୁଲ୍‌ରେ ଏକମାତ୍ର ଦଳିତ ଛାତ୍ର ଭାବେ ଆମ୍ବେଦକର ଯୋଗ ଦେଇଥିଲେ। ଏହାପରେ ଏଲ୍‌ଫିନଷ୍ଟନ୍ କଲେଜରୁ ସ୍ନାତକ ହାସଲ କରି ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାଇଥିଲେ। ଆମ୍ବେଦକର ବିଦେଶରୁ ଅର୍ଥନୀତିରେ ପିଏଚ୍.ଡି ହାସଲ କରିଥିବା ପ୍ରଥମ ଭାରତୀୟ । ୧୯୧୭ରେ ସେ ଭାରତ ଫେରି ସିଡ଼େନହମ୍ କଲେଜରେ ପ୍ରଫେସର ରୂପେ ଯୋଗ ଦେଇଥିଲେ। ସେଠାରେ ଉଚ୍ଚ ଶିକ୍ଷିତ ଅଧ୍ୟାପକଙ୍କ ଦ୍ୱାରା ପ୍ରଭେଦର ଶିକାର ହୋଇ ସେ ଅଧ୍ୟାପନା ବୃତ୍ତି ଛାଡ଼ି ଓକିଲାତି କଲେ। ଏହି ସମୟରେ ସେ ଦଳିତଙ୍କ ଅଧିକାର ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ୧୯୨୦ରେ ଏକ ସାପ୍ତାହିକ ମରାଠୀ ଖବରକାଗଜ ଆରମ୍ଭ କରି ଜାତିଭେଦର କଡ଼ା ସମାଲୋଚନା କରିବା ସହିତ ବୈଷମ୍ୟ ବିରୋଧରେ ଲଢ଼ିବା ପାଇଁ ଆହ୍ୱାନ କରି ନିଷ୍ପେଷିତ ବର୍ଗର ପ୍ରତିନିଧି ସାଜିଥିଲେ। ଜଣେ ମେଧାବୀ ଛାତ୍ର ଭାବେ ସେ ଦେଶ ବିଦେଶର ଅନେକ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୩୨ଟି ଡିଗ୍ରୀ ହାସଲ କରିଥିଲେ। ସ୍ୱାଧୀନତା ପରେ ସମ୍ବିଧାନ କାର୍ଯ୍ୟକାରୀ ସମିତିର ସେ ଅଧକ୍ଷ ହୋଇଥିଲେ। ତାଙ୍କର ତତ୍ତ୍ୱାବଧାନରେ ପ୍ରସ୍ତୁତ ବିଶ୍ୱର ସର୍ବବୃହତ୍ ଲିଖିତ ଭାରତୀୟ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଲାଗୁ କରାଯାଇଥିଲା। ସ୍ୱାଧୀନ ଭାରତରେ ସେ ପ୍ରଥମ ଆଇନ ମନ୍ତ୍ରୀ ହୋଇଥିଲେ । ଦଳିତ ସମ୍ପ୍ରଦାୟର ଉନ୍ନତି ପାଇଁ ସେ ନିରନ୍ତର ଉଦ୍ୟମ କରିଥିଲେ। ଭାରତୀୟ ସମ୍ବିଧାନରେ ସଂରକ୍ଷଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବାରେ ବାବାସାହେବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୬ ଡିସେମ୍ବର, ୧୯୫୬ ରେ ବାବାସାହେବଙ୍କର ଦେହାନ୍ତ ହୋଇଥିଲା।

## ମହାବତାର
# ଦୀପିକାଙ୍କ ସ୍ଥାନ ନେଲେ ଶ୍ରଦ୍ଧା



ଅନେକ ଦିନରୁ ଦର୍ଶକେ 'ମହାବତାର' ଫିଲ୍ମକୁ ଅପେକ୍ଷା କରିଛନ୍ତି। ଏହି ଫିଲ୍ମ ଚଳିତବର୍ଷ ରିଲିଜ୍ ହେବାର ଥିଲା। ଏବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହାର ରିଲିଜ୍‌କୁ ଟାଳି ଦିଆଯାଇଛି। ଏହାକୁ ମ୍ୟାଡକକ୍ ଫିଲ୍ମସ୍ ନିର୍ମାଣ କରୁଛି। ଏହି ଚଳଚ୍ଚିତ୍ରରେ ଭିକି କୌଶଲ ଲିଡ୍ ରୋଲରେ ନଜର ଆସିବେ। ସେ ଏଥିରେ ପର୍ଶୁରାମଙ୍କ ଭୂମିକାରେ ନଜର ଆସିବେ। ଏହି ପୌରାଣିକ ଆକ୍ସନ ଫିଲ୍ମଟି ଭିକିଙ୍କ କ୍ୟାରିୟରର ସବୁଠୁ ବଡ଼ ପ୍ରୋଜେକ୍ଟ ହେବ ଏବଂ ଏଥିରେ ସେ ଭିନ୍ନ ଅବତାରରେ ଦର୍ଶକଙ୍କ ମନୋରଞ୍ଜନ କରିବେ । ପୂର୍ବରୁ ଏଥିରେ ଭିକିଙ୍କ ବିପକ୍ଷରେ ଦୀପିକା ପାଦୁ୍ୟକୋନ୍ ନଜର ଆସିବେ ବୋଲି କୁହାଯାଉଥିଲା। ଏବେ କିନ୍ତୁ ଏଥିରେ ଦୀପିକାଙ୍କ ସ୍ଥାନ ଶ୍ରଦ୍ଧା କପୁର ନେଇଥିବା ଚର୍ଚ୍ଚା ହେଉଛି। ଫିଲ୍ମର ନିର୍ଦ୍ଦେଶକ ଓ ପ୍ରଯୋଜକ ଏନେଇ ଶ୍ରଦ୍ଧାଙ୍କ ସହ ଆଲୋଚନା କରୁଛନ୍ତି। ତେବେ ଏହି ଫିଲ୍ମ ପାଇଁ ଟିମ୍ ଏଭଳି ଜଣେ ନାୟିକାଙ୍କ ତଲାସରେ ଥିଲା ଯାହାଙ୍କର ଷ୍ଟାର୍ ଭାଲ୍ୟୁ ଥିବା ସହ ଦମ୍‌ଦାର ଅଭିନୟ ଦକ୍ଷତା ଥିବ। ଏଥିପାଇଁ ଶ୍ରଦ୍ଧା ହିଁ ପୂରା ଫିଟ୍ ବୋଲି ଟିମ୍ ଅନୁଭବ କରିଥିଲା। ତେବେ 'ମହାବତାର' ମାଧ୍ୟମରେ ଶ୍ରଦ୍ଧା ଓ ଭିକି ପ୍ରଥମ ଥର ପାଇଁ ବଡ଼ ପରଦାରେ ଏକାଠି ନଜର ଆସିବେ। ଫିଲ୍ମର ସୁଟିଂ ଜୁନ୍ ମାସ ପରେ ଆରମ୍ଭ ହୋଇପାରେ ବୋଲି କୁହାଯାଇଛି। ଏହା ୨୦୨୭ରେ ପରଦାକୁ ଆସିବ।

# ଓଡ଼ିଆ ନୂଆବର୍ଷ



ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତିକୁ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯାଏ। ପୃଥିବୀର କ୍ରାନ୍ତି ପଥକୁ ୧୨ ଭାଗ ବା ୧୨ ମାସ କିମ୍ବା ୧୨ ରାଶିରେ ବିଭକ୍ତ କରାଯାଇଥାଏ । ଏଣୁ ବୈଶାଖ ମାସ ବା ମେଷ ସଂକ୍ରାନ୍ତିଠାରୁ ନୂତନ ବର୍ଷର ଆରମ୍ଭ ହୋଇଥାଏ । ଏହିଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଏହାକୁ ବିଷୁବ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ। ପଣା ସଂକ୍ରାନ୍ତି ଅବସରରେ ନୂତନ ପଞ୍ଜିକା ଓଡ଼ିଶାରେ ଲାଗୁ ହେଉଥିବାରୁ ଏହାକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଉଛି। ଏହିଦିନ ଠାରୁ ସୂର୍ଯ୍ୟଙ୍କ ବିଷୁବରେଖା ଆଡ଼କୁ ଉତ୍ତରାୟଣ ଗତି ଆରମ୍ଭ ହୁଏ। ସୂର୍ଯ୍ୟଙ୍କର ରୌଦ୍ରତାପର ପ୍ରଚଣ୍ଡ ପ୍ରଭାବକୁ ପ୍ରଶମିତ କରିବା ପାଇଁ ଓଡ଼ିଆ ଘରଗୁଡ଼ିକରେ ମା' ବୃନ୍ଦାବତୀ (ତୁଳସୀ)ଙ୍କ ଉପରେ ଛାମୁଡ଼ିଆ କରାହୁଏ। ଏକ ଛୋଟ ଘଡ଼ା ବା ଠେକିରେ ପଣା ରଖି ଚଉରାରେ ବାନ୍ଧି ଦିଆଯାଏ। ଏଥିରେ ଛୋଟ କଣାଟିଏ କରାଯାଇ ବୃନ୍ଦାବତୀଙ୍କ ପାଖରେ ପାଣି ଲଗାଯାଏ । ଏହାକୁ ବସୁନ୍ଧରା ଠେକି କୁହାଯାଏ । ଚଉରା ମୂଳେ ଛତୁଆ ଓ ପଣା ଭୋଗ ହୋଇଥାଏ। ଏହି ଦିନର ଆଉ ଏକ ବିଶେଷତ୍ୱ ହେଉଛି, ଏହି ଦିନ ପ୍ରଭୁ ହନୁମାନ ଜନ୍ମ ହୋଇଥିଲେ। ତେଣୁ ଏହି ଦିନକୁ ହନୁମାନ ଜୟନ୍ତୀ ଭାବେ ମଧ୍ୟ ପାଳନ କରାଯାଏ। ହନୁମାନଙ୍କ ଉପାସନା ସହ ଭକ୍ତମାନେ ହନୁମାନ ଚାଳିଶା ପାଠ କରନ୍ତି। ପଣା ସଂକ୍ରାନ୍ତି ଦିନ ପଡ଼ିଶା, ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଏ। ବେଲ, ଆମ୍ବ, ଗୁଡ଼, ନଡ଼ିଆ ତଥା ବିଭିନ୍ନ ଫଳ ଆଦି ପକାଇ ପଣା ପ୍ରସ୍ତୁତ କରାଯାଏ। ଠାକୁରଙ୍କଠାରେ ପଣା ଭୋଗ ଲାଗିବା ପରେ ସମସ୍ତେ ଏହାକୁ ପିଇଥାନ୍ତି। ପୁରୀରେ ମଧ୍ୟ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀର ବିଶେଷ ମହତ୍ତ୍ୱ ରହିଛି। ସହରରେ ପାରମ୍ପରିକ ଜାଗା ଆଖଡ଼ାରେ ହନୁମାନ ଇଷ୍ଟଦେବ ରୂପେ ପୂଜା ପାଉଥିବାରୁ ଏଠାରେ ହନୁମାନ ଜୟନ୍ତୀକୁ ବେଶ୍ ଉତ୍ସାହର ସହ ପାଳନ କରାଯାଏ। ଜାଗା ଆଖଡ଼ାଗୁଡ଼ିକରେ କ୍ଷୀର, ଖୁଆ, ରାବିଡ଼ି ଓ ପଣା ସହ ଛତୁଆକୁ ଭୋଗ କରାଯାଇ ସମସ୍ତଙ୍କୁ ବଣ୍ଟନ କରାଯାଏ। ଓଡ଼ିଶାର ବିଭିନ୍ନ ସ୍ଥାନ ଓ ଦେବାଳୟରେ ମଧ୍ୟ ଏହିଦିନ ପଣା ବଣ୍ଟନ କରାଯାଇଥାଏ । ଦକ୍ଷିଣ ଓଡ଼ିଶାରେ ଏକ ମାସ ଧରି ଚାଲିଥିବା ଦଣ୍ଡ ନାଚର ଅନ୍ତ ଭାବେ ଏହି ଦିନ ମେରୁ ଯାତ ପାଳନ କରାଯାଏ । ପଣା ସଂକ୍ରାନ୍ତି ପାଇଁ ପୁରୀର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ଦକ୍ଷିଣ ଘରେ ଥିବା ଶ୍ରୀ ହନୁମାନଙ୍କୁ ରତ୍ନ ସିଂହାସନକୁ ଅଣାଯାଇଥାଏ। ତା'ପରେ ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ଆଜ୍ଞାମାଳ ପ୍ରଦାନ କରାଯାଏ। ମହାବିଷୁବ ସଂକ୍ରାନ୍ତିରେ ଘଟଗାଁ ମା' ତାରିଣୀଙ୍କ ଚଇତି ପର୍ବ ପାଳିତ ହୁଏ । ପଣା ସଂକ୍ରାନ୍ତି ପରଠାରୁ ବୃକ୍ଷଜଗତ ଏବଂ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳସଂକ୍ରାନ୍ତି । ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇ ଲୋକଙ୍କୁ ମାଗଣାରେ ଥଣ୍ଡା ପାଣି ଯୋଗାଇ ଦିଆଯାଏ। ଏହି ଦିନଠାରୁ ଗଛରେ ଜଳଦାନ କରାଯିବା ସହ ପୂର୍ବଜଙ୍କ ସମାଧି ଉପରେ ମଧ୍ୟ ଜଳଦାନ କରାଯାଏ। ଆଉ କେତେକ ଘର ସାମ୍ନାରେ ଜୀବଜନ୍ତୁଙ୍କ ପାଇଁ ଜଳଦାନର ବ୍ୟବସ୍ଥା କରିଥାନ୍ତି। ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ । ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ । ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି । ମହା ବିଷୁବ ସଂକ୍ରାନ୍ତି ଓଡ଼ିଶାର ବିଶିଷ୍ଟ ଗଣ ପର୍ବ। ପ୍ରଚଣ୍ଡ ରୌଦ୍ର ତାପରୁ ଜନଜୀବନକୁ ଚଳଚଞ୍ଚଳ ରଖିବା ସହିତ ଆମୋଦ ପ୍ରଦାନ କରିବାରେ ଏହାର ସ୍ୱତନ୍ତ୍ରତା ରହିଛି।

# ଗଛର ସ୍ମାର୍ଟ ସୁରକ୍ଷା



**ବର୍ତ୍ତମାନ ଦିନକୁ ଦିନ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପ୍ରଚଣ୍ଡ ସୂର୍ଯ୍ୟକିରଣ, ଉତ୍ତପ୍ତ ବାୟୁ ପ୍ରବାହ ଯୋଗୁଁ ମାଟି ଶୁଷ୍କ ହେବା ସହ ଏହାର ପ୍ରଭାବ ଗଛ ଉପରେ ପଡ଼ିଥାଏ। ଗଛ ଲତା ଝାଉଁଳି ପଡ଼ନ୍ତି। ଅଧିକାଂଶ ଫସଲରେ ଅଧିକ ଜଳସେଚନ କରିବାକୁ ଗୁରୁତ୍ୱ ଦିଅନ୍ତି। ତେବେ ଫସଲରେ ଜଳସେଚନ ସହିତ ସ୍ମାର୍ଟ ଉପାୟରେ ଗଛକୁ ସୁରକ୍ଷା ଦେଇ ପାରିବେ।**

ସର୍ବଦା ସକାଳ କିମ୍ବା ସନ୍ଧ୍ୟାରେ ଫସଲରେ ପାଣି ଦେବା ଉଚିତ। ଗଛକୁ ସୁରକ୍ଷା ଦେବାକୁ ସେଡନେଟ୍ କିମ୍ବା କପଡ଼ା ବ୍ୟବହାର କରି ପାରିବେ। ଏହା ଗଛକୁ ସିଧାସଳଖ ସୂର୍ଯ୍ୟକିରଣ ପଡ଼ିବାକୁ ଦିଏ ନାହିଁ। ସେହିପରି ମାଟିର ଆର୍ଦ୍ରତା ଓ ଜଳଧାରଣ କ୍ଷମତା ବଜାୟ ରଖିବା ପାଇଁ ସଢ଼ା ଗୋବର ଖତ/କମ୍ପୋଷ୍ଟ ଖତ/କୋକୋପିଟ୍, ଶୁଖିଲା ପତ୍ର କିମ୍ବା ଜିଆଖତ ପ୍ରୟୋଗ କରି ଗଛ ମୂଳକୁ ଥଣ୍ଡା ପ୍ରଦାନ କରିପାରିବେ। ସପ୍ତାହକୁ ଥରେ ହାଲୁକା ଖତ ପ୍ରୟୋଗ ଜରୁରି । ଫସଲର ଦୁଇ ଧାଡ଼ି ମଝିରେ ଜୈବ ଆଚ୍ଛାଦନ କରନ୍ତୁ। ଡ୍ରିପ୍ ଇରିଗେସନ ପଦ୍ଧତିରେ ଜଳସେଚନ କରିବା ଭଲ। ଫସଲରେ କୌଣସି କୀଟନାଶକ ଓ ତୃଣନାଶକ ଉପର ଓଳି ଟାଣଖରାରେ ପ୍ରୟୋଗ କରନ୍ତୁ ନାହିଁ। କୁଣ୍ଡରେ ଦୈନିକ ଦୁଇ ଥର ଜଳସେଚନ କରିବା ଭଲ। କୁଣ୍ଡକୁ ସିମେଣ୍ଟ ଚଟାଣରେ ନ ଥୋଇ ଥରମୋକୁଲ, ବାଉଁଶ ତାଟି ଆଦି ଉପରେ ରଖିବା ଆବଶ୍ୟକ।

# ଖରାଦିନିଆ ଫୁଲ ଚାଷ

ଗ୍ରୀଷ୍ମ ଋତୁରେ ବଗିଚାରେ ରଙ୍ଗ ବେରଙ୍ଗର ଫୁଲ ଫୁଟିବା କାଠିକର ପାଠ। ହେଲେ ଏମିତି କିଛି ଫୁଲ ଗଛ ରହିଛି ଯାହା ଅଧିକ ତାପମାତ୍ରା ବି ସହିପାରେ। ଏହି ଗଛର ଠିକ୍ ଭାବେ ଯତ୍ନ ନେଲେ ଅଧିକ ଫୁଲ ଫୁଟିପାରେ।

ମଧୁମାଳତୀ ଗଛ ବୃଦ୍ଧି ପାଇଁ ସୂର୍ଯ୍ୟକିରଣ ଅତ୍ୟନ୍ତ ଜରୁରି। କାନ୍ଥ, ଗେଟ୍ କିମ୍ବା ଉଚ୍ଚାସ୍ଥାନରେ ମଧୁମାଳତୀ ଗଛ ଲଗାଇ ନିୟମିତ ହାଲୁକା ଜଳସେଚନ କରି ପାରିବେ। ମନ୍ଦାର ଗଛ ଲଗାଇବା ପାଇଁ ଏବେ ଉପଯୁକ୍ତ ସମୟ। ଗଛକୁ ସୁରକ୍ଷା ଦେବାକୁ ଗଛ ମୂଳରେ ଅଳ୍ପ ଜୈବିକ ଖତ ଦେବା ସହ ମଲଚିଂ କରି ପାରିବେ। ମଲଚିଂ ପାଇଁ ଶୁଖିଲା ପତ୍ର, ଫୁଲ, କୁଟା ଆଦିକୁ ମୋଟା ପରସ୍ତ କରି ବିଛାଇବା ଦ୍ୱାରା ଏହା ମାଟିର ତାପମାତ୍ରାକୁ ସ୍ଥିର ରଖେ। ଅନାବନା ଘାସ ଉଠିବାକୁ ଦିଏ ନାହିଁ। ଫୁଲ ଫୁଟିଥାଏ। ସେହିପରି ଅପରାଜିତା ଗଛରେ ହାଲୁକା ଜଳ ସେଚନ ଦ୍ୱାରା ଅଧିକ ଫୁଲ ଫୁଟିଥାଏ। ଏହା ସହ ଏବେ ଗେଣ୍ଡୁ, କନିଅର, ମଲ୍ଲୀ, ଜିନିଆ, ସୂର୍ଯ୍ୟମୁଖୀ, ସଦାବାହର ଆଦି ଫୁଲ ଗଛ ଲଗାଇ ପାରିବେ। ଖରାଦିନେ ଫୁଲ ଗଛରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅଧିକ ସୂର୍ଯ୍ୟକିରଣ ସହି ପାରୁ ନ ଥିବା ଗଛ ପାଇଁ ଅସ୍ଥାୟୀ ଛାଇର ବନ୍ଦୋବସ୍ତ କରିବା ଆବଶ୍ୟକ। ଗଛରୁ ସମୟେ ସମୟେ ଶୁଖିଲା ଫୁଲ ଓ ପତ୍ରକୁ ହଟାଇବା ଦ୍ୱାରା ନୂଆ ଫୁଲ ଫୁଟିଥାଏ।



# କୃଷି ପାଣିପାଗ
## ଏ ସପ୍ତାହ ପାଇଁ କେତେକ ପରାମର୍ଶ




- ମୁଗ, ବିରି, ଚିନାବାଦାମ ଫସଲ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଭେଣ୍ଡିଫସଲରେ ଜଉପୋକ, ପତ୍ରଡିଆଁ ପୋକ ଆଦି ଲାଗିବାର ସମ୍ଭାବନା ରହିଛି। ଏହି ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ମିଲି ନିମ୍ବଜାତୀୟ କୀଟନାଶକ ୧୫୦୦ପିପିଏମ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- କଖାରୁଜାତୀୟ ପରିବାରେ ଫଳମାଛିର ପରିଚାଳନା ପାଇଁ ୪ ଲିଟର ପାଣିରେ ୪୦୦ ଗ୍ରାମ ଗୁଡ଼ ଓ ୮ ମିଲି ମାଲାଥିଅନ ମିଶାଇ ବିଷ ଥୋପ ପ୍ରସ୍ତୁତ କରି ଏହାକୁ ଏକ ଏକର ଫସଲରେ ୮୦ଟି ସ୍ଥାନରେ ଛୋଟ ସଢେଇରେ ରଖି ଗଛ ମୂଳରେ ରଖନ୍ତୁ। ଏହାଦ୍ୱାରା ଫଳମାଛିଗୁଡ଼ିକ ବିଷ ଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡ଼ି ମରିଯିବେ ।




# ସବୁଜ ଗୃହରେ କାକୁଡ଼ି ଚାଷ



**ଅଧୁନା ଚାଷୀ ପାରମ୍ପରିକ ଚାଷ ବଦଳରେ ଆଧୁନିକ ପ୍ରଣାଳୀର ଚାଷକାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି। ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରି ରାଜସ୍ଥାନ, ଉଦୟପୁର ଜିଲ୍ଲା ଅନ୍ତର୍ଗତ ଖେଡ଼ା ଗାଁର ଲକ୍ଷ୍ମୀ ଲାଲ୍ ଜନୱା ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି । ଲକ୍ଷ୍ମୀ ସବୁଜ ଗୃହ (ଗ୍ରୀନ୍ ହାଉସ୍)ରେ କାକୁଡ଼ି ଚାଷ କରି ଲାଭାନ୍ୱିତ ହେବା ସହ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।**



ପ୍ରଥମେ ଲକ୍ଷ୍ମୀ ପାରମ୍ପରିକ ପ୍ରଣାଳୀରେ ଚାଷ କରୁଥିଲେ। ଏଥିରେ ଅଧିକ ଶ୍ରମ ସାଙ୍ଗକୁ ଖର୍ଚ୍ଚ ବଢୁଥିଲା। ଅମଳ କମ୍ ହେଉଥିଲା। ପ୍ରାୟତଃ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚାଷକାର୍ଯ୍ୟରେ ତାଙ୍କୁ ଅଧିକ କ୍ଷତି ମଧ୍ୟ ସହିବାକୁ ପଡୁଥିଲା। ତେଣୁ ସେ ଜାତୀୟ ଉଦ୍ୟାନ କୃଷି ମିଶନ ଅଧୀନରେ ସବୁଜ ଗୃହ ସେଟ୍‌ଅପ୍ କରି କାକୁଡ଼ି ଚାଷ ଆରମ୍ଭ କଲେ। କୃଷି ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଚାଷକାମକୁ ସଠିକ୍ ପରିଚାଳନା କରିଥିଲେ। ସାଧାରଣତଃ ସବୁଜ ଗୃହରେ ନିୟନ୍ତ୍ରିତ ବାତାବରଣ ସହ ଆଧୁନିକ ପଦ୍ଧତିରେ ଚାଷ କରାଯାଇଥାଏ। ଏହାଦ୍ୱାରା ତାପମାତ୍ରା, ଆର୍ଦ୍ରତା ଏବଂ ଆଲୋକକୁ ନିୟନ୍ତ୍ରଣ କରି ଉତ୍ତମ ଅମଳ ମିଳିଥାଏ। ଏହି କୌଶଳରେ ସୂକ୍ଷ୍ମ ଜଳ ସେଚନ ପଦ୍ଧତିରେ ବୁନ୍ଦା ବୁନ୍ଦା ପାଣି ଉପଯୋଗ ହେଉଥିବାରୁ ଅଧିକ ପାଣି ଅପଚୟ ହୁଏ ନାହିଁ। ରୋଗ ପୋକ ଲାଗିବାର ଆଶଙ୍କା ମଧ୍ୟ ଖୁବ୍ କମ୍ ଥାଏ। ଏହି କୌଶଳରେ ଚାଷ କରିବା ଦ୍ୱାରା ଅଧିକ ଅମଳ ମିଳିପାରେ ବୋଲି ଲକ୍ଷ୍ମୀ କୁହନ୍ତି। ଏହି କାକୁଡ଼ି ଚାଷରୁ ଲକ୍ଷ୍ମୀଙ୍କୁ ପୂର୍ବ ତୁଳନାରେ ଚାରିଗୁଣା ଲାଭ ମିଳୁଛି। ବର୍ତ୍ତମାନ ଲକ୍ଷ୍ମୀ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ସବୁଜଗୃହରେ ଚାଷ କରିବାକୁ ପ୍ରେରଣା ଦେଉଛନ୍ତି।

# ସାଇଜ୍ ଗ୍ରେଡର୍ ମେସିନ୍

ଭାରତ ଏକ କୃଷି ପ୍ରଧାନ ଦେଶ। ଏଠାରେ ଅଧିକାଂଶ ଲୋକ ବିଭିନ୍ନ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ। ତେବେ ଚାଷକାର୍ଯ୍ୟରେ ଚାଷୀଙ୍କ ଶ୍ରମ ଲାଘବ କରିବାକୁ ଏବେ ବଜାରରେ ଅନେକ ଆଧୁନିକ କୃଷି ଉପକରଣ ମିଳୁଛି। ଏହି କ୍ରମରେ ଫସଲ ଅମଳ ପରେ ଭଲ ଫଳ ଓ ପରିବାକୁ ଅଲଗା କରିବାକୁ ଏକ କୃଷି ଯନ୍ତ୍ର ରହିଛି। ଏହି କୃଷି ଯନ୍ତ୍ରପାତିର ନାଁ ସାଇଜ୍ ଗ୍ରେଡର୍ ମେସିନ୍। କମ୍ ସମୟ ମଧ୍ୟରେ ଏହା ଛୋଟ, ମଧ୍ୟମ ଏବଂ ବଡ଼ଆକାର ଫଳ ଓ ପରିବାକୁ ଚିହ୍ନଟ କରେ। ଚାଷୀମାନେ ଉତ୍ପାଦିତ ଫଳ ଓ ପରିବାକୁ ଏହି ମେସିନ୍‌ରେ ଭର୍ତ୍ତି କରନ୍ତି। ଏହି ମେସିନ୍ ସ୍ୱୟଂଚାଳିତ ଭାବେ ଛୋଟ, ମଧ୍ୟମ ଏବଂ ବଡ଼ ଫଳ ଓ ପରିବାକୁ ସେମାନଙ୍କ ଆକାର ଅନୁସାରେ ସଜାଇ ପୃଥକ୍ କରିଥାଏ। ଏହି ମେସିନ୍‌ରେ ସ୍ୱତନ୍ତ୍ର ସେଟ୍‌ଅପ୍ ଥିବାରୁ ଫଳ ଓ ପରିବାରେ ଆଦୌ ଦାଗ ହୁଏନି। ଯାହାଫଳରେ ଚାଷୀଙ୍କୁ ବଜାରରେ ଉଚିତ ଦରଦାମ ମିଳିପାରେ। ଏହି ମେସିନ୍‌ଟି ଟମାଟୋ, ଆଳୁ, ପିଆଜ, ରସୁଣ, ସେଓ, କମଳା, ଅଁଳା, ପିଜୁଳି, ଲେମ୍ବୁ ଆଦି ଗୋଲାକାର ଫଳ ବା ପନିପରିବା ପାଇଁ ଫଳପ୍ରଦ।



### ରାଜସ୍ଥାନ ରୟାଲ୍ସ ବନାମ ସନ୍‌ରାଇଜର୍ସ ହାଇଦରାବାଦ୍


# ସମ୍ମାନ ରଖିଲା ଇଶାନ କିଶାନଙ୍କ ଅର୍ଦ୍ଧଶତକ

**ହା**ଇଦରାବାଦ୍,୧୩।୪(ଏଜେନ୍ସି): ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍‌ର ୨୧ତମ ଲିଗ୍ ମ୍ୟାଚ୍‌ରେ ଇଶାନ କିଶାନଙ୍କ ଅର୍ଦ୍ଧଶତକ ଆୟୋଜକ ସନ୍‌ରାଇଜର୍ସ ହାଇଦରାବାଦ୍‌ର ସମ୍ମାନ ରଖିବାରେ ସମର୍ଥ ହୋଇଛି। ମ୍ୟାଚ୍ ଜିତିବାକୁ ସଂଘର୍ଷ କରୁଥିବା ହାଇଦରାବାଦ ଏଠାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ ଶୂନ୍ ରନ୍‌ରେ ଅଭିଷେକ ଶର୍ମା ଓ ୫୫ ରନ୍‌ରେ ଟ୍ରାଭିସ୍ ହେଡ୍‌ଙ୍କ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ କାମଚଳା ଅଧିନାୟକ ଇଶାନ କିଶାନଙ୍କ ଠିକଣା ସମୟରେ ଉପଯୋଗୀ ଅର୍ଦ୍ଧଶତକ ହାସଲ କରିବା ଫଳରେ ନିର୍ଦ୍ଧାରିତ ୨୦ ଓଭରରେ ହାଇଦରାବାଦ୍ ୬ ୱିକେଟ ହରାଇ ୨୧୬ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ୩୦ଟି ବଲ୍‌ରେ ଚଳିତ ସିଜନରେ ଦ୍ୱିତୀୟ ଅର୍ଦ୍ଧଶତକ ପୂରଣ କରିଥିବା ଇଶାନ ୪୪ ବଲ୍‌ରୁ ୮ ଚୌକା ଓ ୬ଛକା ସହ ୯୧ ରନ୍‌ରେ ଆଉଟ ହୋଇଛନ୍ତି। ଦଳର ଦୁଇ ବିସ୍ଫୋରକ ଓପନର ଅଭିଷେକ ୦ ଓ ହେଡ୍ ୧୮ ରନ୍‌ରେ ଆଉଟ ହୋଇଥିଲେ। ଆଜିର ସ୍କୋରକୁ ମିଶାଇ ଅଭିଷେକ ୨୦୨୬ରେ ୧୮ଟି ଟି-୨୦ ମ୍ୟାଚ୍‌ରୁ ସର୍ବାଧିକ ୭ଥର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହେନ୍‌ରିକ୍ କ୍ଲାସେନ ୨୬ ବଲ୍‌ରେ ୧ ଚୌକା ଓ ୩ ଛକା ସହ ୪୦, ନୀତୀଶ କୁମାର ରେଡ୍ଡୀ ୧୩ ବଲ୍‌ରେ ୨୮ ଓ ସଲିଲ ଆରୋରା୧୩ ବଲ୍‌ରେ ଅପରାଜିତ ୨୪ ରନ୍‌ର ଦାୟିତ୍ୱବାନ ଇନିଂସ ଖେଳିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର ପ୍ରଥମ ବଲ୍‌ରେ ଅଭିଷେକଙ୍କ ସହ ସର୍ବାଧିକ ୨ଟି ୱିକେଟ ପାଇଥିଲେ। ଆଇପିଏଲ୍‌ରେ ଆର୍ଚର ଏହାକୁ ମିଶାଇ ୪ର୍ଥ ବା ଦ୍ୱିତୀୟ ସର୍ବାଧିକ ଥର ଇନିଂସ ପ୍ରଥମ ବଲ୍‌ରେ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। ସନ୍ଦୀପ ଶର୍ମା, ରିୟାନ ପରାଗ ଓ ତୁଷାର ଦେଶପାଣ୍ଡେ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବାରେ ସଫଳ ହୋଇଛନ୍ତି।



### ଆର୍‌ସିବିର ଦମ୍‌ଦାର ବିଜୟ

ୱାଙ୍ଖେଡେ: ଓପନର ଫିଲ୍ ସଲ୍ଟ (୭୮), ଅଧିନାୟକ ରଜତ ପାଟିଦାର (୫୩) ଓ ବିରାଟ କୋହଲି (୫୦)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୨୦ତମ ଲିଗ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୧୮ ରନ୍‌ରେ ମୁମ୍ବଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୪୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମୁମ୍ବଇ ଇଣ୍ଡିଆନ୍ସ ସମାନ ସଂଖ୍ୟକ ୨୦ ଓଭରରେ ୫ୱିକେଟ ହରାଇ ୨୨୨ ରନ୍ କରିଥିଲା। ଦଳ ପକ୍ଷରୁ କେହି ଏତେ ବଡ଼ ସ୍କୋରକୁ ଚେଜ୍ କରିବା ଲାଗି ୱିକେଟରେ ବେଶି ସମୟ ତିଷ୍ଠି ପାରି ନ ଥିଲେ। ଦଳ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୨ବଲ୍‌ରେ ୪୦, ରିୟାନ ରିକେଲଟନ ୨୨ ବଲ୍‌ରେ ୩୭ ଓ ସୂର୍ଯ୍ୟକୁମାର ଯାଦବ ୨୨ ବଲ୍‌ରେ ୩୩ ରନ୍ କରିଥିଲେ ମଧ୍ୟ ଏହା ଦଳର ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା।





### ଆଜିର ଆଇପିଏଲ୍ ମ୍ୟାଚ୍

ଚେନ୍ନଇ ବନାମ କୋଲକାତା
ଭେନ୍ୟୁ - ଚେନ୍ନଇ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ରାଜସ୍ଥାନ* | ୪ | ୪ | ୦ | ୦ | ୮ | +୨.୦୫୫ |
| ପଞ୍ଜାବ | ୪ | ୩ | ୦ | ୧ | ୭ | +୦.୭୨୦ |
| ବେଙ୍ଗାଲୁରୁ | ୪ | ୩ | ୧ | ୦ | ୬ | +୧.୧୪୮ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ | ୪ | ୨ | ୨ | ୦ | ୪ | -୦.୪୨୭ |
| ହାଇଦରାବାଦ* | ୪ | ୧ | ୩ | ୦ | ୨ | -୦.୦୨୪ |
| ମୁମ୍ବଇ | ୪ | ୧ | ୩ | ୦ | ୨ | -୦.୭୭୨ |
| ଚେନ୍ନଇ | ୪ | ୧ | ୩ | ୦ | ୨ | -୧.୫୩୨ |
| କୋଲକାତା | ୪ | ୦ | ୩ | ୧ | ୧ | -୧.୩୧୫ |

## ମୁମ୍ବଇ ପାଇଁ ୬୦୦୦ ରନ୍ କଲେ ରୋହିତ



ମୁମ୍ବଇ, ୧୩।୪ (ଏଜେନ୍ସି): ମୁମ୍ବଇ ଇଣ୍ଡିଆନ୍ସର ଭେଟେରାନ ବ୍ୟାଟର୍ ରୋହିତ୍ ଶର୍ମା ତାଙ୍କ ଆଇପିଏଲ୍ କ୍ୟାରିୟରରେ ଆଉ ଏକ କୀର୍ତ୍ତିମାନ ଯୋଡ଼ିଛନ୍ତି। ପ୍ରଥମ ବ୍ୟାଟର୍ ଭାବେ ସେ ମୁମ୍ବଇ ଫ୍ରାଞ୍ଚାଇଜ ପାଇଁ ୬ ହଜାର ରନ ସ୍କୋର କରିଛନ୍ତି। ଗତକାଲି ୱାଙ୍ଖେଡେ ଷ୍ଟାଡିୟମରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ରୋହିତ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ଏହି ମ୍ୟାଚରେ ରୋହିତ ୧୩ ବଲରେ ୧୯ ରନ କରି ରିଟାୟର୍ଡ ହର୍ଟ୍ ହୋଇଥିଲେ। ଫଳରେ ମୁମ୍ବଇ ଇଣ୍ଡିଆନ୍ସ ପାଇଁ ତାଙ୍କ ମୋଟ୍ ରନ ୬,୦୧୩ରେ ପହଞ୍ଚିଛି। ୨୩୧ତମ ମ୍ୟାଚରୁ ୨୯.୭୬ ଆଭରେଜରେ ସେ ଏହି ସ୍କୋର କରିଛନ୍ତି। ଯେଉଁଥିରେ ୨ଟି ଶତକ ଓ ୪୦ଟି ଅର୍ଦ୍ଧଶତକ ସାମିଲ ରହିଛି। ମୁମ୍ବଇ ଫ୍ରାଞ୍ଚାଇଜ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର ସୂର୍ଯ୍ୟକୁମାର ଯାଦବଙ୍କ ନାମରେ ରହିଛି। ସୂର୍ଯ୍ୟକୁମାର ବର୍ତ୍ତମାନ ସୁଦ୍ଧା ୩,୮୦୯ ରନ ମୁମ୍ବଇ ପାଇଁ କରିଛନ୍ତି। ପ୍ରକାଶଯୋଗ୍ୟ, ଆଇପିଏଲ୍‌ରେ ରୋହିତ୍‌ଙ୍କ ମୋଟ୍ ସ୍କୋର ୭,୧୮୩ ରନରେ ପହଞ୍ଚିଛି। ଆଇପିଏଲ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ତାଲିକାରେ ବିରାଟ କୋହଲି (୮୮୪୦ ରନ)ଙ୍କ ପଛକୁ ରୋହିତ ରହିଛନ୍ତି।

## ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ୨୫ ଲକ୍ଷ ଟଙ୍କା ପୁରସ୍କାର ଦେଲା ଏସିଏ

ଗୌହାଟୀ, ୧୩।୪ (ଏଜେନ୍ସି): ବର୍ଷା ଓ ଖରାପ ପାଣିପାଗ ସତ୍ତ୍ୱେ ଚଳିତ ଆଇପିଏଲ୍‌ର ୩ଟି ମ୍ୟାଚ ଆସାମର ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ସଫଳତାର ସହ ଆୟୋଜିତ ହୋଇଛି। ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ଏଥିଲାଗି ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା। ଚ୍ୟାଲେଞ୍ଜପୂର୍ଣ୍ଣ ପାଣିପାଗ ସତ୍ତ୍ୱେ ସୁରୁଖୁରରେ ମ୍ୟାଚ ଆୟୋଜନ କରିବାରେ ସହାୟତା କରିଥିବାରୁ ଘରୋଇ ଆସାମ କ୍ରିକେଟ୍ ସଂଘ (ଏସିଏ) ଗ୍ରାଉଣ୍ଡ ଷ୍ଟାଫଙ୍କୁ ପୁରସ୍କୃତ କରିଛି। ଏସିଏ ୨୫ ଲକ୍ଷ ଟଙ୍କାର ନଗଦ ପୁରାସ୍କାର ରାଶି ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ଲାଗି ଘୋଷଣା କରିଛି। ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେଇ କ୍ୟୁରେଟର ଓ ଗ୍ରାଉଣ୍ଡସ ଷ୍ଟାଫ୍‌ଙ୍କ ଲାଗି ଏହି ପୁରସ୍କାର ରାଶି ଘୋଷଣା କରିଛି ବୋଲି ଏସିଏ ସମ୍ପାଦକ ସନାତନ ଦାସ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନ ରୟାଲ୍ସ ଦଳ ଏହାର ଦ୍ୱିତୀୟ ଘରୋଇ ଭେନ୍ୟୁ ଭାବେ ବର୍ଷାପରା ଷ୍ଟାଡିୟମକୁ ଚୟନ କରିଥିଲା। ଏଠାରେ ଏପ୍ରିଲ ୭ ତାରିଖରେ ମୁମ୍ବଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷା ଲାଗି ୧୧ ଓଭରବିଶିଷ୍ଟ ହୋଇଥିଲା। ସେହିଭଳି ଏପ୍ରିଲ ୧୦ରେ ରାଜସ୍ଥାନ ଓ ଆର୍‌ସିବି ମ୍ୟାଚ୍ ମଧ୍ୟ ବର୍ଷା ଓ ଖରାପ ପାଗ ଲାଗି ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।

■ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ

## ଲୌରାଙ୍କୁ ଦଳର ନେତୃତ୍ୱ

ଜୋହାନ୍ସବର୍ଗ, ୧୩।୪ (ଏଜେନ୍ସି): ଭାରତ ବିପକ୍ଷ ଆଗାମୀ ଟି-୨୦ ସିରିଜ ଲାଗି ସୋମବାର ଘରୋଇ ଦକ୍ଷିଣ ଆଫ୍ରିକା ମହିଳା ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ବ୍ୟାଟର୍ ଲୌରା ୱଲଭାର୍ଡଟ୍‌ଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାରତ ପ୍ରଦାନ କରାଯାଇଛି। ଆଘାତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବା ବରିଷ୍ଠ ଅଲ୍‌ରାଉଣ୍ଡର ମାରିଜାନେ କାପ୍ପଙ୍କୁ ପୁଣି ବିଶ୍ରାମ ଦିଆଯାଇଛି। ଏଥିପୂର୍ବରୁ ସେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ମଧ୍ୟ ମିସ୍ କରିଥିଲେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ଟି-୨୦ ସିରିଜ ଏପ୍ରିଲ ୧୭ରୁ ଡର୍ବାନରେ ଆରମ୍ଭ ହେବ। ଏହାପରେ ପରବର୍ତ୍ତୀ ୪ଟି ମ୍ୟାଚ୍ ଯଥାକ୍ରମେ ଏପ୍ରିଲ ୧୯, ୨୨, ୨୫ ଓ ୨୭ ତାରିଖରେ ଖେଳାଯିବ। ମହିଳା ଟି-୨୦ ବିଶ୍ୱକପ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳର ଏହା ଶେଷ ସିରିଜ ହେବ।




ଘୋଷିତ ଦକ୍ଷିଣ ଆଫ୍ରିକା ଦଳ: ଲୌରା ୱଲଭାର୍ଡଟ (ଅଧିନାୟିକା), ଆନ୍ନେକେ ବୋଶ୍ଚ, ତାଜମିନ ବ୍ରିଟ୍ସ, ନାଦିନେ କ୍ଲେର୍କ, ଆନେରି ଡେର୍କସେନ, ଆୟାଣ୍ଡା ଲୁବି, ସିନାଲୋ କାଫତା, ଆୟାବୋଙ୍ଗା ଖାକା, ସୁନେ ଲସ୍, ତେବୋଗୋ ମାକେକେ, ଏଲିଜ-ମାରି ମାକ୍ସ, ନୋନକୁଲୁଲେକୋ ମାଲବା, କାଖ୍ୟା ରେନେକେ, ତୁମି ସେଖ୍ୱୁଖୁନେ ଓ କ୍ଲୋଏ ଟ୍ରିୟନ।

### ଡଗ୍‌ଆଉଟରେ ମୋବାଇଲ୍ ଫୋନ୍ ବ୍ୟବହାର

## ରାଜସ୍ଥାନର ମ୍ୟାନେଜରଙ୍କୁ ବିସିସିଆଇର ନୋଟିସ୍

ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି): ଗୌହାଟରେ ଆଇପିଏଲ୍‌ର ଲିଗ୍ ମ୍ୟାଚ୍‌ରେ ଶୁକ୍ରବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ରାଜସ୍ଥାନ ରୟାଲ୍ସ ମ୍ୟାଚ୍ ଖେଳିଥିଲା। ଏହି ମ୍ୟାଚ୍‌ରେ ରାଜସ୍ଥାନର ପ୍ରବନ୍ଧକ ବା ମ୍ୟାନେଜର ରୋମି ଭିନ୍ଦର ଦଳର ଡଗ୍‌ଆଉଟ୍‌ରେ ବସି ମୋବାଇଲ୍ ଫୋନ୍ ବ୍ୟବହାର କରିବାର ଫଟୋ ଓ ଭିଡିଓ ଭାଇରାଲ ହୋଇଥିଲା। ଭିନ୍ଦର ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବା ବେଳେ ତାଙ୍କ ପାଖରେ ବସିଥିବା ଦଳର ଓପନର ବୈଭବ ସୂର୍ଯ୍ୟବଂଶୀ ଏହାକୁ ଦେଖୁଥିଲେ। ଏପରି ଗୁରୁତର ତ୍ରୁଟି କରିଥିବାରୁ ଭିନ୍ଦରଙ୍କୁ ବିସିସିଆଇର ଦୁର୍ନୀତି ନିବାରଣ ସଂସ୍ଥା (ଏସିଏସ୍‌ୟୁ) କାରଣ ଦର୍ଶାଅ ନୋଟସ୍ ଜାରିକରିଛି। ୪୮ ଘଣ୍ଟା ମଧ୍ୟରେ ନୋଟିସ୍‌ର ଜବାବ ଦେବା ପାଇଁ ଭିନ୍ଦରଙ୍କୁ କୁହାଯାଇଛି। ନିୟମ ଅନୁସାରେ, ଖେଳାଳି ମ୍ୟାଚ୍ ଖେଳିବାକୁ ଷ୍ଟାଡିୟମ୍‌ରେ ପ୍ରବେଶ କରିବା ପୂର୍ବରୁ ଫାଟକ ପାଖରେ ଫୋନ୍ ନିରାପତ୍ତାରକ୍ଷୀଙ୍କୁ ଦେବାକୁ ପଡ଼ିଥାଏ। କେବଳ ଦଳର ମ୍ୟାନେଜର ମୋବାଇଲ୍ ଫୋନ୍ ସାଙ୍ଗରେ ନେଇପାରିବେ । ଦଳର ଡ୍ରେସିଂରୁମ୍‌ରେ ସେ ଫୋନ୍ ବ୍ୟବହାର କରିପାରିବେ। ହେଲେ କେହି ପିଏମ୍‌ଓଏ (ଖେଳାଳି ଓ ମ୍ୟାଚ୍ ଅଧିକାରୀ ଅଞ୍ଚଳ) ରେ ଫୋନ୍ ବ୍ୟବହାର କରିବା ସମ୍ପୂର୍ଣ୍ଣ ନିଷିଦ୍ଧ। ତେଣୁ ପଡ଼ିଆରେ ଡଗ୍‌ଆଉଟରେ ଫୋନ୍‌ର ବ୍ୟବହାର କେହି କରିପାରିବେ ନାହିଁ। ଅନ୍ୟ କାହା ସହ ଯୋଗାଯୋଗ କରିବା ପାଇଁ ଉଦ୍ଦିଷ୍ଟ ସମସ୍ତ ଯନ୍ତ୍ର ଷ୍ଟାଡିୟମ୍ ମଧ୍ୟକୁ ଯାଇପାରିବ ନାହିଁ। ଏପରିକି ଦଳର ଆନାଲିଷ୍ଟଙ୍କ ଲ୍ୟାପ୍‌ଟପ୍‌ରେ ଇଣ୍ଟରନେଟ୍ ସଂଯୋଗ ନ ଥାଏ। ବିସିସିଆଇ ମଧ୍ୟସ୍ଥ ସୂତ୍ରରୁ ପ୍ରକାଶ, ଆଇପିଏଲ୍ ଆରମ୍ଭର ତିନି ସପ୍ତାହ ପୂର୍ବରୁ ରୋମି ଭିନ୍ଦର ଗୁରୁତର ଭାବେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଥିଲେ। ତେଣୁ ତାଙ୍କ ପାଖରେ ମୋବାଇଲ୍ ଫୋନ୍ ରହିବା ଜରୁରୀ ଦର୍ଶାଇ ଭିନ୍ଦର ଏସିଏସ୍‌ୟୁଠାରୁ ପ୍ରାକ୍ ଅନୁମତି ଆଣିଥିଲେ। ଭିନ୍ଦର ଡଗ୍‌ଆଉଟ୍‌କୁ ଫୋନ୍ ନେବା ମାମଲାର ତଦନ୍ତ ବିସିସିଆଇ କରୁଛି।

## ଡକାୟତଙ୍କ ଗୁଳିରେ ଘାନା ଫୁଟ୍‌ବଲର ମୃତ

ଆକ୍ରା (ଘାନା), ୧୩।୪ (ଏଜେନ୍ସି): ଘାନା ପ୍ରିମିୟର ଲିଗ୍ ଖେଳୁଥିବା ଏକ କ୍ଲବ୍‌ର ବସ୍ ଉପରେ ରବିବାର ରାତିରେ ଡକାୟତ ଆକ୍ରମଣ କରିଛନ୍ତି। ଡକାୟତମାନେ ବସ୍ ଉପରେ ଆଖିବୁଜା ଗୁଳି ଚଳାଇବା ଯୋଗଁ ଡମିନିକ୍ ଫ୍ରିମ୍‌ପଙ୍ଗ୍ ନାମକୁ ୨୦ ବର୍ଷ ବୟସ୍କ ଫୁଟ୍‌ବଲଙ୍କର ମୃତ୍ୟୁ ଘଟିଛି। ବେରିକମ୍ ଚେଲ୍‌ସି ଏଫ୍‌ସି ଦଳର ଖେଳାଳି ରବିବାର ସାମ୍ରେବୋଲ ସହରରେ ମ୍ୟାଚ୍ ଖେଳି ଏକ ବସ୍‌ରେ ତାଙ୍କ ସହରକୁ ଫେରୁଥିଲା। ହଠାତ୍ ମୁହଁ ଢାଙ୍କିଥିବା ଡକାୟତମାନେ ବସ୍‌କୁ ରୋକିଥିଲେ। ହେଲେ ଡ୍ରାଇଭର ବସ୍‌କୁ ପଛକୁ ନେବାର ପ୍ରୟାସ କରିବାରୁ ଅତ୍ୟାଧୁନିକ ବନ୍ଧୁକ ଧରି ଡକାୟତ ବସ୍ ଉପରକୁ ଗୁଳି ଚଳାଇଥିଲେ। ଖେଳାଳି ଓ ସପୋର୍ଟ ଷ୍ଟାଫ୍ ପ୍ରାଣ ବଞ୍ଚାଇବା ପାଇଁ ମୁଣ୍ଡ ତଳକୁ କରି ବସ୍ ମଧ୍ୟରେ ଶୋଇ ଯାଇଥିଲେ। ହେଲେ ଫ୍ରିମ୍‌ପଙ୍ଗ୍‌ଙ୍କ ଶରୀରରେ ଗୁଳି ବାଜିଥିଲା ଏବଂ ହସ୍‌ପିଟାଲରେ ତାଙ୍କୁ ମୃତ ଘୋଷଣା କରା ଯାଇଥିଲା। ଡକାୟତମାନେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କଠାରୁ ଟଙ୍କା, ସୁନା ଅଳଙ୍କାର, ମୋବାଇଲ୍ ଫୋନ୍ ଓ ଅନ୍ୟ ମୂଲ୍ୟବାନ ଜିନିଷ ନେଇ ଚାଲି ଯାଇଥିଲେ।

### ମହିଳା ଟି-୨୦ ବିଶ୍ୱକପ୍‌ରେ ରେକର୍ଡ ପୁରସ୍କାର

## ଚାମ୍ପିଅନ ଦଳକୁ ମିଳିବ ୨୧.୮ କୋଟି ଟଙ୍କା

ଦୁବାଇ, ୧୩।୪ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପର ଆଗାମୀ ଦଶମ ସଂସ୍କରଣ ଜୁନ ୧୨ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏଥିଲାଗି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ରେକର୍ଡ ପରିମାଣର ପୁରସ୍କାର ରାଶି ଘୋଷଣା କରିଛି। ଏଥର ବିଶ୍ୱକପ୍‌ରେ ମୋଟ୍ ୮୭ ଲକ୍ଷ ୬୪ ହଜାର ୬୧୫ ଡଲାର (ଭାରତୀୟ ମୁଦ୍ରାରେ ୮୧.୮ କୋଟି) ପୁରସ୍କାର ରାଶି ପ୍ରଦାନ କରାଯିବ। ଗତ ୨୦୨୪ ସଂସ୍କରଣଠାରୁ ଏହା ୧୦ ପ୍ରତିଶତ ଅଧିକ। ଯେଉଁଥିରେ ଅଂଶଗ୍ରହଣକାରୀ ୧୦ଟି ଦଳକୁ ପୁରସ୍କାର ବାବଦରେ ମୋଟ୍ ୭୯ ଲକ୍ଷ ୫୮ ହଜାର ଡଲାର ପ୍ରଦାନ କରାଯାଇଥିଲା। ଏଥର ଯେଉଁ ଦଳ ବିଶ୍ୱକପ୍‌ରେ ଚାମ୍ପିଅନ ହେବ ୨୩.୪୦ ଲକ୍ଷ ଡଲାର ସାଥୀରେ ଘରକୁ ନେବ। ଯାହାକି ଭାରତୀୟ ମୁଦ୍ରାରେ ୨୧.୮ କୋଟି ଟଙ୍କା ହେବ। ନିକଟରେ ପୁରୁଷ ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳ ୨.୪୫ ମିଲିୟନ ଡଲାର (ପ୍ରାୟ ୨୨.୮୭ କୋଟି) ଟଙ୍କା ପାଇଥିଲା। ଅପରପକ୍ଷରେ ଉପବିଜେତା ଦଳକୁ ପାଖାପାଖି ୧୦ କୋଟି ଟଙ୍କା (୧୧.୭୦ ଲକ୍ଷ ଡଲାର) ପୁରସ୍କାର ଦିଆଯିବ। ସେମିଫାଇନାଲରେ ପରାଜିତ ଦଳ ୬.୨୯ କୋଟି (୬.୭୫ ଲକ୍ଷ ଡଲାର) ଲେଖାଏ ପାଇବେ। ଏହାବାଦ୍ ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ମ୍ୟାଚ୍ ଜିତିଥିବା ଦଳକୁ ୨୯ ଲକ୍ଷ ଟଙ୍କା (୩୧,୧୫୪ ଡଲାର) ମିଳିବ। ସେହିଭଳି ଏଥର ଅଂଶଗ୍ରହଣ କରୁଥିବା ୧୨ଟି ଦଳକୁ ୨.୩୧ କୋଟି ଟଙ୍କା ଆଇସିସି ପ୍ରଦାନ କରିବ। ଜୁନ ୧୨ରେ ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ମହିଳା ଟି-୨୦ ବିଶ୍ୱକପର ଉଦଘାଟନୀ ମ୍ୟାଚ୍ ଖେଳାଯିବ।୨୪ ଦିନ ଧରି ୭ଟି ଭେନ୍ୟୁରେ ମୋଟ୍ ୩୩ଟି ମ୍ୟାଚ୍ ଅନୁଷ୍ଠିତ ହେବ।




୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## କ୍ରିକେଟ୍, ହକି ସାମିଲ ହେବ: କ୍ରୀଡ଼ାମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୪ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୪ତମ ସଂସ୍କରଣ ୨୦୩୦ରେ ଭାରତର ଅହମ୍ମଦାବାଦରେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟରେ ଭାରତର ଦୁଇ ଲୋକପ୍ରିୟ କ୍ରୀଡ଼ା କ୍ରିକେଟ୍ ଓ ହକିକୁ ସାମିଲ କରାଯିବ। ସେହିଭଳି କବାଡ଼ି, ମାଲଖମ୍ବ, ଖୋ-ଖୋ ଓ ଯୋଗ କ୍ରୀଡ଼ାକୁ ନେଇ ବିଚାର ଚାଲିଛି। ଏଥିରୁ ଦୁଇଟି କ୍ରୀଡ଼ାକୁ ମଧ୍ୟ ସାମିଲ କରାଯିବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ସୋମବାର ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରତିନିଧି ମଣ୍ଡଳୀ ଗତ ସପ୍ତାହରେ ଭାରତ ଗସ୍ତରେ ଆସି କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସଭାପତି ଡୋନାଲ୍ଡ ରୁକାରେ, ସିଇଓ କେଟି ସାଲଲେର୍, ନିର୍ଦ୍ଦେଶକ ଡାରେନ ହଲ୍, କ୍ରୀଡ଼ା ନିର୍ଦ୍ଦେଶକ ଆନ୍ନ-ଲୁଇସ ମୋର୍ଗାନ ଓ ଇଭେଣ୍ଟ ଏକ୍ସପର୍ଟ ନେଲ୍ କାର୍ନେ ସାମିଲ ଥିଲେ। ଏହି ସାକ୍ଷାତ୍‌କାରରେ ୨୦୩୦ ସଂସ୍କରଣରେ କେଉଁ ୧୭ଟି କ୍ରୀଡ଼ାକୁ ସାମିଲ କରାଯିବ ତାହାକୁ ନେଇ ଆଲୋଚନା ହୋଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଗ୍ଲାସଗୋରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ୧୦ଟି କ୍ରୀଡ଼ାକୁ ନେଇ ଅନୁଷ୍ଠିତ ହେବ। ଯେଉଁଥିରେ କ୍ରିକେଟ୍, ହକି ସାମିଲ ନାହିଁ। କିନ୍ତୁ ଭାରତରେ ହେବାକୁ ଥିବା ପରବର୍ତ୍ତୀ ସଂସ୍କରଣରେ ଆଉ ୭ଟି ଅଧିକ କ୍ରୀଡ଼ାକୁ ସାମିଲ କରାଯିବ।

## ମୋଣ୍ଟେ କାର୍ଲୋ ମାଷ୍ଟର୍ସ ଜିତି ଶୀର୍ଷକୁ ଫେରିଲେ ସିନ୍ନର

ପ୍ୟାରିସ, ୧୩।୪ (ଏଜେନ୍ସି): ଫ୍ରାନ୍ସରେ ଅନୁଷ୍ଠିତ ମୋଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟର ୧୧୯ତମ ସଂସ୍କରଣରେ ଇଟାଲୀର ଜାନିକ ସିନ୍ନର ଚାମ୍ପିଅନ ହୋଇଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ବିଶ୍ୱର ୨ ନମ୍ବର ଖେଳାଳି ସିନ୍ନର ୭-୬ (୭/୫), ୬-୩ ସେଟ୍‌ରେ ଶୀର୍ଷ ମାନ୍ୟତା ତଥା ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲ୍‌କାରାଜକୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ସିନ୍ନରଙ୍କୁ ୨ ଘଣ୍ଟା ୧୫ ମିନିଟ୍ ସମୟ ଲାଗିଥିଲା। ବିଜୟ ସହ ୨୪ ବର୍ଷୀୟ ସିନ୍ନର ଚଳିତ ସିଜନରେ କ୍ରମାଗତ ୩ୟ ମାଷ୍ଟର୍ସ-୧୦୦୦ ଟାଇଟଲ୍ ଜିତିଛନ୍ତି। ଏଥିପୂର୍ବରୁ ସେ ଇଣ୍ଡିଆନ ୱେଲ୍ସ ଓ ମିଆମି ଓପନ୍‌ରେ ଟାଇଟଲ୍ ହାସଲ କରିଥିଲେ। ସେହିଭଳି ଚାମ୍ପିଅନ ସହ ସିନ୍ନର ୬ ମାସ ପରେ ଏଟିପି ମାନ୍ୟତାର ଏକ ନମ୍ବର ସ୍ଥାନକୁ ଫେରିଛନ୍ତି। ୧୩,୩୫୦ ପଏଣ୍ଟ ସହ ସିନ୍ନର ଶୀର୍ଷରେ ରହିଛନ୍ତି। ଫାଇନାଲରେ ପରାସ୍ତ ସହ ଆଲକାରାଜ (୧୨,୯୧୦ ପଏଣ୍ଟ) ଦ୍ୱିତୀୟ ସ୍ଥାନକୁ ଖସିଯାଇଛନ୍ତି। ଆଲେକ୍ସଜାଣ୍ଡର ଜ୍ୱେରେଭ, ନୋଭାକ ଜୋକୋଭିଚ୍ ଓ ଫେଲିକ୍ସ ଏଗର ଯଥାକ୍ରମେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।



### ପ୍ରଥମ ୨୦ଟି ମ୍ୟାଚ୍‌ରେ ଆଇପିଏଲ୍ ରେକର୍ଡ

## ୨୦ଥର ହୋଇଛି ୨୦୦ରୁ ଅଧିକ ସ୍କୋର୍

ନୂଆଦିଲ୍ଲୀ,୧୩।୪(ଏଜେନ୍ସି): ୨୦୨୬ରେ ଅନୁଷ୍ଠିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୯ତମ ସଂସ୍କରଣରେ ଖେଳାଯାଇଥିବା ପ୍ରଥମ ୨୦ଟି ମ୍ୟାଚ୍‌ରେ ପୂର୍ବର ସମସ୍ତ ରେକର୍ଡ ଅତିକ୍ରମ ହୋଇଛି। ଏହା ଫଳରେ ଚଳିତ ଆଇପିଏଲ୍‌କୁ ସବୁଠାରୁ ବିସ୍ଫୋରକ ଟୁର୍ଣ୍ଣାମେଣ୍ଟ ଭାବେ ବର୍ଣ୍ଣନା କରାଯାଉଛି। ଏହି ସିଜନର ପ୍ରଥମ ୨୦ଟି ମ୍ୟାଚ୍‌ର ଗୋଟିଏ ଇନିଂସରେ ୨୦ଥର ୨୦୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଛି। ମ୍ୟାଚ୍‌ରେ ଓଭର ପ୍ରତି ୧୦ ହାର, ପାୱାର ପ୍ଲେ'ରେ ୧୦.୪୪ ହାର, ୧୨୪ ଛକା, ପ୍ରତି ୧୧.୧ ବଲ୍‌ରେ ଛକା, ପ୍ରତି ୫.୪ ବଲ୍‌ରେ ଚୌକା ଓ ପ୍ରତି ୩.୬ ବଲ୍‌ରେ ବାଉଣ୍ଡାରୀ ସ୍କୋର ହୋଇଛି। ବ୍ୟାଟିଂ ଟେକ୍ନିକ୍‌ରେ ଉନ୍ନତି, ବ୍ୟାଟରଙ୍କ ଭୟଶୂନ୍ୟ ଖେଳ ଏବଂ ଇମ୍ପାକ୍ଟ ସବ୍ ଯୋଗୁଁ ଏହା ସମ୍ଭବ ହୋଇଛି।

ପ୍ରଥମ ୨୦ଟି ମ୍ୟାଚ୍‌ର ପରିସଂଖ୍ୟାନକୁ ଦେଖିଲେ ୨୦୨୫ରେ ଓଭର ପ୍ରତି ୯.୫୨ ରନ୍ ଓ ୧୨.୭୮ ବଲ୍‌ରେ ଗୋଟିଏ ଛକା ହୋଇଥିଲା। ୨୦୨୬ରେ ଏଥିରେ ଉନ୍ନତି ହୋଇଛି। ଚଳିତ ସିଜନର ପ୍ରଥମ ୨୦ଟି ମ୍ୟାଚ୍‌ରେ ଓଭରପ୍ରତି ୧୦ରନ୍ ଓ ପ୍ରତି ୧୨.୨୪ ବଲ୍‌ରେ ଗୋଟିଏ ଛକା ମରାଯାଇଛି। ଏହା ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ସେହିପରି ପାୱାର ପ୍ଲେ' ପ୍ରଦର୍ଶନକୁ ଦେଖିଲେ ଗତ ସିଜନରେ ଓଭର ପ୍ରତି ୯.୫୨ ହାରରେ ରନ୍ ସ୍କୋର ହୋଇଥିଲା। ଏଥର ଏହି ସଂଖ୍ୟା ୧୦.୪୪କୁ ବୃଦ୍ଧି ପାଇଛି। ଏହା କେବଳ ଏହି ବର୍ଷ ହୋଇନାହିଁ। ଗତ ୫ ବର୍ଷରେ ଏହା କ୍ରମାଗତ ପରିବର୍ତ୍ତନ ହୋଇଆସୁଛି। ପାୱାର ପ୍ଲେ'ରେ ଓଭର ପ୍ରତି ରନ୍ ସଂଗ୍ରହ ହାରକୁ ଦେଖିଲେ ଏହା ୨୦୨୨ରେ ୭.୪୯ ଥିଲା। ଏବେ ୨୦୨୬ରେ ୩୯ ଶତକଡ଼ା ବୃଦ୍ଧି ପାଇଛି। ମିଡଲ ଓଭରରେ ରନ୍ ହାର ସାମାନ୍ୟ ବୃଦ୍ଧି ପାଇଥିଲା ବେଳେ ଡେଥ ଓଭରରେ ଏହା କମିଯାଇଛି। ପାୱାର ପ୍ଲେ'ରେ ଗତବର୍ଷ ୧୪.୪୮ ବଲ୍‌ରେ ଗୋଟିଏ ଛକା ହୋଇଥିଲା। ଏଥର ଏହି ସଂଖ୍ୟା ୧୧.୦୫କୁ କମିଆସିଛି। ଏଥର ପ୍ରଥମ ୨୦ଟି ମ୍ୟାଚ୍‌ରେ ୧୨୪ଟି ଛକା ଓ ୨୫୫ଟି ଚୌକା ମରାଯାଇଛି। ଏହାର ଅର୍ଥ ପ୍ରତି ୧୧.୧ ବଲ୍‌ରେ ଗୋଟିଏ ଛକା ଓ ପ୍ରତି ୫.୪ ବଲ୍‌ରେ ଗୋଟିଏ ଚୌକା ମରାଯାଇଛି। ପ୍ରତି ୩.୬ ବଲରେ ଗୋଟିଏ ବାଉଣ୍ଡରୀ ମରାଯାଇଛି।



ଏହି ୨୦ଟି ମ୍ୟାଚ୍‌ରେ ଏଥର ୨୦ଥର ଗୋଟିଏ ଇନିଂସରେ ୨୦୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଛି। ଆଇପିଏଲ୍‌ରେ ଏହା ସବୁଠାରୁ ଅଧିକ। ଗତବର୍ଷ ଏହା ୧୧ଥର ସ୍କୋର ହୋଇଥିଲା। କୋଲକାତାରେ ବାତିଲ ହୋଇଥିବା ଓ ଗୌହାଟୀରେ ୧୧ ଓଭର ବିଶିଷ୍ଟ ବ୍ୟାଚ୍‌କୁ ବାଦ୍ ଦେଲେ ପ୍ରଥମେ ବ୍ୟାଟିଂ କରିଥିବା ୧୮ଟି ଇନିଂସ ମଧ୍ୟରୁ ୧୧ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ହୋଇଛି। ଏହି ସମୟରେ ୧୧ଥର ୨୦୦ରୁ ଅଧିକ ରନ୍ ଚେଜ୍ କରିବାକୁ ଟାର୍ଗେଟ ଥିଲା। ଏହା ମଧ୍ୟରୁ ୫ଥର ସଫଳତାର ସହ ୨୦୦ରୁ ଅଧିକ ରନ୍ ଚେଜ୍ ହୋଇଛି। କୋଲକାତା ପ୍ରଦତ୍ତ ୨୨୦ ରନ୍‌ର ଟାର୍ଗେଟକୁ ମୁମ୍ବଇ ୫ଟି ବଲ ବାକିଥାଇ ହାସଲ କରିବା ପ୍ରଥମ ୨୦ଟି ମ୍ୟାଚ୍‌ରେ ଥିଲା ସର୍ବାଧିକ ରନ୍ ଚେଜ୍। ଏହି ୨୦ଟି ମ୍ୟାଚ୍‌ରେ ହାରିଥିବା ଦଳ ଟାର୍ଗେଟର ନିକଟରେ ପହଞ୍ଚିଥିଲା। ଏହା ମଧ୍ୟରୁ ରାଜସ୍ଥାନ ରୟାଲ୍ସଠାରୁ ଗୁଜରାଟ ଟାଇଟାନ୍ସ ୬ରନ୍‌ରେ ଓ ଗୁଜରାଟଠାରୁ ୧ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ରୋମାଞ୍ଚକ ମୁକାବିଲାରେ ପରାଜିତ ହୋଇଛି।

ଏହି ସମୟରେ ବ୍ୟକ୍ତିଗତ ଭାବେ ୪୮ଟି ଅର୍ଦ୍ଧଶତକ ସ୍କୋର ହୋଇଛି। ଏହା ମଧ୍ୟରୁ ୨୦ରୁ କମ୍ ବଲ୍‌ରେ ୫ଥର ଓ ୨୫ରୁ କମ୍ ବଲ୍‌ରେ ୧୪ଥର ଅର୍ଦ୍ଧଶତକ ହୋଇଛି। ଗତବର୍ଷ ଏହି ସମୟରେ ୪୪ଟି ଅର୍ଦ୍ଧଶତକ ହୋଇଥିଲାବେଳେ ମାତ୍ର ଥରେ ୨୦ରୁ କମ୍ ବଲ୍‌ରେ ଅର୍ଦ୍ଧଶତକ ପୂରଣ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS